


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୩୦ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 30 OCTOBER 2021

Vol.No. 32 ■ No. 276 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ମୁହଁ ଖୋଲିଲେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର

### କହିଲେ ଏହି ଅପରାଧ ସହ ମୋର କୌଣସି ସମ୍ପର୍କ ନାହିଁ



ଭୁବନେଶ୍ୱର,୨୯/୧୦(ନି.ପ୍ର): ମମିତା ମେହେର ହତ୍ୟା ମାମଲାରେ ମୁହଁ ଖୋଲିଲେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର । ବହୁ ବାଦ ବିବାଦ ପରେ ଶେଷରେ ବିବୃତି ରଖିଛନ୍ତି ମନ୍ତ୍ରୀ । ନିଜ ପ୍ରତିକ୍ରିୟାରେ କ୍ୟାପଟେନ କହିଛନ୍ତି ଏହି ଅପରାଧ ସହ ମୋର କୌଣସି ସମ୍ପୃକ୍ତି ନାହିଁ । ମମିତା ଘଟଣାରେ କିଛି ଗଣମାଧ୍ୟମ ମୋତେ ବଦନାମ କରିଛନ୍ତି । ତେବେ ମମିତା ମେହେରଙ୍କ ମୃତ୍ୟୁ ପାଇଁ ସେ ଦୁଃଖିତ ଓ ମର୍ମାହତ । ଜଣେ ବାପା ଓ ମମିତାଙ୍କ ପରିବାର କେମିତି ଦୁଃଖ ଓ ଯନ୍ତ୍ରଣାରେ ଥିବେ ତାହା ମୁଁ ବୁଝିପାରୁଛି । ମମିତାଙ୍କ ପରିବାର ପ୍ରତି ମୋର ଗଭୀର ସମବେଦନା ରହିଛି । ଆଇନ ଅନୁଯାୟୀ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ମନ୍ତ୍ରୀ ନିଜ ବିବୃତିରେ କହିଛନ୍ତି । ଏହି ଘଟଣାରେ କିଛି ଗଣମାଧ୍ୟମ ମୋତେ ବଦନାମ କରିବା ଆରମ୍ଭ କଲେ । ମୋ ଚରିତ୍ର ସଂହାର ଅଭିଯାନ ମୋ ପରିବାରକୁ ଆଘାତ ଦେଇଛି । ମୁଁ ବ୍ୟଥିତ ହେଲି ଯେତେବେଳେ ମିଥ୍ୟା ଆଧାରରେ କିଛି ଗଣମାଧ୍ୟମ ମୋ ବିରୋଧରେ ବଦନାମ ଗାଇବା ଆରମ୍ଭ କଲେ । ତେଣୁ ୩ଟି ଗଣମାଧ୍ୟମ ନାଁରେ ମାନହାନୀ ମୋକଦ୍ଦମା କରିଛି । ମନଗଢା ଅଭିଯୋଗ ଆଣିବାରୁ ଏହି ପଦକ୍ଷେପ ସେ ନେଇଛନ୍ତି ବୋଲି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଛନ୍ତି । ଏହାରି ଭିତରେ ବିରୋଧୀଙ୍କୁ ପ୍ରମାଣ ମାଗିଲେ ମନ୍ତ୍ରୀ । ଯଦି ଏହି ପ୍ରସଙ୍ଗରେ ମୋ ବିରୁଦ୍ଧରେ କିଛି ପ୍ରମାଣ ଅଛି ତେବେ ଦୟାକରି ପୋଲିସ କିମ୍ବା କୋର୍ଟରେ ଦାଖଲ କରନ୍ତୁ । ମୁଁ କେବଳ ମୋ ପଦରୁ ଇସ୍ତଫା ଦେବିନି ବରଂ ସାଧାରଣ ଜୀବନରୁ ସନ୍ୟାସ ନେବି ବୋଲି ବିରୋଧୀ ରାଜନୈତିକ ଦଳ ଓ ଗଣମାଧ୍ୟମକୁ କହିଛନ୍ତି ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ।

## ସୁନ୍ଦରଗଡଠାରେ ଏମସ୍ ସ୍ଥାପନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦାବି



ଭୁବନେଶ୍ୱର,୨୯/୧୦ (ନି.ପ୍ର): ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କ ନିକଟରେ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତା' ସହିତ ସୁନ୍ଦରଗଡ଼ରେ ଏନ୍‌ଟିପିସି ଦ୍ୱାରା ନିର୍ମିତ ହୋଇଥିବା ୫୦୦ ଶଯ୍ୟା, ୧୦୦ ସିଟ୍ ବିଶିଷ୍ଟ ମେଡିକାଲ କଲେଜ ଏବଂ ତାଳଚେରର ଏମ୍‌ସିଏଲ୍ ମେଡିକାଲ କଲେଜ ଓ ହସ୍ପିଟାଲକୁ ଯଥାଶୀଘ୍ର କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ନବୀନ ପଟ୍ଟନାୟକ। ଉଭୟଙ୍କ ମଧ୍ୟରେ ସାକ୍ଷାତ ବେଳେ କ୍ଲିନ ଏନର୍ଜି ସେସ୍ ନେଇ ଆଲୋଚନା ହୋଇଥିଲା। ଓଡ଼ିଶାରୁ ବର୍ଷକୁ ୫୦ ହଜାର କୋଟି ଟଙ୍କାର କ୍ଲିନ ଏନର୍ଜି ସେସ୍ ସଂଗ୍ରହ କରାଯାଉଥିବା ବେଳେ ଏହାର ୬୦ ପ୍ରତିଶତ ଅର୍ଥାତ ୩୦ ହଜାର କୋଟି ଟଙ୍କା ରାଜ୍ୟକୁ ପ୍ରଦାନ କରିବାକୁ ଦାବି କରିଛନ୍ତି ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ କୋଇଲା ଓ ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ ସହ ଆଶିଷ ଲାଭ କରିଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀଙ୍କ ସହ ଥିଲେ ରେଳ ରାଷ୍ଟ୍ରମନ୍ତ୍ରୀ ରାଓ ସାହେବ ଦାନବେ। ଉଭୟ ସିଂହଦ୍ୱାରଠାରେ ପହଞ୍ଚିବା ପରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଦର୍ଶନ ସମୟରେ ପୁରୀ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ, ସେବାୟତ ଓ ବିଜେପୀ କର୍ମୀମାନେ ଉପସ୍ଥିତ ରହିଥିଲେ। ମହାପ୍ରଭୁଙ୍କ ଦର୍ଶନ ସହ ବିମଳା ଓ ମହାଲକ୍ଷ୍ମୀଙ୍କ ଦର୍ଶନ ସହ ବେଢ଼ା ପରିକ୍ରମା କରିଥିଲେ। ପରେ ଉଭୟ ମନ୍ତ୍ରୀ ମହାପ୍ରଭୁଙ୍କ ମହାପ୍ରସାଦ ସେବନ କରିଥିଲେ।

## ବାଣ ଫୁଟିଲେ ବଢ଼ିପାରେ କରୋନା

ଭୁବନେଶ୍ୱର,୨୯/୧୦ (ନି.ପ୍ର): ବାଣ ଫୁଟିଲେ କରୋନା ବଢ଼ିପାରେ। ଏଭଳି ସତର୍କ ସୂଚନାୟ ଦେଇଛନ୍ତି ଡିଏମଇଟି ଡା. ସିବିକେ ମହାନ୍ତି। ସେ କହିଛନ୍ତି, ବର୍ତମାନ କରୋନା ରହିବା ଓ ବଢ଼ିବା ଚିନ୍ତାଜନକ ବିଷୟ। ସେଥିପାଇଁ ସମସ୍ତେ ସତର୍କ ରହିବା ଉଚିତ। ଆଗକୁ ଦୀପାବଳି ଅଛି। ଏହା ପାର୍ବଣର ସମୟ। ଏଣୁ କରୋନା ସଂକ୍ରମଣ ବଢ଼ିବାର ଆଶଙ୍କା ରହିଛି। ଆମ ସଂସ୍କୃତିରେ ଦୀପାବଳିରେ ବାଣ ଫୁଟାଇବାର ପରମ୍ପରା ରହିଛି। ବାଣ ଫୁଟାଇଲେ ବାୟୁ ପ୍ରଦୂଷଣ ହୁଏ। ବାୟୁ ପ୍ରଦୂଷଣ ହେଲେ ଗୁଡ଼ାଏ ଟାକ୍ସିକ ପଦାର୍ଥ ବାୟୁମଣ୍ଡଳକୁ ଯାଏ। ଯାହାକି କ୍ଷତିକାରକ ବୋଲି ଡାକ୍ତର ମହାନ୍ତି କହିଛନ୍ତି। ବାଣ ଫୁଟାଇଲେ ନାଇଟ୍ରିକ୍ ଡାଇଅକ୍ସାଇଡ୍ ବାହାରିଥାଏ। ଯାହାକି କରୋନା ଭୂତାଣୁ ବୃଦ୍ଧିରେ ସାହାଯ୍ୟ କରିଥାଏ। ତେଣୁ ଏଥିପ୍ରତି ସତର୍କ ରହିବାକୁ ପଡ଼ିବ। ସରକାର ଜାରି କରିଥିବା ଗାଇଡ୍‌ଲାଇନ୍ ମାନିଲେ କରୋନା ନିୟନ୍ତ୍ରଣରେ ରହିବ ବୋଲି ଡାକ୍ତର ମହାନ୍ତି କହିଛନ୍ତି।

## ରାଜଧାନୀରେ ଡ୍ରାଇଭର ମହାସଂଘର ବିଶାଳ ରାଲି




ଭୁବନେଶ୍ୱର,୨୯/୧୦ (ନି.ପ୍ର): ୧୦ ଦଫା ଦାବି ନେଇ ଓଡିଶା ଡ୍ରାଇଭର ମହାସଂଘ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛି। ହଜାର ହଜାର ସଂଖ୍ୟାରେ ଡ୍ରାଇଭର ହାତରେ ପ୍ଲାକାର୍ଡ ଧରି ନବୀନ ନିବାସ ଆଡକୁ ଅଗ୍ରସର ହୋଇଥିଲେ। ତେବେ ସରକାରଙ୍କ ସହ ଆଲୋଚନା ପରେ ସେମାନେ ଆନ୍ଦୋଳନରୁ ଓହରିଥିବା ଜଣାପଡିଛି। କରୋନା ଯୋଦ୍ଧା ମାନ୍ୟତା ,୨୦ ଲକ୍ଷ ଟଙ୍କାର ବୀମା ଓ ଆର୍ଥିକ ସହାୟତା ଆଦି ଦାବିରେ ଓଡିଶାର ବିଭିନ୍ନ ଜିଲ୍ଲାରୁ ଆସି ଆଜି ରାଜଧାନୀରେ ହଜାର ହଜାର ସଂଖ୍ୟାରେ ଡ୍ରାଇଭର ପହଂଚିଥିଲେ। ରାଜଧାନୀ ରାଜରାସ୍ତାରେ ଓଡିଶା ଡ୍ରାଇଭର ମହାସଂଘର ବିଶାଳ ଶୋଭାଯାତ୍ରା ହେତୁ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିଲା। ରସୁଲଗଡ଼, ବାଣୀବିହାର ହୋଇ ହଜାର ହଜାର ଡ୍ରାଇଭର ହାତରେ ପ୍ଲାକାର୍ଡ ଧରି ବିଭିନ୍ନ ନାରା ଦେଇ ନବୀନ ନିବାସ ଅଭିମୁଖେ ଯାଇଥିଲେ। ଏଥିଯୋଗୁଁ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଘଟଣାରେ ଡ୍ରାଇଭରଙ୍କ ମୃତ୍ୟୁ ହେଲେ ତାଙ୍କ ପରିବାର ପାଇଁ ୨୦ ଲକ୍ଷ ଟଙ୍କାର ଇନସୁରାନ୍ସ ତଥା ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ, ପ୍ରତି ୧୦୦ କିମି ଦୂରତାରେ ବସ୍ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉ । ଏହାବାଦ

▶▶ପୃଷ୍ଠା ୭

## ମନରେଗା ଟଙ୍କା ବଣ୍ଟନକୁ ନେଇ ବୋମାମାଡ

ଆସିକା,୨୯/୧୦ (ନି.ପ୍ର): ମନରେଗା ଟଙ୍କା ବଣ୍ଟନକୁ ନେଇ ସାମାନ୍ୟ ବଚସାରୁ ହୋଇଛି ବୋମାମାଡ଼। ଏଥିରେ ଦୁଇ ଜଣ ଆହତ ହୋଇଛନ୍ତି। ଘଟଣାଟି ଘଟିଛି ଗଞ୍ଜାମ ଜିଲ୍ଲା ଆସିକାର ଗାଙ୍ଗପୁର ଥାନା ଅନ୍ତର୍ଗତ ପଣିବନ୍ଧ ଗାଁରେ। ଆହତ ଦୁଇ ଜଣ ହେଲେ ଟୁକୁନା ସ୍ୱାଇଁ ଓ ଭୋଳା ସ୍ୱାଇଁ। ଟୁକୁନାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଭୋଳାକୁ ଆସିକା ଉପଖଣ୍ଡ

▶▶ପୃଷ୍ଠା ୭

## ୫ ପୃଷ୍ଠାର ବେଲ ଅର୍ଡରରେ ଆର୍ୟନଙ୍କ ପାଇଁ ୧୪ ସର୍ତ୍ତ ରଖିଲେ ହାଇକୋର୍ଟ



ମୁମ୍ବାଇ,୨୯/୧୦ (ନି.ପ୍ର): ମେଗାଷ୍ଟାର ଶାହରୁଖ ଖାନଙ୍କ ପୁଅ ଆର୍ୟନଙ୍କୁ ଜେଲରୁ ଖଲାସ କରିବାକୁ ବମ୍ବେ ହାଇକୋର୍ଟ ୫ ପୃଷ୍ଠାର ବେଲ ଅର୍ଡର ଜାରି କରିଛନ୍ତି। ଗତକାଲି ହାଇକୋର୍ଟ ଜାମିନ ଆବେଦନ ଉପରେ ମୋହର ମାରିଥିବା ବେଳେ ଆଜି ବିଧିବଦ୍ଧ ଭାବେ ନିର୍ଦ୍ଦେଶନାମା ଜାରି କରିଛନ୍ତି। କୋର୍ଟ ଜାମିନ ପାଇଁ ଆର୍ଯ୍ୟନ ଓ ମୁମ୍ବାଇ ଡ୍ରଗ୍ସ ପାର୍ଟି ଘଟଣାରେ ଗିରଫ ଅରବାଜ ମର୍ଚ୍ଚାଣ୍ଟ ଓ ମୁନମୁନ ଧମେଚାଙ୍କ ପାଇଁ ୧୪ଟି ସର୍ତ୍ତ ଲାଗୁ କରିଛନ୍ତି। ଏଥିରେ ଆର୍ଯ୍ୟନ ଓ ଅନ୍ୟ ଅଭିଯୁକ୍ତମାନେ ବିନା ଅନୁମତିରେ ମୁମ୍ବାଇ ବାହାରକୁ ଯାଇ ପାରିବେ ନାହିଁ ଓ ପ୍ରତି ଶୁକ୍ରବାର ଏନସିବି ଅଫିସରେ ହାଜିରା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜାମିନ ପାଇଁ ସମସ୍ତ ୩ ଅଭିଯୁକ୍ତ ୧ ଲକ୍ଷ ଟଙ୍କାର ବଣ୍ଡ ଓ ନିଜର ପାସପୋର୍ଟ ଏନଡିପିଏସ୍ କୋର୍ଟରେ ଦାଖଲ କରିବେ। ଏହାପରେ ଏନଡିପିଏସ୍ କୋର୍ଟ ଆର୍ଯ୍ୟନ, ଅରବାଜ ଓ ମୁନମୁନ ଧମେଚାଙ୍କ ରିଲିଜ୍ ଅର୍ଡର ଜାରି କରିବେ। ଏହାକୁ ଆର୍ଥର ରୋଡ ଜେଲ କର୍ତ୍ତୃପକ୍ଷଙ୍କୁ ସନ୍ଧ୍ୟା ୫.୩୦ ପୂର୍ବରୁ ଦେବାକୁ ପଡ଼ିବ। ଏପରି ହେଲେ ଆର୍ଯ୍ୟନ ଆଜି ଜେଲରୁ ବାହାରିବେ। ନଚେତ ତାଙ୍କୁ ପୁଣି ଗୋଟିଏ ରାତି ଜେଲରେ କାଟିବାକୁ ପଡ଼ିବ। କୋର୍ଟ ଜାମିନ କରିଥିବା ସର୍ତ୍ତ ଗୁଡ଼ିକ ହେଲା- ଅଭିଯୁକ୍ତମାନେ ସ୍ୱତନ୍ତ୍ର କୋର୍ଟରେ ସେମାନଙ୍କ ପାସପୋର୍ଟ ଦାଖଲ କରିବେ। ଅଭିଯୁକ୍ତମାନେ ଘଟଣା ସମ୍ପର୍କରେ କୌଣସି

▶▶ପୃଷ୍ଠା ୭

## ପଶ୍ଚିମବଙ୍ଗ ପରେ ଗୋଆରେ ଖେଳା ହୋବେ



ପାଣାଜୀ,୨୯/୧୦ (ନି.ପ୍ର): ପଶ୍ଚିମବଙ୍ଗ ପରେ ଗୋଆରେ ଖେଳା ହୋବେ ନାରା ଦେଇ ଟିଏମସି ପାଇଁ ଆଜି ଠାରୁ ବିଧିବଦ୍ଧ ଭାବେ ପ୍ରଚାର ଆରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ଆସନ୍ତାବର୍ଷ ଗୋଆରେ ବିଧାନସଭା ନିର୍ବାଚନ ହେବ। ଏଥିପାଇଁ ଆଜି ପ୍ରଥମଥର ପାଇଁ ଗୋଆ ଗସ୍ତରେ ଯାଇଛନ୍ତି ମମତା। ମମତାଙ୍କ ଉପସ୍ଥିତିରେ ଟେନିସ ତାରକା ଲିଆଣ୍ଡର ପେସ୍ ଟିଏମସିରେ ମିଶିଛନ୍ତି। ଭୋଟରଙ୍କୁ ଗୋଆରେ ଆକୃଷ୍ଟ କରିବା ପାଇଁ ମମତା ଟିଏମସିର ନାରା ଖେଲା ହୋବେ ଉଚ୍ଚାରଣ କରିଛନ୍ତି। ପ୍ରଥମ ଦିନରେ ସେ ସ୍ଥାନୀୟ ମାର୍କେଟକୁ ଯାଇ ୨ କେଜି ମାଛ କିଣିଛନ୍ତି। ଏଥିପାଇଁ ମମତା ୧୦୦୦ ଟଙ୍କା ମଧ୍ୟ ଦେଇଛନ୍ତି। ମମତାଙ୍କ ଗୋଆ ଗସ୍ତର ଭିଡିଓକୁ ଟିଏମସି ପୋଷ୍ଟ କରିଛି।

▶▶ପୃଷ୍ଠା ୭

## ବିଜେଡିରେ ଯୋଗ ଦେଲେ ବିଶ୍ୱରଞ୍ଜନ



ଭୁବନେଶ୍ୱର,୨୯/୧୦(ନି.ପ୍ର): ହାତକୁ ବାଏ ବାଏ କଲେ, ପଦ୍ମକୁ ପର କଲେ ଆଉ ଏବେ ଶଙ୍ଖ ଧରିଛନ୍ତି ଯୁବନେତା ବିଶ୍ୱରଞ୍ଜନ ମଲ୍ଲିକ । ବିଜେଡି କାର୍ଯ୍ୟାଳୟରେ ବରୀର ବିଶ୍ୱରଞ୍ଜନ ମଲ୍ଲିକ ଆଜି ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି । ଶତାଧିକ ସମର୍ଥକଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି ବିଶ୍ୱ । ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ବରୀ ବିଧାୟିକା ସୁନନ୍ଦା ଦାଶ ଓ ଯାଜପୁରର ଅନ୍ୟ ନେତାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି ବିଶ୍ୱ । ବରୀର ବିକାଶ ଓ ନବୀନଙ୍କ ବିକାଶଧାରାକୁ ଆଗେଇ ନେବାକୁ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ବିଶ୍ୱରଞ୍ଜନ । ବିଶ୍ୱରଞ୍ଜନଙ୍କ ସହ ବରୀ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ଜିଲ୍ଲାପରିଷଦ ସଦସ୍ୟ ଓ ସରପଞ୍ଚ ଏବଂ ପୂର୍ବତନ ସରପଞ୍ଚ ମଧ୍ୟ ବିଜେଡିରେ ଯୋଗ ଦେଇଛନ୍ତି । ଏହାପୂର୍ବରୁ ବିଶ୍ୱରଞ୍ଜନ ୨୦୧୯ରେ ବିଜେପି ପ୍ରାର୍ଥୀ ଭାବେ ବରୀରୁ ନିର୍ବାଚନ ଲଢି ପରାଜିତ ହୋଇଥିଲେ । ବିଜେପିରେ ରହି ଓଡ଼ିଶାର ବିକାଶ ସମ୍ଭବ ନୁହେଁ ବୋଲି କହିଥିଲେ ବିଶ୍ୱରଞ୍ଜନ । ଏପରିକି ବିଜେପିରେ ଯେଉଁଭଳି ଗ୍ରୁପିଜିମ୍ ଚାଲିଛି ସେହି ଦଳରେ ରହିଲେ ଅଣନିଶ୍ୱାସୀ ଲାଗୁଛି ବୋଲି କହିଛନ୍ତି । ୨୦୧୯ରେ ବିଜେପି ଟିକେଟରେ ଲଢିବା ପୂର୍ବରୁ କଂଗ୍ରେସ ଦଳରେ ଥିଲେ ବିଶ୍ୱରଞ୍ଜନ । ତେବେ କଂଗ୍ରେସ ଟିକେଟ ନଦେବାରୁ ୨୦୧୪ରେ ସ୍ୱାଧୀନ ଭାବେ ଲଢି ଅଳ୍ପ ଭୋଟରେ ପରାଜିତ ହୋଇଥିଲେ । ଆଉ ଏବେ ବରୀର ବିକାଶଧାରାକୁ ଆଗେଇ ନେବାକୁ ବିଜେଡିରେ ସାମିଲ ହୋଇଥିବା କହିଛନ୍ତି ବିଶ୍ୱରଞ୍ଜନ ।

## ଭିଜିଲାନ୍ସ ପଞ୍ଝାରେ ବହିଷ୍କୃତ କନଷ୍ଟେବଲ: ୫ କୋଟି ଟଙ୍କାର ସମ୍ପତ୍ତି ଠାବ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତି ଥିବା ଅଭିଯୋଗରେ ନିକଟରେ ଚାକିରିରୁ ବହିଷ୍କୃତ ହୋଇଥିବା କନଷ୍ଟେବଲ ପ୍ରସନ୍ନ ବେହେରା ଏବେ ଭିଜିଲାନ୍ସ ପଞ୍ଝାରେ। ଆଜି ଭିଜିଲାନ୍ସ ଟିମ୍ ପ୍ରସନ୍ନଙ୍କ ବାସଭବନ ସମେତ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରିଛି। ଚଢ଼ଉ ବେଳେ ଜଣେ କନଷ୍ଟେବଲଙ୍କ ସମ୍ପତ୍ତି ଦେଖି ଭିଜିଲାନ୍ସ ଟିମ୍‌ର ଆଖି ଖୋସି ହୋଇଯାଇଛି। ରାଜଧାନୀରେ ଫ୍ଲାଟ୍, ଦୁଇଦୁଇଟି ଦାମୀ ଫର୍ଣ୍ଣିଚର୍ ସୋ'ରୁମ୍ ସହ ପ୍ରାୟ ୫ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତିର ମୂଲ୍ୟ ଆହୁରି ଅଧିକ ହେବ ବୋଲି ଭିଜିଲାନ୍ସ ଟିମ୍ ପକ୍ଷରୁ ଆକଳନ କରାଯାଇଛି। ଠାବ ହୋଇଥିବା

▶▶ପୃଷ୍ଠା ୭

## ବଙ୍ଗୋପସାଗରରେ ଲଘୁଚାପ : ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା

ଭୁବନେଶ୍ୱର,୨୯/୧୦(ନି.ପ୍ର): ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି । ଓଡ଼ିଶା ଉପରେ ଏହାର ସିଧା ପ୍ରଭାବ ନଥିଲେ ବି ଆଂଶିକ ପ୍ରଭାବ ପଡ଼ିବ । ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମର ଧରଣର ବର୍ଷା ସମ୍ଭାବନା । କାଲି ସକାଳ ୮ଟା ୩୦ ସୁଦ୍ଧା ଉପକୂଳ ଓଡିଶା ରେ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ଏହି ଲଘୁଚାପର କେନ୍ଦ୍ରରୁ ଏକ ନିମ୍ନଚାପରେଖା ବଙ୍ଗୋପସାଗର କୂଳରେ ବାୟୁମଣ୍ଡଳର ୧.୫ କିମି ଯାଏଁ ବ୍ୟାପିଛି । ଫଳରେ ଚଳିତ ସପ୍ତାହରେ କେରଳ, କର୍ଣ୍ଣାଟକ, ତାମଲନାଡୁ , ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାବେଳେ ଓଡିଶା ଉପକୂଳ ତଥା ତତ୍ ସଂଲଗ୍ନ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ବର୍ଷା ସମ୍ଭାବନା ରହିଛି । ରାଜ୍ୟର ୧୪ ଉପକୂଳ ତଥା ତତ୍ ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ୨୪ଘଣ୍ଟାରେ ରାଜ୍ୟର ଏକାଧିକ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷା ରେକର୍ଡ ହୋଇଛି । ମୁଖ୍ୟତଃ କେନ୍ଦ୍ରାପଡା, ଭଦ୍ରକ, ବାଲେଶ୍ୱର, ଜଗତସିଂହପୁର ଜିଲ୍ଲାରେ ବର୍ଷା। ରେକର୍ଡ କରାଯାଇଛି ।

▶▶ପୃଷ୍ଠା ୭

## ଶିକ୍ଷୟିତ୍ରୀ ମମିତା ମେହେରଙ୍କ ପରିବାରକୁ ଭେଟିଲେ ବିଜେପି କେନ୍ଦ୍ରୀୟ ପ୍ରତିନିଧି ଦଳ

ଭୁବନେଶ୍ୱର,୨୯/୧୦(ନି.ପ୍ର): ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟାକାଣ୍ଡ ଘଟଣାରେ ବିଜେପିର ଏକ ୩ ଜଣିଆ ପ୍ରତିନିଧିଦଳ ଆଜି ନୂଆଦିଲ୍ଲୀରୁ ସିଧାସଳଖ ରାୟପୁର ଦେଇ ବଲାଙ୍ଗୀର ଜିଲ୍ଲା ଝରନୀ ଗ୍ରାମରେ ପହଂଚିଥିଲେ । ଏହି ପ୍ରତିନିଧି ଦଳରେ ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଶ୍ରୀମତୀ ବନଥୀ ଶ୍ରୀନିବାସନ, ସାଂସଦ ସୁନୀତା ଦୁଗଲ ଏବଂ ବିଧାୟିକା ରୁପା ମିତ୍ର ଚୌଧୁରୀ ସାମିଲ ଅଛନ୍ତି । ଏହି ପ୍ରତିନିଧି ଦଳ ଦୀର୍ଘ ଏକ ଘଂଟାରୁ ଉର୍ଦ୍ଧ୍ୱ ସମୟ ଧରି ମମିତାଙ୍କ ପରିବାରର ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏହା ପରେ ମହାଲିଙ୍ଗ ଯାଇ ଘଟଣାସ୍ଥଳ ବୁଲି ଦେଖିବା ସହ ସ୍ଥାନୀୟବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ଏଥି ସହ ଏହି ଘଟଣାରେ ରାଜ୍ୟ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଂକର ମିଶ୍ରଙ୍କ ସଂପୃକ୍ତିର ଅଭିଯୋଗ ଆସୁଥିବାରୁ ଏବଂ ତଦନ୍ତ ପ୍ରକ୍ରିୟାକୁ ଚାପମୁକ୍ତ କରିବା ପାଇଁ ନୈତିକତା ଦୃଷ୍ଟିରୁ ମନ୍ତ୍ରୀ ଶ୍ରୀ ମିଶ୍ର ଇସ୍ତଫା ଦିଅନ୍ତୁ ନଚେତ ମୁଖ୍ୟମନ୍ତ୍ରୀ ତୁରନ୍ତ ବହିଷ୍କାର କରନ୍ତୁ ବୋଲି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧକ୍ଷା ଶ୍ରୀମତୀ ଶ୍ରୀନିବାସନ ଦାବୀ କରିଛନ୍ତି । ଏହି ଘଟଣାରେ ବହୁ ପ୍ରଭାବଶାଳୀ ରାଜନେତା ଜଡିତ ଥିବା ଅଭିଯୋଗ କାରଣରୁ ଘଟଣାର ପ୍ରକୃତ ସତ୍ୟାସତ୍ୟ ସାମ୍ନାକୁ ଆସିବା ପାଇଁ ଏହି ଘଟଣାର ନିରପେକ୍ଷ ତଦନ୍ତ ସିବିଆଇ ଦ୍ୱାରା କରିବାକୁ ପ୍ରତିନିଧି ଦଳର ସଦସ୍ୟ ତଥା ସାଂସଦ ଶ୍ରୀମତୀ ସୁନୀତା ଦୁଗଲ କହିଛନ୍ତି। ଘଟଣା ସଂପର୍କରେ ସମସ୍ତ ତଥ୍ୟ ସଂଗ୍ରହ କରି ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜେ.ପି.ନଡ୍ଡାଙ୍କୁ ରିପୋର୍ଟ ଅବଗତ କରାଯିବ ବୋଲି ଅନ୍ୟତମ ସଦସ୍ୟା ତଥା ବିଧାୟିକା ଶ୍ରୀମତୀ ରୁପା ମିତ୍ର ଚୌଧୁରୀ ସୂଚନା ଦେଇଛନ୍ତି । ଏହି କେନ୍ଦ୍ରୀୟ ପ୍ରତିନିଧି ଦଳ ଆସନ୍ତା କାଲି ଭୁବନେଶ୍ୱର ପହଂଚି ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ ଜରିଆରେ ଗସ୍ତ ସଂପର୍କରେ ସୂଚନା ପ୍ରଦାନ କରିବେ । ଏହି ଅବସରରେ ବଲାଙ୍ଗୀର ସାଂସଦ ସଙ୍ଗୀତା ସିଂହଦେଓ, ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା କେ.ଭି.ସିଂହଦେଓ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସୋସିଆଲ ମିଡିଆ ପ୍ରଭାରୀ ସୁଜାତା ପାଢୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶିବାଜୀ ମହାନ୍ତି, ମହିଳା ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦିକା ବବିତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବଦଳିଲେ ଡିଏମଇଟି

ଭୁବନେଶ୍ୱର,୨୯/୧୦ (ନି.ପ୍ର): ପ୍ରଫେସର ଡା.ରମାରମଣ ମହାନ୍ତି ହେଲେ ନୂଆ ଡିଏମଇଟି । ଡା.ସିବିକେ ମହାନ୍ତିଙ୍କ ସ୍ଥାନରେ ରମାରମଣ ମହାନ୍ତିଙ୍କୁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୩୧ ଅକ୍ଟୋବର ଠାରୁ ପରବର୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ। ବର୍ତମାନ ଡା. ରମାରମଣମହାନ୍ତି ବାରିପଦା ମେଡିକାଲ କଲେଜ ଓ ହସ୍ପିଟାଲ ର ଡିନ୍ ତଥା ପ୍ରିନ୍ସିପାଲ ଭାବେ କାର୍ଯ୍ୟରତ ଅଛନ୍ତି। ଏସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବର୍ତମାନର ଡାରେକ୍ଟର ଅଫ୍ ମେଡିକାଲ ଏଜୁକେସନ୍ ଆଣ୍ଡ ଟ୍ରେନିଂ (ଡିଏମଇଟି) ଡା. ସିବିକେ ମହାନ୍ତିଙ୍କ କାର୍ଯ୍ୟକାଳ ଆସନ୍ତା ୩୧ ତାରିଖରେ ଶେଷ ହେବ।

# ଏସଏଚଜି ଅର୍ଥ ଆତ୍ମସାତ ଅଭିଯୋଗ: ଜିଲ୍ଲାପାଳଙ୍କଠାରେ ମହିଳାଙ୍କ ଫେରାଦ

ବାଲେଶ୍ୱର,୨୯/୧୦ (ନି.ପ୍ର): ସିମୁଳିଆ ବ୍ଲକ ଜାମୁଝାଡ଼ି ପଞ୍ଚାୟତର ଅନ୍ନପୂର୍ଣ୍ଣା ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ସଭାନେତ୍ରୀ ଓ ସମ୍ପାଦିକା ମିଳିତ ଭାବେ ସମସ୍ତ ସଭ୍ୟଙ୍କ ମାସିକ ଜମାଅର୍ଥ ଓ ବ୍ୟାଙ୍କ ଋଣଅର୍ଥକୁ ଆତ୍ମସାତ କରିଥିବା ମହିଳାମାନେ ଗୁରୁବାର ଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ସମ୍ପାଦିକା ଓ ସଭାନେତ୍ରୀ ଗୋଟିଏ ପରିବାରର ସଦସ୍ୟ ହୋଇଥିବା ବେଳେ ସମ୍ପୃକ୍ତ ପରିବାର ଜୈନିକ ପୁରୁଷ ବ୍ୟକ୍ତି ଏହି ଗୋଷ୍ଠୀର ସମସ୍ତ ରେକର୍ଡ଼ପତ୍ର ତିଆରି କରନ୍ତି। ସଭ୍ୟମାନଙ୍କ ଅଗୋଚରରେ ମିଥ୍ୟା ରେକର୍ଡ଼ ତିଆରି କରି ବ୍ୟାଙ୍କରୁ ଋଣ ଅର୍ଥ ଉଠାଇନେବା, ଗ୍ରୁପ ନାମରେ ମାଛଚାଷ ପାଇଁ ପଞ୍ଚାୟତରୁ ଗଡ଼ିଆ ପୋଖରୀ ଲିଜ ଆଣି ଚାଷ କରିବା ପରିବର୍ତ୍ତେ ୧୦ଗୁଣା ଅର୍ଥରେ ଅନ୍ୟ ଲୋକଙ୍କୁ ଭଡ଼ା ଦେଉଥିବା ସଦସ୍ୟମାନେ ଆରୋପ ଉଠାଇଛନ୍ତି। ବିନା ବୈଠକରେ ଗ୍ରୁପର ସମସ୍ତ ମହିଳା ସଭ୍ୟଙ୍କ ଜାଲ ଦସ୍ତଖତ କରି ସଭାପତି ଓ ସମ୍ପାଦକା ଏହିଭଳି ଅର୍ଥ ହଡ଼ପ କରିଚାଲିଥିବା ସେମାନେ କହିଛନ୍ତି। ଏନେଇ କୌଣସି ସଭ୍ୟ ତାଙ୍କୁ ପଚାରିଲେ ସେମାନଙ୍କୁ ଗାଳିଗୁଲଜ କରି ଚୁପ କରାଇ ଦେଉଛନ୍ତି। ୨୦୦୮ ମସିହାଠାରୁ ଅଦ୍ୟାବଧି ସଭାପତି ଓ ସମ୍ପାଦକ ସଭ୍ୟ ଜମାଅର୍ଥ ସମେତ ଲକ୍ଷ ଲକ୍ଷ ଟଙ୍କାର ଋଣ ଅର୍ଥ ଆତ୍ମସାତ କରିଥିବା ସଭ୍ୟମାନେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ସହ ଅଭିଯୁକ୍ତ କର୍ମକର୍ତ୍ତା ଓ ସେମାନଙ୍କୁ ସହଯୋଗ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ମହିଳାମାନେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ଝୁନାରାଣୀ ବେହେରା, ବାସନ୍ତି ବେହେରା, ରକ୍ମଣୀ ଖିଲାର, ଶାନ୍ତିଲତା ବେହେରା, ମୀନତି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟକ୍ତିଗତ ଜମିରେ ପାଣି ପାଇପ ପକାଇବାକୁ ବିରୋଧରୁ ନିଆଁ ପାଣି ବାସନ୍ଦ ଅଭିଯୋଗ

କେନ୍ଦ୍ରାପଡ଼ା,୨୯/୧୦ (ନି.ପ୍ର): ଏକ ବ୍ୟକ୍ତିଗତ ଜମି ଉପର ଦେଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ ପକାଇବାକୁ ବିରୋଧ କରିବାରୁ ସଂପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ନିଆଁ ପାଣି ବାଛନ୍ଦ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅନ୍ତର୍ଗତ ବିଜୟନଗର ପଂଚାୟତର ଶାହାବାଜପୁର ଗ୍ରାମର ଶରତ ରାଉତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଗ୍ରାମରେ ସରକାରଙ୍କ ପାନୀୟ ଜଳ ପ୍ରକଳ୍ପର ପାଇପ ତାଙ୍କ ବ୍ୟକ୍ତିଗତ ଜମି ଉପରେ ବିଛାଇ ଗ୍ରାମର ୫ଜଣ ଲୋକ ଜୋରଜବରଦସ୍ତ ସେମାନଙ୍କ ଘରକୁ ପାନୀୟ ଜଳ ସଂଯୋଗ ନେଲେ। ଏସମ୍ପର୍କରେ ଶରତ ମହାକାଳପଡା ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ସେହି ଲୋକମାନଙ୍କୁ ଥାନାକୁ ଡକାଯାଇ ଘଟଣାର ସମାଧାନ କରାଯାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେହି ଲୋକମାନେ ପ୍ରାୟ ୪ମାସ ପୂର୍ବେ ଅନ୍ଧୁଲି ଗ୍ରାମର ଏକ ଛେଳି ଚୋରି ଘଟଣାରେ ତାଙ୍କ ପୁଅ ନାମରେ ମିଥ୍ୟା ଆରୋପ ଲଗାଇ ଗ୍ରାମ କମିଟି ପକ୍ଷରୁ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ତାଙ୍କୁ ବାଧ କଲେ। କିନ୍ତୁ ଶରତ ଏହି ଘଟଣାରେ ମାତ୍ରାଧିକ ଅର୍ଥ ଦେବାକୁ ଅସମର୍ଥ ବୋଲି କହିବାରେ ଗ୍ରାମ କମିଟି ପକ୍ଷରୁ ଶରତଙ୍କୁ ଏକ ଘରିକିଆ କରିଦେବା ସହ ନିଆଁ ପାଣି ବାସନ୍ଦ କରିଥିବା ଅଭିଯୋଗ କରିଛନ୍ତି। ଗ୍ରାମର କେହି ତାଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା କଲେ ତାଙ୍କୁ ୫ଶହ ଟଙ୍କା ଜୋରିମାନା ଦେବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଫତୁଆ ଜାରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏତଦବ୍ୟତିତ ତାଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦିଆଯାଇଥିବା ଶରତ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଶରତଙ୍କ ଦୁଇ ପୁଅ ଘର ଛାଡି ବାହାରକୁ ପଳାଇ ଯାଇଥିବା ବେଳେ ତାଙ୍କ ଘରର ୩ଜଣ ସ୍ତ୍ରୀ ଲୋକଙ୍କ ସମେତ ୩ଟି ଛୋଟ ଛୁଆ ଓ ସେ ନିଜେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଣୁ ତାଙ୍କ ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବା ସହ ଏଭଳି ବେଆଇନ ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶରତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ପୁରୀ,୨୯/୧୦ (ନି.ପ୍ର): ଜିଲ୍ଲା ସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ସ୍ଥାନୀୟ ସଦଭାବନା ସଭାଗୃହରେ ପାଳିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି ଏବଂ ଉପ ଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଏବଂ ଦୁର୍ନୀତି ନିବାରଣ ଶାଖା ଉପ-ଆରକ୍ଷୀ ଅଧିକ୍ଷକ ଶିଶିର କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚଳିତବର୍ଷର ବିଷୟ ବସ୍ତୁ 'ସ୍ୱତନ୍ତ୍ର ଭାରତ ଅ ୭୫: ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା' ଶୀର୍ଷକ ଉପରେ ଆଲୋଚନା କରିଥିଲେ । ସ୍ୱାଧିନତାର ୭୫ ବର୍ଷ ମଧରେ ଭାରତ ଆଜି ବହୁକ୍ଷେତ୍ରରେ ପ୍ରଗତି ହାସଲ କରିପାରିଛି । ଉନ୍ନତିର ସର୍ବ ସଫଳତା ପ୍ରକୃତ ହିତାଧିକାରୀ ମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ସ୍ୱଚ୍ଛତା ଓ ସାଧୁତା ପ୍ରତ୍ୟେକ କ୍ଷେତ୍ରରେ ବଜାୟ ରଖିବା ପାଇଁ ସର୍ବୋକୃଷ୍ଟ ବ୍ୟବସ୍ଥା ଗ୍ରହଣ କରାଯାଉଛି । ସଚ୍ଚୋଟତା ଛାତ୍ର ଜୀବନରୁ ପାଳନ କରାଗଲେ ରାଷ୍ଟ୍ରର ସର୍ବ ମଙ୍ଗଳ ସାଧନ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ । ଦୁର୍ନୀତି ନିବାରଣ ସପ୍ତାହ ପାଳନ ଅବସରରେ ଆୟୋଜିତ ସାଧାରଣଜ୍ଞାନ ଓ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ସାଧାରଣଜ୍ଞାନ ପ୍ରତିଯୋଗିତାରେ ଗୋପବନ୍ଧୁ ସ୍ମୃତି ଉଚ୍ଚବିଦ୍ୟାଳୟ, ଦାଣ୍ଡମୁକୁନ୍ଦପୁର, ପିପିଲିର ସ୍ୱାଗତିକା ସାହୁ ପ୍ରଥମ, ସରକାରୀ ଉଚ୍ଚବିଦ୍ୟାଳୟ, କଣାସର ସ୍ୱସ୍ତିକା ବଳିୟାରସିଂ ଦ୍ୱିତୀୟ ଓ ପୁରୀ ଜିଲ୍ଲା ସ୍କୁଲର ଲକ୍ଷ୍ମୀପ୍ରିୟା ତ୍ରିପାଠୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବକ୍ତୃତା ପ୍ରତିଯୋଗିତାରେ ପୁରୀ ଜିଲ୍ଲାସ୍କୁଲର ଅଂଶୁମାନ ସ୍ୱାଇଁ ପ୍ରଥମ, ସରକାରୀ ଉଚ୍ଚବିଦ୍ୟାଳୟ, କଣାସର ସ୍ୱାତିଶ୍ରୀ ରାଉତ ଦ୍ୱିତୀୟ ଏବଂ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀର ଲୋପାମୁଦ୍ରା ମାଝୀ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏଥିସହ ଆଜି ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଦିନ ୧୧ ଟା ସମୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ସାଧୁତାର ଶପଥପାଠ କରିଥିଲେ । ଏହି ଅବସରରେ ବିଭିନ୍ନ ଅଧିକାରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଲ ଇଣ୍ଡିଆ ୟୁଟିୟୁସି ତରଫରୁ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

ଜୟପୁର ,୨୯/୧୦ (ନି.ପ୍ର): ଅଲ ଇଣ୍ଡିଆ ୟୁଟିୟୁସି କୋରାପୁଟ ଜିଲା କମିଟି ତରଫରୁ ତରଫରୁ ଜୟପୁର ଉପ ଜିଲାପାଳ ଙ୍କ କାଯ୍ୟଳୟ ଘେରାଉ ବିକ୍ଷୋଭ କରାଯାଇଛି । ଉପ ଜିଲାପାଳ ଙ୍କ ଅନୁପସ୍ଥିତି ରେ ଆସିଷ୍ଟାଣ୍ଡ କଲେକ୍ଟର ରାଜେନ୍ଦ୍ର ଖରା ଙ୍କ ଜରିଆରେ ପ୍ରଧାନମନ୍ତ୍ରୀ ଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ଅଲ ଇଣ୍ଡିଆ ୟୁଟିୟୁସି ର କର୍ମକତା ମାନେ ବେନର ପୋଷ୍ଟର ଧରି ବିକ୍ଷୋଭ କରିଥିଲେ । ଅଲ ଇଣ୍ଡିଆ ୟୁଟିୟୁସି ଦାବି କରିଛନ୍ତି ଯେ ପ୍ରୋ କୋପରେଟ ପୋଲିସି କୁ ବିରୋଧ କରାଯାଇଥିବା ବେଳେ ଶ୍ରମିକ ବିରେଧି ଆଇନ କୁ ବାତିଲ କରିବା, ଶ୍ରମିକ ଙ୍କୁ ଉପଯୁକ୍ତ ପାରିଶ୍ରମିକ ସହ ସୁରକ୍ଷା ପ୍ରଦାନ କରିବା, ଚାଷି ଙ୍କ ୩ଟି କଳା ଆଇନ କୁ ବାତିଲ କରିବା, ବିଦ୍ୟୁତ ବିଲ ୨୦୨୧ କୁ ରଦ୍ଧ କରିବା, ବିଭିନ୍ନ ସରକାରି ସେକ୍ଟର ରେଳ, ଇଲେକଟ୍ରିସିଟି, ବ୍ୟାଙ୍କ, ବିମା କମ୍ପାନି, ପ୍ରତିରିକ୍ଷା ଶିଳ୍ପ, କୋଇଲା, ଲୁହା, ବିପିସିଏଲ, ବିଏସଏନଏଲ, ଏୟାର ପୋର୍ଟ. ଏୟାରୟୋର ଇଣ୍ଡିଆ , ରୋଡେଓସ କୁ ଘରୋଇ କରଣକୁ ବନ୍ଦ କରିବା, ବିଭିନ୍ନ ଯୋଜନା ରେ ସାମିଲ ହୋଇଥିବା ଶ୍ରମିକ ଯେପରି ଆଶା, ଅଙ୍ଗନବାଡି, ହେଲପର, ମଧ୍ୟାହ୍ନ ଭୋଜନ ରେ ନିୟୋଜିତ କର୍ମଚାରିଙ୍କୁ ସରକାରି କର୍ମ ଚାରି ଭାବେ ଘୋଷଣା କରିବା ସହ ମାସିକ ୨୧ ହଜାର ଟଙ୍କା ଦରମା ପ୍ରଦାନ କରାଯାଉ, ଶ୍ରମିକ ମାନଙ୍କୁ ୮ ଘଣ୍ଟା କାଯ୍ୟକୁ ଧାଯ୍ୟ କରାଯାଉ, ବେରୋଜକାରିଆକୁ ଚାକିରି ପ୍ରଦାନ କରିବା, ଠିକା ନିଯୁକ୍ତି ବନ୍ଦ କରିବା ୨୧ ହଜାର ଦରମା ଧାଯ୍ୟ ସହ ୨୧ ହଜାର ପେନସନ ପ୍ରଦାନ କରିବା ଭଳି ୧୨ ଦଫା ଦାବି ପ୍ରଦାନ କରିବାକୁ ଦାବି କରାଯାଇଛି ।

# ଅସହାୟଙ୍କ ପାଇଁ ଦେବଦୂତ ସାଜିଲେ ଖୋର୍ଦ୍ଧା ଜିଲ୍ଲାପାଳ: ମିଳିଲା ଚିକିତ୍ସା ସହାୟତା

ଟାଙ୍ଗୀ,୨୯/୧୦ (ନି.ପ୍ର): ତୁରନ୍ତ ଦୁଃଖ ବୁଝିଲେ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର । ଦୁଇ ଘଣ୍ଟା ମଧରେ ଅସହାୟ ଅବସ୍ଥାରେ ପରିତ୍ୟକ୍ତ ଘରେ ପଡିଥିବା ରୋଗୀଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଲେ । ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅଧୀନସ୍ଥ ହାଟ ବରଡି ଗ୍ରାମର ଗୁରୁ ବେହେରା ଗୁରୁତର ରୋଗରେ ପୀଡିତ ହୋଇ କୁହୁଡ଼ି ରେଳ ଷ୍ଟେସନ ନିକଟରେ ଥିବା ପରିତ୍ୟକ୍ତ ଗୃହରେ ଦୁଇପୁଅ, ଗୋଟିଏ ଝିଅ ଓ ସ୍ତ୍ରୀଙ୍କୁ ନେଇ ଦୟନୀୟ ଅବସ୍ଥାରେ ଦୀର୍ଘ ଦିନ ଧରି ପଡି ରହିଥିଲେ । ଏ ସମ୍ପର୍କରେ ଖବର ପାଇବା ପରେ ନବନିଯୁକ୍ତ ଖୋର୍ଦ୍ଧା ଜିଲ୍ଲାପାଳ ସଙ୍ଗେ ସଙ୍ଗେ ରୋଗୀଙ୍କୁ ଚିକିତ୍ସା ସହାୟତା ଯୋଗାଇଦେବାକୁ ଚିଲିକା ବ୍ଲକ୍ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଘଟଣାସ୍ଥଳରେ ଚିଲିକା ତହସିଲଦାର ପୁନମ୍ ମହାପାତ୍ର ପହଂଚି ରୋଗୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ମାତ୍ର ଦୁଇ ଘଣ୍ଟା ମଧରେ ଗତ ରାତି ୭ଟା ସମୟରେ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ । ଏହାପରେ ଚିଲିକା ବିଡ଼ିଓଙ୍କ ସୁଷମା ବାରିକଙ୍କ ନିର୍ଦ୍ଦେଶ ମୁତାବକ ବ୍ଲକ୍ ପ୍ରଶାସନ ପକ୍ଷରୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ଜି.ସାଗର ଅର୍ଜୁନ ପାତ୍ର, ବାଲୁଗାଁ ମେଡିକାଲ ଅଫିସର ସୌମ୍ୟକାନ୍ତ ଦାସପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଜରିପଡା ମେଡିକାଲ ହେଲଥ ସୁପରଭାଇଜର ସୁଶାନ୍ତ କୁମାର ରାଉତରାୟ, ଜରିପଡା ଅତିରିକ୍ତ ରାଜସ୍ୱ ନିରୀକ୍ଷକ କୈଳାସ ଚନ୍ଦ୍ର ବେହେରା ଓ ସ୍ଥାନୀୟ ସରପଚଂ ପ୍ରତିନିଧି ଗୁରୁ ବେହେରାଙ୍କ ନିକଟରେ ପହଂଚି ଉନ୍ନତ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ୧୦୮ ଆମ୍ବୁଲାନ୍ସ ଯୋଗେ ପଠାଇଥିଲେ । ସ୍ଥାନୀୟ ଜନସାଧାରଣ ଖୋର୍ଦ୍ଧା ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଏବଂ ଏହି ମାନବ ସେବା ମାଧବ ସେବା ମନୋବୃତି ରଖି ସହଯୋଗ କରିଥିବା ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ସ୍ଥାନୀୟ ଅଧିବାସୀ ସାଧୁବାଦ ଜଣାଇଛନ୍ତି ।

# ସ୍ୱର୍ଣ୍ଣିମ ବିଜୟ ବର୍ଷ ପୂର୍ତ୍ତି

ଖୋର୍ଦ୍ଧା,୨୯/୧୦ (ନି.ପ୍ର): ୧୯୭୧ ମସିହାର ଭାରତ ଓ ପାକିସ୍ତାନ ଯୁଦ୍ଧ ହେଉଛି ଏକ ସ୍ୱର୍ଣ୍ଣିମ ଇତିହାସ। ଯେଉଁ ଯୁଦ୍ଧଦ୍ୱାରା ବାଂଲାଦେଶ ପାଇଥିଲା ନୂତନ ଜୀବନ। ଉକ୍ତ ଯୁଦ୍ଧ ୧୯୭୧ ମସିହା ଡିସେମ୍ବର ୩ ତାରିଖରୁ ଆରମ୍ଭ ହୋଇ ଡିସେମ୍ବର ୧୬ ତାରିଖରେ ସମାପ୍ତ ହୋଇଥିଲା। ଚୁରମାର ହୋଇଯାଇଥିଲା ପାକିସ୍ତାନର ଗର୍ବ ଓ ଅହଂକାର। ଯୁଦ୍ଧର ଇତିହାସକୁ ଭାରତ ବାସୀଙ୍କ ମନରେ ଉଜ୍ଜୀବିତ ରଖିବାପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡିସେମ୍ବର ୧୬ ତାରିଖ ୨୦୨୦ ମସିହାରେ ଦିଲ୍ଲୀର ଜାତୀୟ ଯୁଦ୍ଧ ମେମୋରିଆଲ ହଲ ଠାରେ ବିଜୟ ମଶାଲରେ ପ୍ରଥମେ ଅଗ୍ନି ସଂଯୋଗ କରି ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଯାହାକି ଭାରତର କୋଣ ଅନୁକୋଣରେ ଭାରତ ବିଜୟର ଗାଥା ଲୋକମାନଙ୍କ ମନରେ ଉଜ୍ଜୀବିତ କରିବା ସହ ଭାରତବାସୀ ଗର୍ବ ଅନୁଭବ କରିବେ। ମଶାଲ ଶୋଭାଯାତ୍ରା ୨୦୨୧ ମସିହା ଡିସେମ୍ବର ୧୬ ତାରିଖରେ ଶେଷ ହେବାକୁ ଥିବାବେଳେ ଆଜି ଖୋର୍ଦ୍ଧା ଜିଲ୍ଲା ଚିଲିକାଠାରେ ଥିବା ଆଇଏନଏସ ଚିଲିକାର କମାଣ୍ଡିଙ୍ଗ ଅଫିସର, କମୋରେଡ଼ ଏନ ପି ପ୍ରଦୀପଙ୍କ ନିର୍ଦ୍ଦେଶକ୍ରମେ ଆଇଏନଏସ ଚିଲିକାର ପ୍ରିନସିପାଲ ମେଡିକାଲ ଅଫିସର ସର୍ଜନ କମାଣ୍ଡର ସ୍ମିତାରାଣୀ ନାୟକଙ୍କ ନେତୃତ୍ୱରେ ବଡ଼କୂଳ ପାନ୍ଥନିବାସ ଠାରେ ପହଂଚିଥିଲା ସ୍ୱର୍ଣ୍ଣିମ ବିଜୟ ମଶାଲ। ସେଠାରେ ମତ୍ସ୍ୟଜୀବୀ ସଂଘ ଉକ୍ତ ମଶାଲକୁ ସ୍ୱାଗତ କରିଥିଲେ। ଏହା ପରେ ଅପରାହ୍ନରେ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟରେ ପହଂଚିଥିଲା ସ୍ୱର୍ଣ୍ଣିମ ବିଜୟ ମଶାଲ। ମହାବିଦ୍ୟାଳୟର ଅଧକ୍ଷ, ଅଧାପକ, ଅଧାପିକାଙ୍କ ସହ ଏନସିସିର ଛାତ୍ର ଛାତ୍ରୀମାନେ ମଶାଲକୁ ସ୍ୱାଗତ କରିବା ସହ ଏକ ଭବ୍ୟ ସମ୍ବର୍ଦ୍ଧନା ସଭାର ଆୟୋଜନ ମଧ କରିଥିଲେ। ସଭାରେ ସର୍ଜନ କମାଣ୍ଡର ସ୍ମିତା ନାୟକ ୧୯୭୧ ମସିହା ଯୁଦ୍ଧର ସେହି ସ୍ୱର୍ଣ୍ଣିମ ବିଜୟ ଇତିହାସକୁ ସମସ୍ତଙ୍କ ଆଗରେ ଉପସ୍ଥାପନା କରିବା ସହ ଛାତ୍ର ଛାତ୍ରୀମାନଙ୍କ ଆଗରେ ସହିଦ ହୋଇଥିବା ବୀର ଜବାନମାନଙ୍କର ବଳିଦାନକୁ ମନେପକାଇଥିଲେ ଏବଂ ଏହି ବିଜୟ ମଶାଲ ପୁଣି ବାଣପୁରର ଆଦିବାସୀ ବହୁଳ ଅଂଚଳ ନୀଳାଦ୍ରି ପ୍ରସାଦକୁ ଯାତ୍ରା କରିବା ସହ ପରିଶେଷରେ ସନ୍ଧ୍ୟାରେ ବାଣପୁର ପୋଲିସ ଥାନା ପହଂଚିଥିଲା। ସ୍ଥାନୀୟ ବିଡିଓ କାର୍ଯ୍ୟାଳୟ ନିକଟରୁ ବାଣପୁର ଥାନା ପର୍ଯ୍ୟନ୍ତ ବିଜୟ ମଶାଲକୁ ଗର୍ବର ସହ ପାଛୋଟିନେଇଥିଲେ ସ୍ଥାନୀୟ ବୁଦ୍ଧିଜୀବୀମାନେ।

# ଗାଈ ଚରାଳି ନିଖୋଜ ଘଟଣା ଗ୍ରାମବାସୀଙ୍କ ପକ୍ଷରୁ ଏସପି ଅଫିସ ଘେରାଉ

ଖୋର୍ଦ୍ଧା,୨୯/୧୦ (ନି.ପ୍ର): ଗାଁ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଥିବା ଘଟଣାକୁ ନେଇ ନିଖୋଜ ଯୁବକଙ୍କ ପରିବାର ଓ ଗାଁର ଶତାଧିକ ଲୋକେ ଗୁରୁବାର ଏସପି ଅଫିସ ଘେରାଉ କରିଥିଲେ । ତେବେ ନିଖୋଜ ଯୁବକଙ୍କୁ ଫେରାଇ ଆଣିବା ପାଇଁ ଏସଡିପିଓ ସୁଶୀଲ ମିଶ୍ର ୨୪ ଘଣ୍ଟା ମହଲତ ଦେବା ପରେ ଗ୍ରାମବାସୀ ଓ ପରିବାର ଲୋକେ ଧାରଣାରୁ ଓହରି ଥିଲେ । ଏପରିକି ଏହି ଘେରାଉରେ ଜଟଣୀ ବିଧାୟକ ସୁରେଶ ରାଉତରାୟ ଓ ପୂର୍ବତନ ବିଧାୟକ ବିଭୁତି ବଳବନ୍ତରାୟ ସାମିଲ ହୋଇ ଘେରାଉକୁ ଜୋରଦାର କରିଥିଲେ । ନିଖୋଜ ଯୁବକକୁ ଫେରାଇ ଆଣିବା ପାଇଁ ଜିଦରେ ଅଟଳ ରହିଥିଲେ ଉଭୟ ନେତା । ଅନ୍ୟପକ୍ଷରେ ନିଖୋଜ ଯୁବକର ସନ୍ଧାନ ପାଇଁ ପୋଲିସ ପକ୍ଷରୁ ଦୁଇଟି ଟିମ୍ ଗଠନ କରାଯାଇଥିବା ଏସପି ରାଜକିଶୋର ଦୋରା ସୂଚନା ଦେଇଛନ୍ତି । ଅଭିଯୋଗ ଅନୁଯାୟୀ, ଖୋର୍ଦ୍ଧା ଥାନା କୁମ୍ଭୀଲୋ ଗାଁର ସନ୍ତୋଷ ବେହେରା ଗାଈ ଚରାଇବାକୁ ସବୁଦିନ ଯାଇଥାନ୍ତି । ହେଲେ ଗତ ୨୪ ତାରିଖ ଦିନ ସନ୍ତୋଷ ନିକଟସ୍ଥ ଜଙ୍ଗଲକୁ ଗାଈ ଚରାଇବାକୁ ଯାଇ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ସନ୍ତୋଷଙ୍କୁ ବହୁ ଖୋଜାଖୋଜି କରି ନପାଇ ନିରାଶ ହୋଇଥିଲେ । ତେବେ ସନ୍ତୋଷ ନିଖୋଜର ପରଦିନ ଅର୍ଥାତ ୨୫ ତାରିଖରେ ଖୋର୍ଦ୍ଧା ଥାନାରେ ନିଖୋଜ ନେଇ ଅଭିଯୋଗ କରିଥିଲେ ପରିବାର ଲୋକେ ।

# ମିଶନ ଶକ୍ତି କାଫେକୁ ଉଦ୍‌ଘାଟନ କଲେ ବିଧାୟକ

ଜୟପୁର , ୨୮ ଅକ୍ଟୋବର (ହି.ସ.) ଜୟପୁର ଟାଉନ ହଲ ନିକଟକେ ଥିବା ବିଜୁ ଚିତଉବିନୋଦନ କେନ୍ଦ୍ର ପରିସରରେ ଉଦଘାଟିତ ହୋଇଛି ମିଶନ ଶକ୍ତି କାଫେ । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଥ୍ୟ ଅତିଥି ଭାବେ ଯୋଗ ଦେଇ ଉଦ ଘାଟନ କରିଛନ୍ତି । ଉଦଘାଟନି ଉତ୍ସବରେ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ପିଡି ଡିଆର ଡିଓ ହେମକାନ୍ତ ସାୟ ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନ ପରେ ବିଧାୟକ ବାହିନିପତି ଓ ପ୍ରଶାସନିକ ଅଧିକାରୀ ମାନେ କାଫେରେ ଗରମ ଗରମ ଖାଦ୍ୟର ମଜା ଉଠାଇଥିଲେ । ପାର୍କରେ ଫେଭରବୁକ ପାଥେଓି, ଆଦିବାସୀ କୁଡିଆ, ଆଇ. ଲଭ. ଜୟପୁର ବୁଲି ଦେଖିଥିଲେ । ଆଗାମି ଦିନରେ ମିଶନ ଶକ୍ତି କାଫେରେ କୋରାପୁଟ କଫି ବିକ୍ରି କରାଯିବ ବୋଲି ଜିଲାପାଳ ସୁଚନା ଦେଇଛନ୍ତି ।

# ବିଧବାଙ୍କୁ ମିଳିପାରୁନି ଘର: ଭଙ୍ଗା କୁଡ଼ିଆରେ ବିତୁଛି ଜୀବନ

ଭବାନୀପାଟଣା,୨୯/୧୦ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆବାସ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ହେଲେ କେତେକ କ୍ଷେତ୍ରରେ ଗରୀବଙ୍କ ପାଇଁ ସାତସପନ ପାଲଟିଛି ଏହି ଯୋଜନା । ସରକାରୀ କର୍ମଚାରୀ ମାନଙ୍କ ଉଦାସୀନତା ମନୋଭାବ ଯୋଗୁଁ ସେହି ଯୋଜନା ପାଣିର ଗାର ଓ ଥିଲାବାଲା ଲୋକ ମାନଙ୍କୁ ସେହି ଯୋଜନାରେ ଘର ମିଳୁଛି ବୋଲି ଅଭିଯୋଗ ହୋଇଛି । ଏଭଳି ଘଟଣା ବାରମ୍ବାର ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଫୁଣ୍ଡା ପଞ୍ଚାୟତରେ । ପଚାଂୟତର ଜଣେ ବିଧବା ମହିଳାହେଉଛନ୍ତି ବାଗବାହାଲ ଗ୍ରାମର ପ୍ରମେସିଲା ଯାନୀ ସ୍ୱାମୀ ସ୍ୱର୍ଗତ-ପ୍ରମା ଯାନୀ । ସ୍ୱାମୀ ପ୍ରମାଙ୍କ ମୃତ୍ୟୁର ସାତ ବର୍ଷ ବିତିଲାଣି । ଘର ବର୍ଷା ପାଣିରେ ଭିଜି ଭିଜି ଭୁଶୁଡିଲା । ୪ ବର୍ଷ ହେଲା ପଂଚାୟତରେ ସରପଚଂ, ପିଇଓଙ୍କୁ ଏ ବାବଦରେ ଜଣାଇ ଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ମୋର ଗୁହାରି କେହି ଶୁଣିଲେ ନାହିଁ ବୋଲି ଅତ୍ୟନ୍ତ ଦୁଃଖର ସହ କହିଛନ୍ତି ଏହି ବିଧବା ମହିଳା । ଫଳରେ ସେହି ଭଙ୍ଗାରୁଜା କୁଡ଼ିଆରେ ତିନୋଟି ଝିଅକୁ ଧରି ଖରା ବର୍ଷା ଓ ଶୀତରେ ଦିନ ଯାଉଛି ହେଲେ କିଏ ମୋ ଭଳି ବିଧବାର ଦୁଃଖକୁ ଶୁଣୁ ନାହାନ୍ତି, ଯିଏ ଟଙ୍କା ଦିଅନ୍ତି ତାଙ୍କୁ ଘର ମିଳୁଛି, ଗରିବଙ୍କୁ ପାଇଁ ଏ ଯୋଜନା ନୁହଁ ବୋଲି ଅତ୍ୟନ୍ତ କ୍ଷୋଭର ସହ ସେ କହିଛନ୍ତି ।

ଅନ୍ୟପକ୍ଷରେ ଏ ସମ୍ପର୍କରେ ପିଇଓ ତ୍ରିଲୋଚନ ନାଏକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ତାଙ୍କର ଏସିସି ଲିଷ୍ଟରେ ନାଁ ନଥିଲା, ଏବେ ଇନକ୍ଲୁଡିଙ୍ଗ ତାଲିକାରେ ସାମିଲ କରାଯିବ ଓ ତାଙ୍କୁ ଘର ମିଳିବ ବୋଲି କହିଛନ୍ତି ।

# ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳିତ

ପୁରୀ,୨୯/୧୦ (ନି.ପ୍ର): ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ସ୍ଥାନୀୟ ସଦଭାବନା ସଭାଗୃହରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ , ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ଓ ଦୁର୍ନୀତି ନିବାରଣ ଶାଖା ଉପଆରକ୍ଷୀ ଅଧିକ୍ଷକ ଶିଶିର କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଭିଜିଲାନ୍ସ ବିଭାଗର ଚଳିତବର୍ଷ ଆଲୋଚ୍ୟର ବିଷୟବସ୍ତୁ ଥିଲା ୭୫ବର୍ଷର ସ୍ୱତନ୍ତ୍ର ଭାରତ ଓ ସତ୍ୟନିଷ୍ଠାରୁ ଆତ୍ମନିର୍ଭରତା ଉପରେ ଆଲୋଚନା ହୋଇଥିଲା । ଛାତ୍ର ଜୀବନରୁ ସଚ୍ଚୋଟତା ଆରମ୍ଭ ହେଲେ ରାଷ୍ଟ୍ର ମଙ୍ଗଳ ହେଲେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ ଦାଣ୍ଡମୁକୁନ୍ଦପୁରର ଗୋପବନ୍ଧୁ ସ୍ମୃତି ଉଚ୍ଚବିଦ୍ୟାଳୟର ସ୍ୱାଗତିକା ସାହୁ ପ୍ରଥମ ହୋଇଥିଲେ । କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ସ୍ୱସ୍ତିକା ବଳିୟାରସିଂହ ଦ୍ୱିତୀୟ ଓ ସତ୍ୟବାଦୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଲୋପାମୁଦ୍ରା ମାଝି ତୃତୀୟ ସ୍ଥାନ ଅଧିକାରୀ ପୁରସ୍କୃତ ହୋଇଥିଲେ । ଆଜି ଦିନ ୧୧ଟାରେ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ସାଧୁତାର ଶପଥ ପାଠ କରିଥିଲେ ।

# ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ

କେନ୍ଦ୍ରାପଡ଼ା,୨୯/୧୦ (ନି.ପ୍ର): କେନ୍ଦ୍ରାପଡା ପୌରପାଳିକା ଟାଉନହଲ ପରିସରରେ ଗୁରୁବାର କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା କଳା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଲୋକକଳା ଟ୍ରଫି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ପ୍ରତିଯୋଗୀମାନଙ୍କୁ ସେମାନଙ୍କ କଳା ନୈପୁଣ୍ୟତାର ଭୂୟସୀ ପ୍ରଶଂସା କରିବା ସହ ଉତ୍ସାହିତ କରିଥିଲେ। ତୁଳସୀକ୍ଷେତ୍ର କେନ୍ଦ୍ରାପଡା କଳା ଓ ସଂସ୍କୃତି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥାଏ। ଏହାର ଲୋକକଳାକୁ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଉପସ୍ଥାପନା କରିବା ସହ ରାଜ୍ୟ ସ୍ତରରେ ସ୍ଥାନ ଅଧିକାର କରି କେନ୍ଦ୍ରାପଡାକୁ ଗୌରବମଣ୍ଡିତ କରିବା ପାଇଁ ପ୍ରତିଯୋଗୀମାନଙ୍କୁ ଆହ୍ୱାନ ଦେଇଥିଲେ ବିଧାୟକ ଶ୍ରୀ ବେହେରା। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡଃ. ବାସୁଦେବ ଦାସ ଯୋଗ ଦେଇଥିଲେ। ବ୍ଲକ କଳା ସଂସ୍କୃତି ସଙ୍ଘର ଉପସଭାପତିମାନଙ୍କ ସହଯୋଗରେ ଜିଲ୍ଲାର ୯ଟି ବ୍ଲକ ଓ ୨ଟି ପୌରପାଳିକାରୁ ମନୋନିତ ୮ଟି ଲୋକକଳା ଦଳ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ନିଜର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ମୁଖ୍ୟମନ୍ତ୍ରୀ ଲୋକକଳା ଟ୍ରଫି ଉପଲକ୍ଷେ ଆୟୋଜିତ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ବିଚାରକ ଭାବେ ପର୍ଶୁରାମ ପଣ୍ଡା ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରତିଯୋଗିତାରେ ୩ଟି ଦଳ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାକୁ ମନୋନିତ ହୋଇଛନ୍ତି। ଜିଲ୍ଲା ସଂସ୍କୃତି ଅଧିକାରୀ ତନ୍ମୟରଞ୍ଜନ ଜେନାଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସଂସ୍କୃତି ବିଭାଗ ଉପ ଅଧିକାରୀ ଦିବାକର ମହାନ୍ତି, ବରିଷ୍ଠ ରାଜସ୍ୱ ସହାୟକ ପ୍ରଦିପ ଦାଶ ମଂଚ ପରିଚାଳନାରେ ସହାୟତା କରିଥିଲେ। ଏହି ପ୍ରତିଯୋଗିତା ସମୟରେ ବିଭିନ୍ନ ବ୍ଲକର ଲୋକକଳା ସଙ୍ଘର ଉପସଭାପତି, କଳାକାରମାନେ ଉପସ୍ଥିତ ଥିଲେ।

# ବ୍ୟକ୍ତିଗତ ଜମିରେ ପାଣି ପାଇପ ପକାଇବାକୁ ବିରୋଧରୁ ନିଆଁ ପାଣି ବାସନ୍ଦ ଅଭିଯୋଗ

କେନ୍ଦ୍ରାପଡ଼ା,୨୮ /୧୦(ହି.ସ.) -ଏକ ବ୍ୟକ୍ତିଗତ ଜମି ଉପର ଦେଇ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ପାଇପ ପକାଇବାକୁ ବିରୋଧ କରିବାରୁ ସଂପୃକ୍ତ ବ୍ୟକ୍ତିଙ୍କ ପରିବାରକୁ ନିଆଁ ପାଣି ବାଛନ୍ଦ କରାଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅନ୍ତର୍ଗତ ବିଜୟନଗର ପଂଚାୟତର ଶାହାବାଜପୁର ଗ୍ରାମର ଶରତ ରାଉତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଗ୍ରାମରେ ସରକାରଙ୍କ ପାନୀୟ ଜଳ ପ୍ରକଳ୍ପର ପାଇପ ତାଙ୍କ ବ୍ୟକ୍ତିଗତ ଜମି ଉପରେ ବିଛାଇ ଗ୍ରାମର ୫ଜଣ ଲୋକ ଜୋରଜବରଦସ୍ତ ସେମାନଙ୍କ ଘରକୁ ପାନୀୟ ଜଳ ସଂଯୋଗ ନେଲେ। ଏସମ୍ପର୍କରେ ଶରତ ମହାକାଳପଡା ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ସେହି ଲୋକମାନଙ୍କୁ ଥାନାକୁ ଡକାଯାଇ ଘଟଣାର ସମାଧାନ କରାଯାଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ସେହି ଲୋକମାନେ ପ୍ରାୟ ୪ମାସ ପୂର୍ବେ ଅନ୍ଧୁଲି ଗ୍ରାମର ଏକ ଛେଳି ଚୋରି ଘଟଣାରେ ତାଙ୍କ ପୁଅ ନାମରେ ମିଥ୍ୟା ଆରୋପ ଲଗାଇ ଗ୍ରାମ କମିଟି ପକ୍ଷରୁ ୫୦ ହଜାର ଟଙ୍କା ଜୋରିମାନା ଦେବାକୁ ତାଙ୍କୁ ବାଧ କଲେ। କିନ୍ତୁ ଶରତ ଏହି ଘଟଣାରେ ମାତ୍ରାଧିକ ଅର୍ଥ ଦେବାକୁ ଅସମର୍ଥ ବୋଲି କହିବାରେ ଗ୍ରାମ କମିଟି ପକ୍ଷରୁ ଶରତଙ୍କୁ ଏକ ଘରିକିଆ କରିଦେବା ସହ ନିଆଁ ପାଣି ବାସନ୍ଦ କରିଥିବା ଅଭିଯୋଗ କରିଛନ୍ତି। ଗ୍ରାମର କେହି ତାଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା କଲେ ତାଙ୍କୁ ୫ଶହ ଟଙ୍କା ଜୋରିମାନା ଦେବାକୁ ଗ୍ରାମ୍ୟ କମିଟି ପକ୍ଷରୁ ଫତୁଆ ଜାରି କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏତଦବ୍ୟତିତ ତାଙ୍କୁ ଜୀବନରେ ମାରିଦେବାକୁ ମଧ ଧମକ ଦିଆଯାଇଥିବା ଶରତ ଅଭିଯୋଗ କରିଛନ୍ତି। ଏଭଳି ପରିସ୍ଥିତିରେ ଶରତଙ୍କ ଦୁଇ ପୁଅ ଘର ଛାଡି ବାହାରକୁ ପଳାଇ ଯାଇଥିବା ବେଳେ ତାଙ୍କ ଘରର ୩ଜଣ ସ୍ତ୍ରୀ ଲୋକଙ୍କ ସମେତ ୩ଟି ଛୋଟ ଛୁଆ ଓ ସେ ନିଜେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ଏଣୁ ତାଙ୍କ ପରିବାରକୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବା ସହ ଏଭଳି ବେଆଇନ ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଶରତ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି।

## ମୁଗଲାଇ ପରଟା



**ଆବଶ୍ୟକ ସାମଗ୍ରୀ:** ମଇଦା, ପନିର, ଆଳୁ, ଫୁଲ କୋବି, କ୍ୟାପ୍‌ସିକମ, ଗାଜର, ବାଦାମ, ଟମାଟୋ, ରିଫାଇନ୍ ତେଲ, କଟା ପିଆଜ, ରସୁଣ ଓ ଅଦା ଛେଚା, କଞ୍ଚାଲଙ୍କା, ହଳଦି, ଜିରା ଗୁଣ୍ଡ, ଧନିଆ ପାଉଡର, ଲଙ୍କା ଗୁଣ୍ଡ, ଚିନି ଓ ଲୁଣ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ମଇଦାରେ ଦୁଇ ଚାମଚ ରିଫାଇନ ତେଲ ଓ ଅଳ୍ପ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ତା'ପରେ ସେଥିରେ ଉଷୁମ ପାଣି ପକାଇ ଚକଟନ୍ତୁ। ଚକଟି ସାରିବା ପରେ ଏହାକୁ ଏକ ସଫା ଓ ଓଦା କପଡ଼ାରେ ଘୋଡ଼ାଇ କିଛି ସମୟ ରଖି ଦିଅନ୍ତୁ। ଏହାପରେ ପରଟା ପାଇଁ ମସଲା ପ୍ରସ୍ତୁତ କରନ୍ତୁ। ଗ୍ୟାସରେ କରେଇ ବସାଇ ତେଲ ପକାଇ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ଗୋଟା ଜିରା ପକାନ୍ତୁ। ପରେ ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଭାଜି ହୋଇଗଲା ପରେ ସେଥିରେ ଅଦା ଓ ରସୁଣ ଛେଚା ପକାଇ ଭଲ ଭାବେ କଷନ୍ତୁ। ଏହାପରେ ସେଥିରେ କଟା ଗାଜର, କଟା ଫୁଲକୋବି, କଟା କ୍ୟାପସିକମ,କଟା ଟମାଟୋ ଓ କଟା କଞ୍ଚାଲଙ୍କା ପକାନ୍ତୁ । ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ସହିତ ହଳଦି, ଧନିଆ ଗୁଣ୍ଡ, ଜିରା ଗୁଣ୍ଡ ଓ ଅଧା ଚାମଚ ଲଙ୍କା ଗୁଣ୍ଡ ପକାଇ ଭାଜନ୍ତୁ। ଏସବୁ ଭଲ ଭାବେ ଭାଜି ହେବା ପରେ ୨ଟି ସିଝା ଆଳୁକୁ ଚକଟି ସେଥିରେ ପକାନ୍ତୁ ଓ ଆଉ ଥରେ କଷନ୍ତୁ। ଏହା କଷି ହୋଇଗଲା ପରେ ସେଥିରେ କଟା ପନିର ପକାନ୍ତୁ। ପନିର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କିଛି ସମୟପରେ ମସଲାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏବେ ପୂର୍ବରୁ ଚକଟା ହୋଇଥିବା ମଇଦାକୁ ଗୁଳା କରି ରୁଟି ଆକାରରେ ବେଲନ୍ତୁ । ଆଉ ଏହାର ମଝିରେ ମସଲା ଦିଅନ୍ତୁ। ତା'ଉପରେ କଟା ପିଆଜ ଓ କଟା କଞ୍ଚାଲଙ୍କା ପକାନ୍ତୁ । ଏବେ ଏହାକୁ ଚାରି ପାଖରୁ ଭଲ ଭାବେ ଫୋଲ୍ଡ କରି ଦିଅନ୍ତୁ, ଯେପରି ମସଲା ବାହାରି ନଯିବ। ଏହାପରେ ଏକ ତାୱାରେ ତେଲ ଗରମ କରି ପରଟାର ୨ ପଟକୁ ଭଲ ଭାବେ ସେକନ୍ତୁ। ଏହା ଟିକେ ନାଲି ହୋଇଯିବା ପରେ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ମୁଗଲାଇ ପରଟା।




## ଗାନ୍ଧୀ ପର୍ଯ୍ୟଟନ ସ୍ଥଳୀ

ନୂଆଦିଲ୍ଲୀର ଗାନ୍ଧୀ ପର୍ଯ୍ୟଟନସ୍ଥଳକୁ ଦେଖିଲେ ମନେ ହୁଏ ନାହିଁ ଯେ ଦିନେ ଏହି ଦେଶ ଇଂରେଜମାନଙ୍କ ଅଧୀନରେ ଥିଲା । ୧୫ ଅଗଷ୍ଟ ୧୯୪୭ରେ ଆମକୁ ଯେଉଁ ସ୍ୱାଧୀନତା ମିଳିଥିଲା ସେଥିରେ ମହାତ୍ମା ଗାନ୍ଧୀଙ୍କ କେତେ ଯୋଗଦାନ ରହିଥିଲା ଏ ସମ୍ବନ୍ଧରେ ଆମେ ସମସ୍ତେ ବହିରୁ ପଢ଼ିଛୁ ଓ ଚଳଚିତ୍ରରୁ ମଧ ଦେଖିଛୁ, କିନ୍ତୁ ଗାନ୍ଧୀଙ୍କ ସଂଘର୍ଷମୟ ଜୀବନ ସହିତ ଭଲ ଭାବେ ପରିଚିତ ହେବାକୁ ଚାହୁଁଥିଲେ ଦିଲ୍ଲୀର ଏପରି କିଛି ପର୍ଯ୍ୟଟନସ୍ଥଳକୁ ଭ୍ରମଣରେ ଯାଆନ୍ତୁ ଯେଉଁଠାରେ ଜାତିର ପିତାଙ୍କ ସମସ୍ତ ସ୍ମୃତିକୁ ଅତି ଯତ୍ନରେ ସାଇତି ରଖାଯାଇଛି ।


### ରାଜଘାଟ




ଦିଲ୍ଲୀର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ ମଧ୍ୟରେ ଅନ୍ୟତମ ହେଉଛି ରାଜଘାଟ । ଯମୁନା ନଦୀର ପଶ୍ଚିମ ତଟରେ ଅବସ୍ଥିତ ଏହି ସ୍ଥାନ ଏଇଥିପାଇଁ ସ୍ୱତନ୍ତ୍ର ଯେ ଏଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମାଧିସ୍ଥଳ ରହିଛି । କଳା ମୁଗୁନି ପଥରରେ ନିର୍ମିତ ଏହି ସମାଧି ଉପରେ ତାଙ୍କ ମୁଖରୁ ବାହାରିଥିବା ଶେଷ 'ହେ ରାମ' ଲିଖିତ ହୋଇଛି । ତାଙ୍କର ଏହି ଅନ୍ତିମ ବିଶ୍ରାମସ୍ଥଳ ସ୍ୱାଧୀନତା ପ୍ରାପ୍ତିରେ ତାଙ୍କର ମୂଲ୍ୟ ଯୋଗଦାନକୁ ବଖାଣୁଛି । ଦେଶ ବିଦେଶରୁ ଆସୁଥିବା ଉଚ୍ଚ ଅଧିକାରୀ ଏହି ସମାଧୀ ସ୍ଥଳରେ ମାଲ୍ୟାର୍ପଣ କରିବାକୁ ନିଶ୍ଚୟ ଆସିଥାନ୍ତି । ରାଜଘାଟର ଶାନ୍ତ ପରିବେଶକୁ ସୁନ୍ଦର ଓ କମନୀୟ କରି ତୋଳିଥାଏ ଏହାର ଚତୁଃପାର୍ଶ୍ୱରେ ଘେରି ରହିଥିବା ସବୁଜ ବୃକ୍ଷରାଜି ଓ କୃତ୍ରିମ ଝରଣା । ଏହି ସ୍ମାରକୀର ଏକ କୋଣରେ ସର୍ବଦା ଏକ ଜ୍ୟୋତି ପ୍ରଜ୍ୱଳିତ ହୋଉଥାଏ; ଯାହା ସମସ୍ତଙ୍କ ମନ ଜିଣିଛି ।






### ଗାନ୍ଧୀ ସଂଗ୍ରହାଳୟ

ରାଜଘାଟ ସାମ୍ନାରେ ନିର୍ମାଣ କରାଯାଇଛି ଗାନ୍ଧୀ ସଂଗ୍ରହାଳୟ । ଏଠାରେ ମହାତ୍ମା ଗାନ୍ଧୀଙ୍କ ସହ ଜଡିତ ସମସ୍ତ ଜିନିଷ ରହିଛି । ତାଙ୍କ ପ୍ରତିମୂର୍ତ୍ତି, ଫଟୋଗ୍ରାଫ୍, ପେଣ୍ଟିଂ ଆଦିକୁ ଅତି ଯତ୍ନରେ ରଖାଯାଇଛି । ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କୁ ମହାତ୍ମାଗାନ୍ଧୀଙ୍କ ଜୀବନୀ, ତାଙ୍କ ସିଦ୍ଧାନ୍ତ, ପରାମର୍ଶ ଓ ଉପଦେଶ ଉପରେ ନିର୍ମିତ ଚଳଚ୍ଚିତ୍ର ଦେଖିବାକୁ ଦିଆଯାଏ । ଗୁରୁବାର ଏହି ଫିଲ୍ମ ପ୍ରଦର୍ଶନ ହୋଇ ନଥାଏ । ଶୁକ୍ରବାର ଏଠାରେ ତାଙ୍କ ସ୍ମୃତିରେ ପ୍ରାର୍ଥନା ସଭାର ଆୟୋଜନ ହୋଇଥାଏ । ଏହା ସହିତ ମହାତ୍ମା ଗାନ୍ଧୀଙ୍କ ଜନ୍ମଦିନ ଓ ପୁଣ୍ୟତିଥିରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମରେ ବିପୁଳ ଜନ ସମାଗମ ହୋଇଥାଏ । ଏହି ସଂଗ୍ରହାଳୟକୁ ଜୋତା ପିନ୍ଧି ଆସିବାକୁ ବାରଣ କରାଯାଇଛି । ସଂଗ୍ରହାଳୟ ସୋମବାର ସକାଳ ୧୦ଟାରୁ ସନ୍ଧ୍ୟା ସାଢ଼େ ପାଂଚଟା ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଖୋଲା ରହିଥାଏ । ତେବେ ମହାତ୍ମା ଗାନ୍ଧୀଙ୍କୁ ସମର୍ପିତ ଏହି ସ୍ଥାନ ପୂର୍ବରୁ ବିର୍ଲା ଭଜନ ନାମରେ ଜଣାଶୁଣା ଥିଲା । କାରଣ ଜି.ଡି ବିର୍ଲାଙ୍କ ବାସଭବନକୁ ହିଁ ଗାନ୍ଧୀ ସ୍ମୃତିର ରୂପ






## କୁମ୍ଭୀର ଶିକାରୀ ମାଛ



ମଧୁର ଜଳରେ ବଢୁଥିବା ବୃହତକାୟ ମାଛଗୁଡ଼ିକ ମଧ୍ୟରେ ଗୋଲାୟାଥ୍ ଟାଇଗରଫିସ୍ ଅନ୍ୟତମ। ଏହା ସାମୁଦ୍ରିକ ଶ୍ୱେତ୍ ସାର୍କ ପରି ଭୟଙ୍କର। ଲମ୍ୱରେ ପାଂଚ ଫୁଟରୁ ଅଧିକ ଏବଂ ଓଜନରେ ଶହେ କିଲୋଗ୍ରାମରୁ ଅଧିକ ବଢ଼ିପାରେ। ମୁହଁରେ ବତିଶଟି ଲୁହା ଭଳି ଶକ୍ତ ଦାନ୍ତ। ପ୍ରତ୍ୟେକ ଦାନ୍ତର ଲମ୍ୱ ଏକ ଇଂଚରୁ ଅଧିକ ଏବଂ ବେଶ ତୀକ୍ଷଣ। ଏହା ଏକ ଶିକାରୀ ମାଛ। ବଂଚିବା ପାଇଁ ବହୁତ ଅଧିକ ପରିମାଣର ଖାଦ୍ୟ ଆବଶ୍ୟକ କରେ। ତେଣୁ, ସର୍ବଦା ଶିକାର ଖୋଜିବାରେ ବ୍ୟସ୍ତ ଥାଏ। ଭୋକିଲା ଥିବା ବେଳେ ଏହା ଏପରିକି କୁମ୍ଭୀର ଶିକାର କରୁଥିବା ଜଣାଯାଏ। ଆଫ୍ରିକାର କଙ୍ଗୋ ଓ ଲୁଆଲାୱା ନଦୀ, ଉପେମ୍ବା ଏବଂ ଟାଙ୍ଗାନିକା ହ୍ରଦ ଗୋଲାୟାଥର ବାସସ୍ଥାନ। ଉଲ୍ଲେଖଯୋଗ୍ୟ ଯେ, ଏତେ ଭୟଙ୍କର ହୋଇଥିଲେ ବି ମଣିଷ ଏହାକୁ କାବୁ କରିଥିବାର ବହୁ ନଜିର ଅଛି।


## ଜୀବନ ନେଉଥିବା ଗଛ

ମାନବ ଜୀବନ ପାଇଁ ଗଛ ପତ୍ରର ମୁଖ୍ୟ ଯୋଗଦାନ ରହିଛି। ଗଛ ବିନା ଜୀବନର କଳ୍ପନା ମଧ୍ୟ କରାଯାଇ ପାରିବ ନାହିଁ। କିନ୍ତୁ ପୃଥିବୀପୃଷ୍ଠରେ ଏପରି ଗଛ ଅଛି ଯାହାକି ମଣିଷର ଜୀବନ ମଧ୍ୟ ନେଇଥାଏ। ଏପରି ଏକ ଗଛର ନାମ ସରବେରା ଓଡୋଲୋମ। ଏହା ଦେଖିବାକୁ ଯେତେ ସୁନ୍ଦର ଓ ଆକର୍ଷକ ସେତେ ବିପଦଜନକ ମଧ୍ୟ। ଭାରତ ସହିତ ଦକ୍ଷିଣ-ପୂର୍ବ ଏସିଆର କିଛି ଅନ୍ୟ ଦେଶରେ ଏହି ଗଛ ଦେଖିବାକୁ ମିଳିଥାଏ। ଏହାର ଉପଯୋଗରେ ମଣିଷର ଜୀବନ ଚାଲିଯାଏ। ଏପରି ମାନ୍ୟତା ରହିଛି ଯେ ଏହି ଗଛ ପ୍ରତ୍ୟେକ ସପ୍ତାହରେ ଅତି କମରେ ଜଣେ ବ୍ୟକ୍ତିର ଜୀବନ ନେଇଥାଏ। ପରୀକ୍ଷାରୁ ଜଣାପଡ଼ିଛି ବିଶ୍ୱର ଅନ୍ୟ ବିଷାକ୍ତ ଗଛ ଅପେକ୍ଷା ସରବେରା ଓଡୋଲମ ସବୁଠାରୁ ଅଧିକ ବିଷାକ୍ତ। ଏହାର ମଂଜି ସରବେରିନ୍ ନାମକ ତତ୍ତ୍ୱରୁ ମିଳିଥାଏ। ଏହାର କମ୍ ମାତ୍ରା ଶରୀର ମଧ୍ୟକୁ ଗଲେ କିଛି ମିନିଟ୍ ମଧ୍ୟରେ ପେଟ ଓ ମୁଣ୍ଡ ବିନ୍ଧିବା, ବାନ୍ତି ହେବା, ଡାଇରିଆ ଓ ପରେ ଏହା ଏଞ୍ଜାଇମସ୍ ଓ ହୃଦୟର କାର୍ଯ୍ୟପ୍ରଣାଳୀକୁ ପ୍ରଭାବିତ କରେ ଓ କିଛି ଘଂଟା ପରେ ମଣିଷର ମୃତ୍ୟୁ ହୁଏ।



## ଯୋଗଦ୍ୱାରା ସାଇନସର ଉପଚାର

ସାଇନସ ହେଉଛି ନାକ ସମ୍ବନ୍ଧିତ ଏକ ସମସ୍ୟା । ଏହି ସମସ୍ୟା ଥଣ୍ଡା ପାଗରେ ଅଧିକ ହୋଇଥାଏ । ନାକ ବନ୍ଦ ହେବା, ମୁଣ୍ଡ ଓ ଅଧକପାଳୀ ବିନ୍ଧା ପରି ସମସ୍ୟା ହୋଇଥାଏ ନାକରୁ ପାଣି ବାହାରିଯିବା ଆଦି ଏହାର ପ୍ରମୁଖ ଲକ୍ଷର । ଏହା ବ୍ୟତୀତ ହାଲୁକା ଜ୍ୱର, ଆଖି ପଲକରେ ଯନ୍ତ୍ରଣା ହେବା, ଅବସାଦ କାରଣରୁ ଚେହେରା ଫୁଲିଯିବା । ଆଗାମୀ ଦିନରେ ଏହି ରୋଗ ଆଜମା, ଦମା ପରି ଗଭୀର ବେମାରୀରେ ପରିଣତ ହୁଏ । କିନ୍ତୁ ଯୋଗ ଦ୍ୱାରା ଏହି ରୋଗରୁ ମୁକ୍ତି ପାଇହେବ ।





## ହାଇନେକ୍ ଟିସାର୍ଟରେ ଷ୍ଟାଇଲ୍

ଶୀତଦିନେ ହାଇନେକ୍ ଟି-ସାର୍ଟ ଝିଅମାନଙ୍କ ଅଧିକ ପସନ୍ଦ । ଏହା ନା କେବଳ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ବରଂ ଥଣ୍ଡାରୁ ମଧ ବଞ୍ଚାଇଥାଏ । ହାଇନେକ୍ ଟି-ସାର୍ଟର ସବୁଠୁ ଭଲ କଥା ହେଲା ଯେକୌଣସି ବଡି ଟାଇପ୍‌ରେ ଫିଟ୍ ବସିଥାଏ । ତେବେ ହାଇନେକ୍ ଟିସାର୍ଟକୁ କିପରି ଷ୍ଟାଇଲ୍ କରିବେ ଜାଣନ୍ତୁ କିଛି ଟିପ୍ସ ।

**ବ୍ଲେଜର୍:** ବୋରିଙ୍ଗ୍ ହାଇନେକ୍ ଟିସାର୍ଟକୁ କ୍ଲାସିକ୍ ଲୁକ୍ ଦେବା ପାଇଁ ସବୁଠୁ ଭଲ ହେବ ବ୍ଲେଜର୍ । ହାଇନେକ୍ ଟିସାର୍ଟ ପିନ୍ଧୁଥିଲେ ତା' ଉପରେ ବ୍ଲେଜର ଗଳାଇ ଦିଅନ୍ତୁ । କଣ୍ଟ୍ରାଷ୍ଟ କଲର୍ ନିଅନ୍ତୁ । ପଫ୍ ଏବଂ ସ୍କିନ୍ ଫିଟ୍ ବ୍ଲେଜର ଭଲ ମାନିଥାଏ । ତେଣୁ ଏହି ଲୁକ୍‌କୁ ଷ୍ଟାଇଲ୍‌ରେ ସାମିଲ୍ କରିପାରିବେ ।


**ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ:** ଆପଣ ଚାହିଁଲେ ହାଇନେକ୍‌କୁ ମ୍ୟାଚିଙ୍ଗ୍ ହ୍ୟାଣ୍ଡବ୍ୟାଗ ସହିତ ମଧ ଷ୍ଟାଇଲ କରିପାରିବେ । ହାଇନେକ ସାର୍ଟ କଲର ଏବଂ ହ୍ୟାଣ୍ଡବ୍ୟାଗ କଲର ଗୋଟିଏ ରଙ୍ଗର ନେଇପାରିବେ । ନହେଲେ କଣ୍ଟ୍ରାଷ୍ଟ ଲୁକ୍ ବି ଦେଇପାରିବେ । ଆଉଟଫିଟ୍‌କୁ ଡାର୍କ କଲର୍ ବଟମ୍ ୱିୟର ସହିତ ଟିମ୍ ଅପ୍ କଲେ ଡାର୍କ କଲର୍ କୌଣସି ହ୍ୟାଣ୍ଡବ୍ୟାଗ୍ କ୍ୟାରି କରନ୍ତୁ । ଏହା ନା କେବଳ ମ୍ୟାଚିଙ୍ଗ୍ କମ୍ବିନେସନ୍ ଦେବ ବରଂ ଷ୍ଟାଇଲ୍‌କୁ ବି ହାଇଲାଇଟ୍ କରିବ ।

**ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍:** ହାଇନେକ୍ ଟିସାର୍ଟକୁ କେବଳ ଜିନ୍ସ ଏବଂ ସର୍ଟସ୍ ସହିତ କ୍ୟାରି କରନ୍ତୁ ନାହିଁ । ପେନ୍‌ସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଅପସନ୍ ରହିଛି । ପେନସିଲ୍ ସ୍କର୍ଟ ଏବଂ ଷ୍ଟକିଙ୍ଗସ୍ ଫିଗରକୁ ପରଫେକ୍ଟ ଲୁକ୍ ଦେଇଥାଏ । ଅନ୍ୟଙ୍କଠାରୁ ଲାଗିବା ପାଇଁ ଏହି ଷ୍ଟାଇଲ୍‌କୁ କ୍ୟାରି କରିପାରିବେ । ସ୍କର୍ଟ ସହିତ ପିନ୍ଧୁଥିଲେ ହାଇନେକ୍ ସାର୍ଟକୁ ଇନ୍ କରନ୍ତୁ ଏବଂ ଥାଇହାଇ ଷ୍ଟକିଙ୍ଗସ୍‌ରେ ଲୁକ୍ ଶେଷ କରନ୍ତୁ ।

**ହ୍ୟାଟ୍:** ହାଇନେକ୍ ପିନ୍ଧିଥିଲେ ଆକ୍ସେସରିଜ୍ ରୂପେ ହ୍ୟାଟ୍ ସାମିଲ କରନ୍ତୁ । ହ୍ୟାଟ୍‌ରେ ଆପଣ ଲୁକ୍‌କୁ ପୂରା ପରିବର୍ତ୍ତନ କରିପାରିବେ । ହେଲେ ହ୍ୟାଟ୍ ନେଲା ସମୟରେ ଆପଣଙ୍କ ଚେହେରାର ସେପ୍ ଉପରେ ବି ଧ୍ୟାନ ରଖିବା ଭୁଲନ୍ତୁ ନାହିଁ । କାରଣ ହ୍ୟାଟ୍ ସମସ୍ତଙ୍କ ଚେହେରାରେ ଭଲ ଲାଗିନଥାଏ ।








ସୂର୍ଯ୍ୟନମସ୍କାର- ସୂର୍ଯ୍ୟ ନମସ୍କାର ସବୁ ଆସନ ମଧ୍ୟରେ ମୁଖ୍ୟ ଆସନ ବୋଲି ବିଚାର କରାଯାଏ । ଏହାଦ୍ୱାରା ସାଇନସ ସମସ୍ୟାରୁ ମୁକ୍ତି ମିଳିଥାଏ । ପ୍ରତ୍ୟହ ଏହି ଆସନ କରିବା ଦ୍ୱାରା ଶରୀରକୁ ଉର୍ଜା ମିଳିବା ସହ ଭିଟାମିନ ଡି ମଧ ମିଳିଥାଏ । ୧୨ ମୁଦ୍ରା ବିଶିଷ୍ଟ ଏହି ଆସନ ସାଇନସରୁ ମୁକ୍ତି ଦେବା ସହ ଅବସାଦକୁ କମ କରି ଓଜନ ହ୍ରାସ କରିଥାଏ ।

ପଶ୍ଚିମୋତ୍ତାନାସନ- ଏହି ଆସନ କରିବା ବହୁତ ସହଜ । ଏହା କରିବା ସମୟରେ କ୍ଲାନ୍ତି ଲାଗେ ନାହିଁ । ଏହା ସାଇନସ ସହ ଅନିଦ୍ରାର ଉପଚାର ପାଇଁ ମଧ ସାହାଯ୍ୟ କରିଥାଏ । ଏହି ଆସନ କରିବା ପାଇଁ ପ୍ରଥମେ ଆପଣ ସିଧା ବସନ୍ତୁ ଓ ଦୁଇ ପାଦକୁ ସିଧା ଯୋଡ଼ି ରଖି ଦୁଇ ହାତକୁ ଉପରକୁ ଉଠାନ୍ତୁ ଓ ଅଣ୍ଟା ସିଧା ରଖନ୍ତୁ । ଏହାପରେ ଦୁଇପାଦର ଆଙ୍ଗୁଠିକୁ ହାତରେ ଛୁଇଁବାକୁ ଚେଷ୍ଟା କରନ୍ତୁ । ଧ୍ୟାନ ରଖିବେ ଏହି ସମୟରେ ଆଣ୍ଠୁ ଯେପରି ମୋଡ଼ି ହୋଇ ନରୁହେ । ଏହା ସହ ପାଦ ମଧ ଭୂମିରୁ ଉପରକୁ ଉଠାଇବେ ନାହିଁ ।

ଉତ୍ତାନାସନ:- ଏହି ଯୋଗାସନ ମଧ ସାଇନସରୁ ଆରାମ ଦେବାରେ ସହାୟକ ହୋଇଥାଏ । ଏହାସହ ଶ୍ୱାସକ୍ରିୟା ସମ୍ବନ୍ଧିତ ଅନ୍ୟ ବେମାରୀରୁ ମଧ ଉପଶମ ମିଳିଥାଏ । ଏହି ଆସନ ଆପଣଙ୍କ ମୁଣ୍ଡକୁ ତାଜା ରଖିଥାଏ । ଉତ୍ତାନାସନ କରିବା ପାଇଁ ପ୍ରଥମେ ଆପଣ ସିଧା ଠିଆ ହୁଅନ୍ତୁ । ଲମ୍ବା ନିଶ୍ୱାସ ନେଇ ଦୁଇ ହାତ ଉପରକୁ କରାନ୍ତୁ ଏହାପରେ ଆଗକୁ ନଇଁ ଦୁଇହାତରେ ଭୂମିକୁ ଛୁଅନ୍ତୁ । ଏହି ସମୟରେ ଆଣ୍ଠୁକୁ ଆଦୌ ମୋଡ଼ନ୍ତୁ ନାହିଁ । କିଛି ସମୟ ଏପରି ମୁଦ୍ରାରେ ରହିବା ପରେ ହାତକୁ ପୁନଃ ଉପରକୁ କରନ୍ତୁ ଓ ନିଶ୍ୱାସ ଛାଡ଼ି ସମାନ୍ୟ ଅବସ୍ଥାରେ ଛିଡ଼ା ହୋଇଯାଆନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଜାଗ ରହିବାକୁ ପଡ଼ିବ...

ଦେଶର ପାର୍ବଣ ଋତୁ ଏବେ ଜାରି ରହିଛି । ଦୁର୍ଗାପୂଜା ପରେ ଦୀପାବଳି, ଦେବ ଦୀପାବଳି, ଛଠ୍, ବଡ଼ଦିନ ଏବଂ ନୂଆବର୍ଷ ଆଗକୁ ଆସୁଛି । ସେସବୁକୁ ପାଳନ କରିବା ନିମନ୍ତେ ଲୋକମାନଙ୍କ ମନରେ ଉତ୍ସାହ ପ୍ରକାଶ ପାଇବା ସ୍ୱାଭାବିକ । କିନ୍ତୁ କରୋନା ମହାମାରୀ କାରଣରୁ ଏଥିପାଇଁ ସରକାରଙ୍କଠାରୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ପର୍ଯ୍ୟନ୍ତ ସଭିଏଁ ସତର୍କବାଣୀ ଶୁଣାଇ ଚାଲିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପ୍ରତିଥର ସମ୍ବୋଧିତ କଲାବେଳେ କରୋନା ବିରୋଧରେ ଚାଲିଥିବା ସଂଗ୍ରାମ ଏପର୍ଯ୍ୟନ୍ତ ଶେଷ ହୋଇନାହିଁ ବୋଲି ସତର୍କ କରାଉଛନ୍ତି । ଏବେ ଦେଶରେ କରୋନାର ବାସ୍ତବ ସ୍ଥିତିକୁ ଲକ୍ଷ୍ୟ କଲେ ଜଣାପଡ଼ିବ ଯେ, କେତେକ ନିର୍ଦ୍ଦିଷ୍ଟ ରାଜ୍ୟରେ ଏହି ମହାମାରୀ ପୁଣିଥରେ ବଢ଼ିବାର ସୂଚନା ଦେଖାଇଛି । ଗୁରୁବାର ଦିନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଗତ ଚବିଶ ଘଣ୍ଟା ମଧ୍ୟରେ ଦେଶରେ ୧୬ ହଜାର ୧୫୬ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ପୂର୍ବ ଦିନର ଚିହ୍ନଟ ଆକ୍ରାନ୍ତଙ୍କ ତୁଳନାରେ ୨୦ ପ୍ରତିଶତରୁ ଅଧିକ । ଗୋଟିଏ ଦିନରେ ୨୦ ପ୍ରତିଶତରୁ ଅଧିକ ସଂକ୍ରମଣ ବୃଦ୍ଧିକୁ କଦାପି ଏକ ଶୁଭ ଲକ୍ଷଣ ବୋଲି ଗ୍ରହଣ କରାଯାଇନପାରେ । ପୁଣି ଏହି ସମୟ ମଧ୍ୟରେ ଦେଶରେ ୭୩୩ଜଣ କରୋନା ଆକ୍ରାନ୍ତଙ୍କର ମୃତ୍ୟୁ ଘଟିଛି । ଯଦିଚ ଏବେ ଆରୋଗ୍ୟ ହାର ୯୮ ଦଶମିକ ୨୦ ପ୍ରତିଶତକୁ ବୃଦ୍ଧି ପାଇଛି ତଥାପି ନୂତନ ସଂକ୍ରମିତଙ୍କ ସଂଖ୍ୟା ନିୟନ୍ତ୍ରିତ ରଖାନଗଲେ ଏହାକୁ ଆୟତ୍ତକୁ ଆଣିବା କାଠିକର ପାଠ ବୋଲି କୁହାଯାଇପାରେ । ଯଦି ଦେଶରେ କରୋନା ସଂକ୍ରମଣ ମାନଚିତ୍ରକୁ ଲକ୍ଷ୍ୟ କରାଯିବ, ତେବେ ଜଣାପଡ଼ିବ ଯେ ଏହା ପ୍ରଥମେ କେରଳରୁ ଆରମ୍ଭ ହୋଇ ମହାରାଷ୍ଟ୍ର, କର୍ଣ୍ଣାଟକ, ଦିଲ୍ଲୀ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟକୁ ବ୍ୟାପିଥିଲା ଏବଂ ଏହିସବୁ ରାଜ୍ୟ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଥିଲେ । ଏବେ ଦେଖାଯାଉଛି ଯେ, କେରଳରେ ପୁଣି ଥରେ କରୋନା ହୁ ହୁ ହୋଇ ବୃଦ୍ଧି ପାଇଚାଲିଛି । ଦେଶରେ ଚିହ୍ନଟ ହୋଇଥିବା ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ କେରଳରୁ ୫୮ ପ୍ରତିଶତ ଥିବା ଜଣାପଡ଼ିଛି । ସେହିଭଳି ଦେଶରେ ମୃତ୍ୟୁବରଣ କରିଥିବା ମୋଟ୍ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୭୩୩ ଥିବାବେଳେ କେବଳ କେରଳରେ ଗତ ୨୪ ଘଣ୍ଟା ମଧ୍ୟରେ ୬୨୨ ଜଣଙ୍କ ପରଲୋକ ଘଟିଛି । କେରଳ ପଛକୁ ପଶ୍ଚିମବଙ୍ଗ, କର୍ଣ୍ଣାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟମାନେ ଅଛନ୍ତି । କର୍ଣ୍ଣାଟକରେ ଗୋଟିଏ ବିଦ୍ୟାଳୟର ୩୩ଜଣ କରୋନା ପଜିଟିଭ୍ ଚିହ୍ନଟ ହେବା ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି । ସେହିଭଳି କରୋନାର ନୂତନ ଭେରିଆଣ୍ଟ କୋଭିଡ-୪.୨ରେ ଆକ୍ରାନ୍ତ ହୋଇଥିବା କେତେକ ରୋଗୀଙ୍କୁ ସେହି ରାଜ୍ୟରୁ ନମୁନା ପରୀକ୍ଷା ପରେ ଚିହ୍ନଟ କରାଯିବା ମଧ୍ୟ ଏହି ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ସୂଚନାଯୋଗ୍ୟ ଯେ, ଦେଶରେ ଗତ କେତେ ମାସ ଧରି କରୋନାର କୌଣସି ନୂତନ ଭେରିଆଣ୍ଟ ଚିହ୍ନଟ ହୋଇନଥିଲା । ଏହା ସରକାରଙ୍କୁ କେତେକାଂଶରେ ନିଶ୍ଚିନ୍ତ କରିଥିଲା ଯେ, ପୂର୍ବବର୍ତ୍ତୀ ଭେରିଆଣ୍ଟକୁ ଯେଉଁଭଳି ମାତ୍ରାରେ ନିୟନ୍ତ୍ରଣ କରାଯାଉଛି ତାହା କାଏମ ରହିଲେ ଏହି ମହାମାରୀକୁ ଯଥାଶୀଘ୍ର ନିୟନ୍ତ୍ରଣ କରାଯାଇପାରିବ । ଏପରିକି ସରକାରଙ୍କ ବ୍ୟାପକ ଟିକାକରଣ ଏବଂ ଜନସଚେତନତା ଅଭିଯାନ ଦ୍ୱାରା ଦେଶରେ କରୋନାକୁ ଏପର୍ଯ୍ୟନ୍ତ ସଂପୂର୍ଣ୍ଣ ନିୟନ୍ତ୍ରଣରେ ରଖାଯାଇପାରିଛି । କିନ୍ତୁ କେବଳ ଭାରତର କେତେକ ରାଜ୍ୟ ନୁହେଁ, ଚୀନ୍ ଓ ଆଉ କେତେକ ୟୁରୋପୀୟ ରାଷ୍ଟ୍ରରେ ଏବେ କରୋନା ଭୀଷଣ ଆକାରରେ ପୁଣିଥରେ ଲେଉଟିବା ଆରମ୍ଭ କରିଛି । ସେସବୁ ରାଷ୍ଟ୍ରରେ ଭୀଷଣ ସତର୍କତା ଅବଲମ୍ବନ ଏବଂ ଟିକାକରଣ ପରେ ଯଦି ଏପରି ଘଟୁଛି, ତେବେ ଭାରତରେ ମଧ୍ୟ ସେହି ଘଟଣାର ପୁନରାବୃତ୍ତି ଯେ ନହେବ ତାହା କିଏ କହିବ ? ତେଣୁ ପାର୍ବଣ ଋତୁରେ ସତର୍କତା ଅବଲମ୍ବନ ହିଁ କରୋନାକୁ ଜବତ କରିବାର ସବୁଠାରୁ ବଡ଼ ସାଧନ । ଏହାକୁ ହେୟଜ୍ଞାନ କରିବାର ପରାଭବ କେବଳ ଭାରତ ନୁହେଁ, ସମଗ୍ର ବିଶ୍ୱ ଅନୁଭବ କରିସାରିଛି । ଦୀର୍ଘ ଦେଢ଼ବର୍ଷରୁ ଅଧିକ କାଳ ମାନବ ସମାଜ ଏହି ମହାମାରୀର କ୍ରୋଧକୁ ପରଖିଛି । ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଯାଇଛି ଏବଂ ଆହୁରି ଲକ୍ଷ ଲକ୍ଷ ଲୋକ ଏବେ ସୁଦ୍ଧା ମୃତ୍ୟୁ ସହ ଯୁଝୁଛନ୍ତି । ସେଭଳି ପରିସ୍ଥିତି ଆଉ ଥରେ ନଆସିବା ନିମନ୍ତେ ଆବଶ୍ୟକ ସତର୍କତା ଓ ଉପଚାର ଜରୁରି ମନେହୁଏ ।

## ସିପାହୀ ବିଦ୍ରୋହର ସୂତ୍ରଧର-ଚନ୍ଦନ ହଜୁରୀ




**ଅକ୍ଷୟ କୁମାର ରାଉତ**

କେତେ ମହାମନିଷୀ କେତେ ଅବତାର କେତେ ଯୁଗାନ୍ତକାରୀ ଜ୍ଞାନୀ, ମାନୀ, ମହାପୁରୁଷ, ଏଇ କାନନ କୁନ୍ତଳା ତଟିନୀ ମେଖଳା ମନ୍ଦିର ମୟୀ କୀର୍ତ୍ତି କୀରିଟିନୀ ଚିର ମହନୀୟା ଭାରତ ମାତାର କୋଳ ଆଲୋକିତ କରି ତ୍ୟାଗ ଆଦର୍ଶ ଓ ଜ୍ଞାନ କର୍ମ ର ଅକ୍ଷୟ ଐଶ୍ୱର୍ଯ୍ୟରେ ସମଗ୍ର ବିଶ୍ୱକୁ କରିଛନ୍ତି ଦୀପ୍ତିମନ୍ତ। ସେମାନଙ୍କ ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ନକ୍ଷତ୍ର ହେଉଛନ୍ତି ଚନ୍ଦନ ହଜୁରୀ ବା ଚାଖି ଖୁଣ୍ଟିଆ। ସମ୍ଭବତଃ ୧୮୨୭ ମସିହା ଅକ୍ଟୋବର ୩୦ ତାରିଖ କାର୍ତ୍ତୀକ ଶୁକ୍ଳ ଏକାଦଶୀ ମଙ୍ଗଳ ବାର ତୁଳା ୧୫ ଦିନ (ଅନ୍ୟମତେ ଶାୟଦଶମୀ ଜାନୁୟାରୀ ୨୦ ତାରିଖ) ହରଚଣ୍ଡୀ ବୁଢ଼ା ଭୀମସେନ ହଜୁରୀ ବଡ ଠାକୁରଙ୍କୁ ଚନ୍ଦନ ଲାଗି କରୁଥିବା ସମୟରେ ଘରେ ଜନ୍ମ ନେଲେ ହଜୁରୀ ଚନ୍ଦନ ଖୁଣ୍ଟିଆ।

ଜଗନ୍ନାଥଙ୍କ ଚନ୍ଦନ ବେଶ ବେଳେ ଜନ୍ମ ହୋଇଥିବାରୁ ତାଙ୍କ ନାମ ଚନ୍ଦନ। ଆନନ୍ଦ ବଜାର ରେ ସବୁଦିନ ମହାପ୍ରସାଦ ଚାଖୁଥିବାରୁ ଲୋକେ ଡାକିଲେ ଚାଖି, ତାଙ୍କ ପୂର୍ବ ପୁରୁଷଙ୍କୁ ପୁରୀ ରାଜା ହଜୁରୀ ଉପାଧି ପ୍ରଦାନ କରିଥିବାରୁ ତାଙ୍କୁ ହଜୁର୍ ବୋଲି ସମ୍ମାନ କରାଯାଉଥିଲା। ଚନ୍ଦନ ହଜୁରୀ ସଂସ୍କୃତ ନପଢି ହିନ୍ଦୀ ପଢିଲେ ଓ ହିନ୍ଦୀ ପଢିବାରେ ସମସ୍ତଙ୍କୁ ଟପିଗଲେ। ଭୀମସେନ ହଜୁରୀ ପ୍ରତି ବର୍ଷ ପଶ୍ଚିମା ଯାତ୍ରୀ ଆଣିବାକୁ ଯାଆନ୍ତି। ତାଙ୍କର ଅନେକ ଯାତ୍ରୀ ଉତର ପ୍ରଦେଶର ବିଠୁର ନାମକ ସ୍ଥାନରୁ ଆସିଥାନ୍ତି। ଭୀମସେନ ଥିଲେ ଝାନସୀ ରାଜ୍ୟ ଓ ପେଶୱାଙ୍କ ପୁରୀ ପଣ୍ଡା। ଚନ୍ଦନ ବାପାଙ୍କ ସାଙ୍ଗରେ ଅନେକ ସମୟ ବିଠୁର ଯାଉଥିଲେ। ସେଠାରେ ସେ ପେଶୱାଙ୍କ ଦେୱାନ ମୋରପନ୍ତଙ୍କ ଝିଅ ମନୁବାଈ (ଛବେଲୀ) ଓ ନାନାସାହେବଙ୍କ ସହ ଖଣ୍ଡା ଖେଳ ଓ ଘୋଡା ଚଢାରେ ଯୋଗଦେଉଥିଲେ। ଝାନ୍ସୀର ରାଜା ଗଙ୍ଗାଧର ରାଓଙ୍କର ପ୍ରଥମ ସ୍ତ୍ରୀର ଦେହାନ୍ତ ପରେ। ଭିମସେନଙ୍କ ମଧ୍ୟସ୍ଥାରେ ଗଙ୍ଗାଧର ମନୁବାଈକୁ ବିବାହ କରିଥିଲେ । ବିବାହ ପରେ ମନୁବାଈଙ୍କ ନାମ ହେଲା ଲକ୍ଷ୍ମୀବାଈ। ବେପାର କରୁ କରୁ ଗୋରା ବଣିକମାନେ ଭାରତ ବର୍ଷର ଶାସକ ହୋଇଗଲେ । ଇଂରେଜ ଜାତିର ଅନ୍ୟାୟ ଓ ଅବିର ବିରୁଦ୍ଧରେ ବାଳକ ଚନ୍ଦନ ହଜୁରୀଙ୍କ ମନରେ ବିଦ୍ରୋହର ନିଆଁ ଜାଗିଉଠିଥିଲା। ବକ୍ସି ଜଗବନ୍ଧୁଙ୍କ ପାଇକ ବିଦ୍ରୋହ ଥିଲା ସ୍ୱାଧୀନତା ପାଇଁ ପ୍ରଥମ ସଂଗ୍ରାମ । ଆମ ଓଡିଆ ପୁଅ ପ୍ରଥମେ ଖଣ୍ଡା ଉଠାଇ ଭୟଭୀତ କରିଥିଲା ଗୋରା ସରକାରଙ୍କୁ । ଏଇ ମହାନ୍ ସଂଗ୍ରାମ କଥା ଚନ୍ଦନ ହଜୁରିଙ୍କ ମନରେ କରିଥିଲା ଗଭୀର ରେଖାପାତ। ଲକ୍ଷ୍ମୀବାଈଙ୍କର ସ୍ୱାମୀ ଓ ପୁଅ ଦୁହେଁ ଜଣକ ପରେ ଜଣେ ମରିଗଲେ ରାଜ୍ୟ ଅରାଜକ ହୋଇଗଲା। ଇଂରେଜ ସରକାର ଝାନ୍ସୀ ଦଖଲ କରି ରାଣୀଙ୍କୁ ୫ହଜାର ଟଙ୍କା ଭତା ଦେଲେ। ଏହି ବିପଦ ବେଳେ ରାଣୀ ଲକ୍ଷ୍ମୀବାଈ ପିଲାଦିନର ସାଙ୍ଗ, ଭାଇ ଓ ଗୁରୁ ଚନ୍ଦନ ହଜୁରୀଙ୍କୁ ମନେ ପକାଇ ଚିଠିଟିଏ ଦେଲେ। ଚିଠି ପାଇ ଚନ୍ଦନ ନିଜ ସ୍ତ୍ରୀ ସୁନ୍ଦର ମଣୀ ଓ ଘରର ଦାୟତ୍ୱ ପାରିନାନୀଙ୍କ ହାତରେ ଦେଇ ଝାନସୀ ଅଭିମୁଖେ ଯାତ୍ରା କଲେ । ପାରୀନାନୀ ସୁନ୍ଦର ମଣୀକୁ ବୁଝେଇ ଦେଲେ ଚନ୍ଦନ ହେଉଛି ଉତ୍କଳର ମଲ୍ଲ ସେ କେତେ କୁସ୍ତି କସରତରେ ଅନେକ ମଲ୍ଲଙ୍କୁ କଚାଡି ଦେଇଛି। ତେଣୁ ଚନ୍ଦନଙ୍କୁ ପଲଟଣ ପଣ୍ଡା ବା ତୀର୍ଥ ଗୁରୁଜୀ ବୋଲି ଲୋକେ ଡାକୁଥିଲେ। ଝାନ୍ସୀରେ ପହଞ୍ଚି ଚନ୍ଦନ ହଜୁରୀ ରାଣୀଙ୍କୁ ପରାମର୍ଶ ଦେଲେ, ନାନା ସାହେବ ଓ ତାନ୍ତିଆ ଟୋପେଙ୍କ ସିପାହୀ ମାନଙ୍କୁ ନେଇ ଇଂରେଜ ମାନଙ୍କ ସାଙ୍ଗରେ ଲଢିବେ।

ଚନ୍ଦନ ହଜୁରୀ ବିଠୁରରେ ନାନା ସାହେବ, ମୁସଲମାନମାନଙ୍କ ନେତା ଓକିଲ ଆଜମୋଲ୍ଲା ଖାଁ, ତାନ୍ତିଆ ଟୋପେ ଓ ଦିଲ୍ଲୀ ସମ୍ରାଟ ବାହାଦୁର ଶାହାଙ୍କ ସହିତ ଯୋଗସୂତ୍ର ରକ୍ଷାକରି ଝାନ୍ସୀ ରାଜ୍ୟର ଗାଁ ଗହଳିରେ ବୁଲିଲେ, ଲୋକମାନଙ୍କୁ କହିଲେ ଆମେ ମିଳିମିଶି ଏ ଇଂରେଜ ସରକାରଙ୍କୁ ଆମ ଦେଶରୁ ତଡିବା। ସବୁ ଲୋକ ତାଙ୍କ କଥାରେ ମାତିଗଲେ। ଏହି ସମୟରେ ଚନ୍ଦନ ହଜୁରୀ ଏକ ଜନରବ ସୃଷ୍ଟି କରିବାର ଶୁଣାଯାଏ, ଇଂରେଜ ସରକାରଙ୍କ ଅଧିନରେ ଥିବା ସିପାହୀମାନଙ୍କୁ ବନ୍ଧୁକ ଫୁଟାଇଲା ବେଳେ ଯେଉଁ ତୋଟାକୁ ଦାନ୍ତରେ କାମୁଡିବାକୁ ପଡୁଥିଲା, ତାହା ଉପରେ ଗୋରୁ ଓ ଘୁଷୁରିର ଚର୍ବି ବୋଳା ଯାଇଛି। ସିପାହୀ ମାନେ ଧର୍ମ ଯିବା ଭୟରେ ବିଦ୍ରୋହ ଆରମ୍ଭ କରିଦେଲେ, ଏହାଥିଲା ୧୮୫୭ ମସିହା ସିପାହୀ ବିଦ୍ରୋହ।

ଝାନ୍ସୀ ଦୁର୍ଗ ଇଂରେଜ ସେନାପତି ସ୍କିନ ଅଧିକାର କରିନେଲେ। ହଠାତ ଦିନେ ଝାନ୍ସୀ ରାଜ୍ୟର ହଜାର ହଜାର ଲୋକ ହାତରେ ହାତ ହତିଆର ଧରି ଝନ୍ସୀ ଦୁର୍ଗ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସିପାହୀ ଓ ଗୋରା ସେନାପତି ସ୍କିନଙ୍କୁ ନାକେଦମ କରି ଦେଇ ଦୁର୍ଗ ଅଧିକାର କରି ନେଲେ। କିଛି ଦିନପରେ ଝାନ୍ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈଙ୍କ ହାତ ମୁଠାକୁ ଆସିଲା। ଇଂରେଜ ସରକାର ହାର ମାନିଲେ। ଝାନ୍ସୀ ଦୁର୍ଗ ରାଣୀ ଲକ୍ଷ୍ମୀବାଈ ଅଧିକାର କରିବାର ଗୋଟିଏ ବର୍ଷ ପୁରି ଗଲା। ଇଂରେଜ ସରକାର ସୁଯୋଗ ଖୋଜୁଥିଲ, କେମିତି ଝାନ୍ସୀ ଦୁର୍ଗ ଅଧିକାର କରିବେ। ସାର୍‌ହିଉରୋଜ ଓ କଲିନ୍ କ୍ୟାମ୍ପବେଲ ନେତୃତ୍ୱରେ ଇଂରେଜ ସେନାବାହିନୀ ୧୮୫୮ ସାଲରେ ଝାନ୍ସୀ ଦୁର୍ଗ ଆକ୍ରମଣ କରିଥିଲେ। ଝାନ୍ସୀ ନଗରିରେ ଯୁଦ୍ଧର ନାଗରାବାଜି ଉଠିଲା। ରାଣୀ ଲକ୍ଷ୍ମୀବାଈ ବୀର ପୋଷାକ ପିନ୍ଧି ଖଣ୍ଡା ଧରି ଯୁଦ୍ଧ ଭୂମିରେ ଠିଆହେଲେ। ଲକ୍ଷ୍ମୀବାଈ ତାଙ୍କର ୨ ଜଣ ପ୍ରଧାନ ସହଯୋଗି ରାମଚନ୍ଦ୍ର ଦେଶମୁଖ୍ ଖୋଦାବକ୍ସ ଓ ସେନାପତି ଗୋଲାମ ଗୌସ୍, ଇଂରେଜ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲେ। ଇଂରେଜ ସୈନ୍ୟ ପ୍ରାଣଭୟରେ ଯୁଦ୍ଧ ଭୂମିରୁ ପଳାଇ ଯିବାକୁ ବାଟ ପାଇଲେ ନାହିଁ। ସାର୍ ହିଉରୋଜ ଜଣେ ନାରୀର ରଣ କୌଶଳ ଦେଖି ଆଶ୍ଚର୍ଯ୍ୟ ହେଲେ। ଏତିକି ବେଳେ ଠାକୁର ଲାଲାଜି ବିଶ୍ୱାସ ଘାତକତା କରି ମୂଳ ଦୂର୍ଗ ଦୁଆର ଖୋଲିଦେଇ ଇଂରେଜ ସୈନ୍ୟ ମାନଙ୍କୁ ଦୁର୍ଗ ଭିତରକୁ ବାଟ ବତାଇଦେଲେ। ରାଣୀ ଲକ୍ଷ୍ମୀବାଇ ଓ ତାଙ୍କ ପୁଅ ଦାମୋଦର ଓ ଚନ୍ଦନ ହଜୁରୀ ଦୁର୍ଗ ଭିତରୁ ପଳାଇ ଗଲେ। ଏହି ଯୁଦ୍ଧରେ ସାହାଯ୍ୟ କରିବାକୁ ଆସୁଥିବା ତାନ୍ତିଆ ଟୋପେ ଓ ତାଙ୍କର ୨୦ହଜାର ସୈନ୍ୟ ବାଟରେ ଧରାପଡିଗଲେ। ସିନ୍ଧିଆ ଇଂରେଜକୁ ଡରି ସାହାଯ୍ୟ କଲେ ନାହିଁ। ଗୋୱାଲିଅର ପାଖାପାଖି ଏକ ନଦୀ କୁଳରେ ରାଣୀ ଲକ୍ଷ୍ମୀବାଈ ଗୋରା ବାହିନୀ ସଙ୍ଗେ ଯୁଦ୍ଧ କଲେ। ଝାନ୍ସୀ ରାଣୀଙ୍କ ଘୋଡା ପାଣି ଦେଖି ହଠାତ୍ ଅଟକିଗଲା। ରୋଜ୍ ସାହେବଙ୍କ ଗୁଳିରେ ରାଣୀଙ୍କ ଦେହରୁ ଝର ଝର ରକ୍ତ ନିଗିଡି ଗଲା। ଚନ୍ଦନ ହଜୁରୀଙ୍କ ହାତରୁ ମହାପ୍ରସାଦ ପଣି ପାଇ, ସେହି ନଦୀ କୂଳରେ ପ୍ରାଣହରାଇଲେ। ଜଳନ୍ତା ଜୁଇରେ ଚିର ନିଦ୍ରରେ ଶୋଇଲେ ଭାରତର ବାଘୁଣୀ ଲକ୍ଷ୍ମୀବାଈ। ତାନ୍ତିଆ ଫାଶୀପାଇଲେ । ନିଖୋଜ ହେଲେ ନାନା ସାହେବ। ଚନ୍ଦନ ହଜୁରୀ ସାଧୁ ଗଙ୍ଗା ଦାସ ନାମରେ ଲୁଚି ଲୁଚି ବୁଲିଲେ। ବାହାଦୁର ଶାହଙ୍କୁ ଇଂରେଜମାନେ ବର୍ମାର ରେଙ୍ଗୁନ୍‌ରେ ବନ୍ଦି କରି ରଖିଲେ। କାଲାକାଙ୍କର ରାଜାଙ୍କ ନିକଟରେ ଚନ୍ଦନ ହଜୁରୀ ବହୁଦିନ ରହିଗଲେ। ଇଂରେଜ ପୋଲିସ ଚନ୍ଦନକୁ ଧରିବା ଲାଗି ଛାଇଭଳି ଜଗିରହିଲେ। ଏଣେ ଚନ୍ଦନ ହଜୁରୀଙ୍କର ମୃତ୍ୟୁ ଖବର ଚାରିଆଡେ ପ୍ରଚାର ହୋଇଗଲା। ତାଙ୍କର ସ୍ତ୍ରୀ ସୁନ୍ଦର ମଣି ବିଧବା ହେଲେ। ଚନ୍ଦନ ହଜୁରୀ ଦେଢବର୍ଷ କାଳ ବଣ ଜଙ୍ଗଲ ଭିତରେ ବୁଲି ବୁଲି ୧୮୬୫ ମସିହରେ ନିଜର ଜନ୍ମ ଭୂମି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ।



ପରେତାଙ୍କୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ। ତାଙ୍କର ପାରି ନାନି ଥଟ୍ଟାରେ ଢଗ ବୋଲିଲେ -
'ନଈରେ ବାଲିଆ ଚହଟିଲା
କଜଳ ସିନ୍ଦୂର ନାଆ ଲୋ ରାଣ୍ଡ
ପୁଣି ଚାଖିଆ ଲେଉଟିଲା'।

ମଣିଷ ମାରିବା ଅପରାଧରେ ପୁରୀରେ ଚାଖି ଖୁଣ୍ଟିଆଙ୍କ ବିଚାର ଚାଲିଲା। କିଛି ପ୍ରମାଣ ମିଳିଲା ନାହିଁ।

ତାଙ୍କୁ ନଜର ବନ୍ଦୀ କରାଗଲା। ନିୟମ କରାଗଲା ସେ ପୁରୀ ବାହାରକୁ ଯାଇପାରିବେ ନାହିଁ। ପ୍ରତିଦିନ ତାଙ୍କୁ ଥାନାରେ ହାଜିର ହେବାକୁ ପଡୁଥିଲା।

ଚାଖି ଖଣ୍ଡା ଛାଡି କଲମ ଧଇଲେ। ଜଗନ୍ନାଥଙ୍କ ଭାବ ଭକ୍ତିରେ ଜଣାଣ ଭଜନ ଲେଖି ଚାଲିଲେ -
'ଧଣ୍ଡାମାଳ ବୁହା ଦୁର୍ଦ୍ଦଶା ରାହୁ
ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନାହିଁ କି ମଣିମା
ଗଣ୍ଡାକର ଦିଶୁ ନାହିଁ ମହିମା ହେ'।

ଜୀବନର ସବୁ ସାହା ଭରସା ହରାଇ ତାଙ୍କ ମନ ହାହକାର କରୁଥିଲା। ସେ ନିରାସ ହୋଇ କଳା ଠାକୁରଙ୍କ ଆଗରେ ଜଣାଣ କରୁଥିଲେ -'ଡେଣା ଭଙ୍ଗା ପକ୍ଷୀ ପରାୟେ ହୋଇ
ଡାକ ବିନୁ ଗତି ଅନ୍ୟଥା ନୋହି'।

ସମ୍ଭବତଃ ୧୮୮୮ (୧୮୭୦) ମସିହା ଅକ୍ଟୋବର ୧୮ ତାରିଖ ଦିନ ଚନ୍ଦନ ହଜୁରୀ ଓରଫ ଚାଖି ଖୁଣ୍ଟିଆ ସିପାହୀ ବିଦ୍ରୋହର ସୁତ୍ରଧର ଆମକୁ ଛାଡି ଅମର ପୁରକୁ ଚାଲିଗଲେ। ଆଜିର ଓଡିଆ ପୁଅ ଏଇ ବୀରଙ୍କୁ ମନେପକାଇ ନିର୍ଭୀକ ହେଉ।

+ ପାରାଦ୍ୱୀପ ଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ- ୯୯୩୭୬୯୧୪୭୫


## କେଶ୍ୱରବାଦ ଉପାସକ ସ୍ୱାମୀ ଦୟାନନ୍ଦ ସରସ୍ୱତୀ



**ଅମୂଲ୍ୟ କୁମାର ପଣ୍ଡା**

ଦୟାନନ୍ଦ ସରସ୍ୱତୀ ଥିଲେ ଜଣେ ଲେଖକ, ସମାଜ ସଂସ୍କାରକ ଓ ଆର୍ଯ୍ୟ ସମାଜର ସଂସ୍ଥାପକ । ତାଙ୍କ ଆର୍ଯ୍ୟ ସମାଜରେ ବେଦମନ୍ତ୍ର ପଠନ କରା ଯାଇଥିଲା । ଆର୍ଯ୍ୟ ସମାଜର ଦୃଷ୍ଟିଭଙ୍ଗୀ ବିଜ୍ଞାନ ସମ୍ମତ ଓ ପ୍ରଗତିଧର୍ମୀ ଥିଲା । ମୂର୍ତ୍ତିପୂଜନ ଓ ଅବତାରବାଦକୁ ଏଡ଼ାଇ ଏକେଶ୍ୱର ଉପାସନା ପାଇଁ ଆହ୍ୱାନ କରାଯାଇଥିଲା । ବୈଜ୍ଞାନିକ ଦୃଷ୍ଟିକୋଣରୁ ଦୟାନନ୍ଦଙ୍କର ମତ ଓ ପଥ ଅତି ପ୍ରାସଙ୍ଗିକ ଓ ଯୁକ୍ତି ସମ୍ମତ । ବାସ୍ତବ ଜୀବନରେ ଏହାର ପ୍ରୟୋଗରେ ସଫଳତା ଉପଲବ୍ଧ ହେଉଥିବା ଦୃଷ୍ଟିରୁ ଦୟାନନ୍ଦ ସରସ୍ୱତୀ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିପାରିଥିଲେ । ଫଳତଃ ଶିକ୍ଷିତ ଗୋଷ୍ଠୀରେ ଆର୍ଯ୍ୟ ସମାଜ ବେଶ୍ ସୁଦୃଢ଼ ହୋଇ ପାରିଥିଲା। ଜାତି-ଧର୍ମ-ବର୍ଣ୍ଣ-ଲିଙ୍ଗ ନିର୍ବିଶେଷରେ ସମସ୍ତେ ବେଦପାଠ କରିପାରିବେ ବୋଲି ସେ ଆହ୍ୱାନ ଦେଇଥିଲେ । ସମସ୍ତେ ପ୍ରଭୁଙ୍କର ସନ୍ତାନ ଆଉ ସମସ୍ତଙ୍କର ସମାନ ଅଧିକାର ଅଛି ବୋଲି ସେ ସଦା କହୁଥିଲେ। ବେଦପାଠ ଓ ଯୋଗ ସାଧନରେ ସମସ୍ତଙ୍କର ଅଧିକାର ଅଛି ବୋଲି ସେ ମତ ଦେଇଥିଲେ । ଦୟାନନ୍ଦ ସଂସ୍କୃତ ଓ ହିନ୍ଦୀ ଭାଷାରେ ପ୍ରଭାବଶାଳୀ ବକ୍ତା ଭାବେ ପରିଚି । ସେ କହୁଥିଲେ ମୃତ ବ୍ୟକ୍ତିକୁ ଶ୍ରାଦ୍ଧ ତର୍ପଣ ନଦେଇ ଜୀବିତ ପିତାମାତା ଓ ବୃଦ୍ଧ ବ୍ୟକ୍ତିକୁ ସେବା କରିବା ହେଲା ପିତୃଯଜ୍ଞ । ଫଳିତ ଜ୍ୟୋତିଷ, ସାମୁଦ୍ରିକ ବିଦ୍ୟା, ହସ୍ତରେଖା ଆଦି ଅଯଥାର୍ଥ ଓ ଅନାବଶ୍ୟକ କାମ । ଲୌକିକ ବ୍ୟବହାରରେ ସାଧୁତା, ଯଥାର୍ଥ କର୍ମସାଧନା, କର୍ତ୍ତବ୍ୟ ପ୍ରତି ନିଷ୍ଠା ବଳରେ ପ୍ରାଣୀ ଫଳପ୍ରାପ୍ତ ହୁଅନ୍ତି ପ୍ରତିମା ପୂଜାଦେଇ ନୁହେଁ । ତାଙ୍କର ଉପଲବ୍ଧ ସତ୍ୟକୁ ପ୍ରତିପାଦିତ କରିବାକୁ ଯାଇ ସେ ଅପୌତ୍ତଳିକତା ଓ ନିଚ୍ଛକ ବୈଦିକ ସତ୍ୟର ଆଲୋଚନା ପାଇଁ ଆର୍ଯ୍ୟ ସମାଜ ସ୍ଥାପନ କରିଥିଲେ । ଆର୍ଯ୍ୟ ସମାଜ ଜରିଆରେ ଶିକ୍ଷାର ପ୍ରସାର କରାଇ ନାରୀକୁ ପୁରୁଷ ସହ ସମାନ ଅଧିକାର ଦେବାର ଯୁକ୍ତି ସେ ଦର୍ଶାଇଥିଲେ ।

ଫେବୃଆରୀ ୧୨ ତାରିଖ ୧୮୨୪ ମସିହାରେ ଏକ ଧନୀ ବ୍ରାହ୍ମଣ ପରିବାରରେ ଦୟାନନ୍ଦ ସରସ୍ୱତୀଙ୍କ ଜନ୍ମ ହୋଇଥିଲା । ତାଙ୍କର ମାତାଙ୍କର ନାମ ଥିଲା ଅମୃବା ଓ ପିତାଙ୍କର ନାମ ଥିଲା କର୍ଷନ ତିୱାରୀ। ଦୟାନନ୍ଦଙ୍କର ପିଲାଦିନର ନାମ ଥିଲା ମୂଳାଶଙ୍କର ଅମ୍ବାଶଙ୍କର। ତାଙ୍କ ପରିବାରର ଇଷ୍ଟଦେବତା ଥିଲେ ଭଗବାନ ଶଙ୍କରଙ୍କର । ଥରେ ଶିବରାତ୍ରି ତାଙ୍କ ପିତା ତାଙ୍କୁ ରାତି ଉଜାଗର ରହି ଧ୍ୟାନପୂର୍ବକ ଶିବଦର୍ଶନ କରିବାରେ ଉପଦେଶ ଦେଲେ । ଅମ୍ବାଶଙ୍କରଙ୍କର ପିତୃବାକ୍ୟ ପ୍ରତି ଗଭୀର ବିଶ୍ୱାସ ରହିଥିଲା । ଶିବ ଭକ୍ତିରେ ଉପବାସ କରି ରାତ୍ରି ଉଜାଗର ରହି ସେ ଶିବ ମନ୍ଦିରରେ ଦୀପ ଜାଳି ବସିଲେ । ଚାରିଆଡ଼େ ନିସ୍ତବ୍ଧ ଆଉ ଏହି ସମୟରେ ମୂଷାଟିଏ ଆସି ଶିବଲିଙ୍ଗ ଉପରେ ଚଢ଼ି ପ୍ରସାଦ ରୂପେ ଅର୍ପିତ ତଣ୍ଡୁଳାଦିକୁ ଭକ୍ଷଣ କରିବାକୁ ଲାଗିଲା ଆଉ ସେ ଦେଖିଲେ ଶଂକର ଦେବତା ପ୍ରତିକ୍ରିୟାହୀନ ତଥା ମୂଷିକର ବ୍ୟବହାରରେ ଶିବ ନିଷ୍କ୍ରିୟ । ଏହି ପ୍ରତ୍ୟକ୍ଷ ଅନୁଭବ ମୂଳାଶଙ୍କରଙ୍କର ଜୀବନର ଗତିପଥରେ ପରିବର୍ତ୍ତନ ଆଣିଲା । ମୂର୍ତ୍ତିପୂଜା ପ୍ରତି ତାଙ୍କର ଅବିଶ୍ୱାସ ଜାତ ହେଲା । ଈଶ୍ୱରତା ଲାଭ ଉଦ୍ଦେଶ୍ୟରେ ମୂଳାଶଙ୍କର ମାତ୍ର ୧୫ ବର୍ଷ ବୟସରେ ଗୃହତ୍ୟାଗ ପୂର୍ବକ ମଥୁରା ଚାଲିଗଲେ । ସେଠାରେ ସେ ବିରଜାନନ୍ଦ ସରସ୍ୱତୀଙ୍କୁ ଗୁରୁ କରି ତାଙ୍କର ତତ୍ତ୍ୱାବଧାନରେ ସକଳ ବେଦ



ଅଧ୍ୟୟନ କଲେ । ସନ୍ନ୍ୟାସ ଦୀକ୍ଷା ଗ୍ରହଣ କ୍ରମେ ତାଙ୍କର ନୂତନ ନାମ ହେଲା ଦୟାନନ୍ଦ । ବେଦାଧ୍ୟୟନ ଓ ତାହାର ଗୂଢ଼ ନିହିତାର୍ଥ ବ୍ୟାଖ୍ୟାରୁ ତାଙ୍କର ଗଭୀର ଜ୍ଞାନର ପରିଚୟ ମିଳିଥିଲା । ସେ ବହୁ ପ୍ରତିବାଦୀ ପଣ୍ଡିତମାନଙ୍କ ସହ ତର୍କ ଆଲୋଚନା କରି ବିଜୟୀ ହୋଇଥିଲେ। ତାଙ୍କୁ ସରସ୍ୱତୀ ଉପାଧି ପ୍ରଦାନ କରାଯାଇଥିଲା । ସନ୍ନ୍ୟାସୀ ଦୟାନନ୍ଦଙ୍କୁ ସ୍ୱାମୀଜୀ ଆଖ୍ୟା ପ୍ରଦାନ କରାଗଲା । ସନ୍ନ୍ୟାସୀ ଦୟାନନ୍ଦ ଏହାପରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ନାମରେ ସର୍ବ ପରିଚିତ ହେଲେ ।

ଦୟାନନ୍ଦଙ୍କ ରଚନାବଳୀ ମଧ୍ୟରୁ ପ୍ରକାଶିତ 'ସତ୍ୟାର୍ଥ ପ୍ରକାଶ' ଦୁଇ ଭାଗରେ ବିଭକ୍ତ । ପ୍ରଥମ ଅର୍ଦ୍ଧରେ ରହିଛି- ସନ୍ତାନର ଶିକ୍ଷା, ଜୀବନର ଚାରି ଆଶ୍ରମ, ଯଥା- ବ୍ରହ୍ମଚର୍ଯ୍ୟାଶ୍ରମ, ଗୃହସ୍ଥାଶ୍ରମ, ବାନପ୍ରସ୍ଥାଶ୍ରମ, ସନ୍ନ୍ୟାସାଶ୍ରମ ସହ ରାଜଧର୍ମ, ଜଗତର ସୃଷ୍ଟିସ୍ଥିତ ବିଲୟ, ବିଦ୍ୟା-ଅବିଦ୍ୟା, ବନ୍ଧନ-ମୋକ୍ଷ, ଆଚାର-ଅନାଚାର, ଭକ୍ଷ୍ୟ-ଅଭକ୍ଷ୍ୟ ଆଦିର ଆଲୋଚନା ଓ ଦ୍ୱିତୀୟ ଭାଗରେ ରହିଛି କେତେଜଣ ଦାନିକଙ୍କର ମତ-ମତାନ୍ତର, ବୌଦ୍ଧ-ଜୈନ-ଖ୍ରୀଷ୍ଟ-ଇସଲାମ ଧର୍ମାଦିର ଆଲୋଚନା । ତାଙ୍କର ଅନ୍ୟାନ୍ୟ କେତେଗୋଟି ପୁସ୍ତକ ମଧ୍ୟରେ ସନ୍ଧ୍ୟା, ଭାଗବତ ଖଣ୍ଡନ, ପଞ୍ଚମହାଯଜ୍ଞ ବିଧି, ଆର୍ଯ୍ୟାଭିବିନୟ, ଗୋ-କରୁଣାନିଧି, ସତ୍ୟ-ଧର୍ମ-ବିଚାର, ଭ୍ରାନ୍ତି ନିବାରଣ, ଋଗ ବେଦ ଭାଷ୍ୟ ଖୁବ୍ ଲୋକପ୍ରିୟ। ବାଲ୍ୟବିବାହ ପ୍ରଚଳିତ ପ୍ରଥାକୁ ଦୟାନନ୍ଦ ସରସ୍ୱତୀ ବିରୋଧ କରୁଥିଲେ । ପରିପକ୍ୱ ବୟସରେ ଦାୟିତ୍ୱ ଜ୍ଞାନ ଆସିବା ପରେ ବିବାହ କଲେ ସ୍ତ୍ରୀ ପୁରୁଷ ସମର୍ଥବନ୍ତ ହୁଅନ୍ତି ଓ ବିବାହ ସଫଳ ହୁଏ ବୋଲି କହୁଥିଲେ। ଏଥିସହିତ ସେ ବିଧବା ବିବାହର ସପକ୍ଷରେ ଯୁକ୍ତି କରି ଓ ଅନେକ କ୍ଷେତ୍ରରେ ବିଧବା ବିବାହ କରାଇ ବହୁ ତର୍କର ସମ୍ମୁଖୀନ ହେଇଥିଲେ । ଏହି ମହାନ ବ୍ୟକ୍ତିଙ୍କର ୩୦ ଅକ୍ଟୋବର ୧୮୮୩ରେ ତାଙ୍କର ଦେହାନ୍ତ ହେଇଥିଲା ।

+ ଅରଙ୍ଗାବାଦ ବରୀ ଯାଜପୁର
(ମୋ) ୯୯୩୮୯୦୬୦୭୦

## କବିତା କୋଣାର୍କ

### ଜ୍ୱଳନ
**ଦେବାଶିଷ ମହାପାତ୍ର**



ଝରଣା ଝରେ ଶ୍ରାବଣ ହଜେ
ସମୁଦ୍ର ଗାଏ ଗୀତ
ମୁରୁକି ହସେ ପୂର୍ଣ୍ଣମୀ ଜହ୍ନ
କଇଁକୁ ଲାଗେ ବିଷ ।।

ଫଗୁଣ ଆସି ଚିତ୍ରିତ କରେ
ହାତ ହଲାଏ ମିତ
ପଶ୍ଚିମ ଦିଗେ ମେଲାଣି ନେଲେ
ଗରମ ଲାଗେ ଶୀତ ।।

ସଜେଇ ହେଇ ନାଚିଲେ ସିଏ
ଶୁଭେ ନୂପୁର ସ୍ୱର
ଈଶ୍ୱରୀ ସାଜି ବଜାଏ ଆଜି
ମଧୁର ବଂଶୀ ସ୍ୱନ ।।

+ (ମୋ) ୯୭୭୬୩୪୯୭୨୨





### ଶୀତ ଆସୁଛି
**ସୁଶ୍ରୀ ସଂଯୁକ୍ତା ପରିଚ୍ଛା**

ଶୀତ ଆସୁଛି-
ଆକାଶର ଛାତି ଚିରି
ସବୁଜ ବଣର ପରଦା ଆଡେଇ
ସୁବର୍ଣ୍ଣଶଷ୍ୟର ଦୋଳିରେ ଝୁଲଝୁଲି
ଘାସ ଗାଲିଚାରେ ପାଦ ପକାଇ ।
ଶୀତ ହସୁଛି-
ଘନ କୁହୁଡ଼ିର ଚାନ୍ଦୁଆରେ
କାକରଟୋପାର ମୁକ୍ତା ବିନ୍ଦୁରେ
କାଲୁଆ ପବନ ଦୋଳିରେ ।
ଶୀତ ଆଣିଛି-
ଆମ ବଗିଚାରେ
ଗେଣ୍ଡୁ, ଗୋଲାପ ସାଥିରେ
ସେବତୀର ପଟୁଆର
ପୋଖରୀରେ ପଦ୍ମଫୁଲର
ଅଭିସାର,
ମା ଲକ୍ଷ୍ମୀଙ୍କର ପୂଜା ସମ୍ଭାର ।
ଶୀତ ଖେଳୁଛି-
ସୋରଷଖେତର
ହଳଦିଆ ଚାଦରରେ
କାଶତଣ୍ଡି ଫୁଲର ଧଳା କାନିରେ
ପ୍ରଜାପତିର ରଙ୍ଗବେରଙ୍ଗ ଡେଣାରେ।
ଶୀତ ରାଜୁତି କରୁଛି-
ଖୋଲା ଅଗଣାରେ
ଝର୍କା ସେପାଖ କୋଠରୀରେ
ନରମ ଶେଜର ଫାଙ୍କରେ
ଗରୀବର ଫୁଙ୍ଗୁଳା ଶରୀରରେ ।
ଶୀତ ମୁହଁ ଲୁଚାଉଛି -
ଗରମ ପୋଷାକ ଆଢୁଆଳରେ
ଶେଜ, କମ୍ବଳର ନରମ ଛୁଆଁ ରେ
ଅଗ୍ନିର ତେଜୋଦୀପ୍ତ ଶିଖାରେ
ସୂର୍ଯ୍ୟ କିରଣର ଉଜ୍ଜ୍ୱଳ ଆଭାରେ
ମା' ରଅଭୟ କୋଳରେ ।

+ ପାଟଣାଗଡ଼, ବଲାଙ୍ଗିର,
ପିନ-୭୬୭୦୨୫

### ଚଉଡା ଛାତି
**ବାବାଜୀ ଚରଣ ଜେନା**



ଲମ୍ବା ଚଉଡା ଛାତିଟି ଯାହାର
ସବୁ ସିଏ ପାରେ ସହି
ସାମ୍ନା କରଇ ଝଡ ଝଞ୍ଜାକୁ
ଆପଣା ଇଛାରେ ସେଇ ....।୦।
ବଢିଲା ନଈରେ ପହଁରି ପାରେସେ
ସବୁ କିଛି ପର କରି
ନଈ ସୁଅ ତାକୁ ରୋକି ପାରେ ନାହିଁ
ସିଏବି ଯାଏନା ଡରି
ସାଲିସ କରେନା କାହା ସାଥେ ସିଏ
ଜିତିବା ର ମନ ନେଇ। ...।୧।
ମାପି ପାରେ ସିଏ ପବନର ବେଗ
ଆକାଶ ଛାତିରେ ଉଡି
କାର୍ତ୍ତିକ ବର୍ଷାକୁ ଡରଇନା ସିଏ
ମାରୁ ଯେତେ ଘଡଘଡି
ଶେଷରେ ତାପାଖେ ହାର ମାନେ ସବୁ
ସଫଳତା ଯାଏ ଛୁଇଁ ...।୨।

+ ଅହଲ୍ୟା ନିବାସ
ପୋପରଡା, ନୂଆବଜାର,
କଟକ,୪
(ମୋ)୯୪୩୭୮୩୪୭୧୯

### ଅଦୃଶ୍ୟରେ ମହାଶକ୍ତି
**ଅମରନାଥ ବାରିକ୍**

ତୁ ଅଛୁ ବୋଲି ବଞ୍ଚିଛି ଏ ଦେହ
ଚଳୁଅଛି ହାତ ଗୋଡ଼
ହୋଇପାରୁ ଶୂନ୍ୟ ଏ ଜଗତ ଲାଗି
ହେଲେ ପିଣ୍ଡ ପାଇଁ ବଡ଼ ।

ଦିଶେ ଏ ଶରୀର ପୁଣି ଜକଜକ
ମୁଖ କହେ କେତେ ବାଣୀ
ଦେଖି ହୁଏ ନାହିଁ ତୋହରି ଆକାର
ପରଶରୁ ହୁଏ ଜାଣି ।

ଚାଲିଯାଉ ଯେବେ ଏ ଶରୀର ଛାଡ଼ି
ମଣିଷ ହୁଅଇ ଶବ
ସବୁ ଅସମ୍ଭବ ତୋ ବିହୁନେ ଏଠି
ଥମିଗଲେ ତୋର ବେଗ ।

ତୁହିରେ ପବନ ସଭିଙ୍କ ଜୀବନ
ତୋ ପାଇଁ ଜଗତ ଚାଲେ
ତୁ ହେଲେ ନୀରବ ମହୀ ଟଳମଳ
ପ୍ରାଣୀ ମରେ ତୁହି ଗଲେ ।

ପଞ୍ଚଭୂତ ମଧ୍ୟେ ବାୟୁ ତୋର ନାମ
କିଏ ବା କହେ ଗଗନ
ନିଶ୍ୱାସ ପ୍ରଶ୍ୱାସ ଭିନ୍ନଭିନ୍ନ ନାମ
ଦେବ ରୂପେ ହନୁମାନ ।

+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
(ମୋ) ୯୫୪୦୩୦୮୦୯୫



### ମୋ ଘରଅଗଣା
**ଲୀଳାବତୀ ପରିଡ଼ା**



ମୋ ଘରଅଗଣା ଯୁଇ ଜାଇ ହେନା
ମଧୁ ମାଳତୀରେ ହସେ,
ରାତି ହୋଇଗଲେ ମହମହ ହୋଇ
ରଜନୀଗନ୍ଧାରେ ବାସେ ॥

ରଙ୍ଗ ବେରଙ୍ଗର ହରଗୌରା
ସାରଖିଲି ଖିଲି ହସି ଥା'ନ୍ତି,
ରଙ୍ଗଣୀ କେତକୀ କେତେ ଜାତିଜାତି
ଗେଣ୍ଡୁ ଫୁଲ ଲୋଟି ଯା'ନ୍ତି ।।

ତରାଟ ଟଗର ଗୋଲାପ ମନ୍ଦାର
ଡାଲିଆ ମଲ୍ଲୀ ସେବତୀ,
ସକାଳୁ ମୁଁ ଉଠି ହୋଇ ଭାରି ଖୁସି
ଫୁଲ ତୋଳେ ନାନା ଜାତି ॥

କେତେଯେ ଭ୍ରମର ହୋଇଣ ବିଭୋର
ଫୁଲପରେ ବସି ଯା'ନ୍ତି,
ମହୁମାଛି ଦଳ ହୋଇ ପଲ ପଲ
ମହୁ ସବୁ ଶୋଷି ଥା'ନ୍ତି ।।

ପରଜାପତି ଟି ଉଡୁଥାଇ ନିତି
ଫୁଲେ ଫୁଲେ ଝୁଲିଥାଏ,
ମନ କଥା ତାର ମନେଇ ଫୁଲର
କାନେ କାନେ କହିଯାଏ ।।

ଗୋଲାପ ଫୁଲର ସଜକଢି ପରେ
ଶୀତୁଆ କାକର ବିନ୍ଦୁ,
ସକାଳୁ ଦେଖିଲେ ହୁଏ ଆନମନା
ସତେ ସରସୀରେ ଇନ୍ଦୁ ॥

ମଝିରେ ତୁଳସୀ ଚଉରା ସ୍ଥାପିଛି
ବୃନ୍ଦାବତୀଙ୍କ ଆସ୍ଥାନ,
ସାରା ଆକାଶର ଜୋଛନା ତା ସଙ୍ଗେ
ନୋହିବ କେବେ ସମାନ ।।

+ କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
(ମୋ)୯୮୬୧୯୪୫୬୨୬







କାର୍ତ୍ତିକ ସାହୁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୧୭)

# ରାମଚନ୍ଦ୍ରଙ୍କ ପିଲାଦିନ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆଜିକାଲି ରାମାୟଣ କଥା ଶୁଣିବାକୁ ମିନାଅପାଙ୍କ ରାମାୟଣ ଟୁଙ୍ଗିକୁ ପିଲାମାନଙ୍କ ସହିତ ବଡ଼ମାନେ ବି ଆସିବା ଆରମ୍ଭ କରିଛନ୍ତି। ମିନା ଅପା ଅତି ସରଳ ଭାଷାରେ ରତ୍ନାକର ଗର୍ଗବଟୁଙ୍କ ରାମାୟଣ କଥା କହୁଛନ୍ତି।

ରାମଚନ୍ଦ୍ର ଅଯୋଧ୍ୟାରେ ଜନ୍ମ ଗ୍ରହଣ କରିସାରିଥିଲେ। ସେ ମହାରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଥିଲେ। ତୁମମାନଙ୍କ ପିଲାଦିନ ପରି ତାଙ୍କ ପିଲାଦିନ ଥିଲା। ସେ ଭାଇମାନଙ୍କ ସହିତ ଖେଳୁଥିଲେ।

ଗୋଟେ ଚମତ୍କାର କଥା ଥିଲା। ରାମଚନ୍ଦ୍ରଙ୍କ ସହିତ ଲକ୍ଷ୍ମଣ ସବୁବେଳେ ରହୁଥିଲେ ଓ ଭରତଙ୍କ ସହିତ ଶତ୍ରୁଘ୍ନ ରହୁଥିଲେ।

ପିଲାମାନଙ୍କୁ ପାଂଚବର୍ଷ ହୋଇଗଲା ପରେ ରାଜା ଦଶରଥ ସେମାନଙ୍କ ବିଦ୍ୟା ଶିକ୍ଷା କଥା ଚିନ୍ତା କଲେ। ରାଜା ଦଶରଥ ତୁରନ୍ତ କୁଳଗୁରୁ ବଶିଷ୍ଠଙ୍କୁ ଆମନ୍ତ୍ରଣ କଲେ ଓ ପିଲାମାନଙ୍କ ବିଦ୍ୟାଶିକ୍ଷା କଥା କହିଲେ। ବଶିଷ୍ଠ କହିଲେ- ଏହା ଉତ୍ତମ ବିଚାର। ପିଲାମାନଙ୍କୁ ଏବେ ମୋ ଆଶ୍ରମକୁ ପଠାଅ। ସେଠାରେ ସେମାନେ ବିଦ୍ୟାଶିକ୍ଷା କରିବେ।

ପ୍ରାଚୀନ ଯୁଗରେ 'ଗୁରୁକୁଳ' ପଦ୍ଧତିରେ ପିଲାମାନଙ୍କୁ ଶିକ୍ଷା ଦିଆ ଯାଉଥିଲା। ପିଲାମାନେ ବଣ ଜଙ୍ଗଲରେ ଥିବା ଗୁରୁଙ୍କ ଆଶ୍ରମରେ ରହି ବିଦ୍ୟାଶିକ୍ଷା କରୁଥିଲେ। ବିଦ୍ୟାର୍ଥୀ ମାନଙ୍କର ପାଂଚଟି ଗୁଣ ରହିବା ଦରକାର। ସେ ସବୁ ହେଲା- ଅଳ୍ପାହାର, ଗୃହତ୍ୟାଗ, ଶ୍ୱାନ ନିଦ୍ରା, କାକସ୍ନାନ ବକଧ୍ୟାନ। ଏ ସବୁ କଥା ଗୁରୁକୁଳରେ ରହି ପିଲାମାନେ ପାଳନ କରୁଥିଲେ ଓ ଠିକ୍ ଭାବରେ ବିଦ୍ୟା ଶିଖୁଥିଲେ।

ରାମଚନ୍ଦ୍ର ଓ ତାଙ୍କ ଭାଇମାନେ ଗୁରୁ ବଶିଷ୍ଠଙ୍କ ଆଶ୍ରମକୁ ଯାଇ ବିଦ୍ୟାଶିକ୍ଷା ଆରମ୍ଭ କଲେ। ବିଦ୍ୟାଶିକ୍ଷା ସହିତ ସେମାନେ ଧନୁବିଦ୍ୟା ଓ ଅସ୍ତ୍ର-ଶସ୍ତ୍ର ଶିକ୍ଷା ଆରମ୍ଭ କଲେ। ସେମାନେ ଅତିକମ୍ ସମୟରେ ସବୁ ବିଦ୍ୟାରେ ପାରଙ୍ଗମ ହୋଇ ରହୁଥିଲେ। ଏ ଖବର ରାଜା ଦଶରଥଙ୍କ ପାଖରେ ପହଂଚୁଥିଲା ଓ ସେ ବହୁତ ଖୁସି ହେଉଥିଲେ।

ପିଲା ଦିନର ଗୋଟେ ଘଟଣା। ସେ ଘଟଣା ଶ୍ରୀରାମଙ୍କ ଭାଇମାନଙ୍କ ପ୍ରତି ଥିବା ସ୍ନେହର ବାଖ୍ୟାନ କର। ଶ୍ରୀରାମ ସବୁ ଭାଇମାନଙ୍କୁ ବହୁତ ଭଲ ପାଉଥିଲେ। ଲକ୍ଷ୍ମଣ କିନ୍ତୁ ତାଙ୍କର ଅତୀବ ପ୍ରିୟ ଥିଲେ।

ଲକ୍ଷ୍ମଣ ରାମଙ୍କ ସାଂଗରେ ତାଙ୍କ ଛାଇ ପରି ରହୁଥିଲେ। ପିଲାଦିନୁ ସେ ରାମଙ୍କ ପ୍ରତି ଅନୁଗତ ଥିଲେ ଓ ତାଙ୍କ କଥା ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ।

ଥରେ ରାମଚନ୍ଦ୍ର ଲକ୍ଷ୍ମଣଙ୍କ ସହିତ ମୃଗୟା ନିମନ୍ତେ ବନସ୍ତକୁ ଗଲେ। ସେମାନେ ଜଙ୍ଗଲରେ କେଉଁଠି କିଛି ଜୀବ ଜନ୍ତୁ ଦେଖିପାରିଲେନି। ଚାଲୁ ଚାଲୁ ଜଙ୍ଗଲ ଭିତରକୁ ବହୁତ ବାଟ ଚାଲିଗଲେ। ସେଇ ଜଙ୍ଗଲରେ ମାରୀଚ ରାକ୍ଷସ ରହୁଥିଲା। ସେ ରାମ ଲକ୍ଷ୍ମଣଙ୍କୁ ଦେଖି ସେମାନଙ୍କୁ ମାରିବାକୁ ଚିନ୍ତାକଲା। ସେ ଏକ ମାୟାମୃଗ ହୋଇ ରାମ ଲକ୍ଷ୍ମଣଙ୍କୁ ତାର ତୀକ୍ଷଣ ଶୃଙ୍ଗରେ ମାରିବାକୁ ଚହିଁଥିଲା। ସେ କାହୁଁ ଜାଣିବ- ରାମ ଲକ୍ଷ୍ମଣ ସେତେବେଳକୁ ଅପୂର୍ବ ଧନୁର୍ଦ୍ଧର ହୋଇ ସାରିଛନ୍ତି।

ମାରୀଚ ମାୟାମୃଗ ହୋଇ ରାମ ଲକ୍ଷ୍ମଣଙ୍କ ସାମ୍ନାକୁ ଆସିଗଲା। ତାକୁ ରାମଚନ୍ଦ୍ର ଶର ମାରିଲେ। ସେ ଶର ଯାଇ ମାରୀଚର ହୃଦୟ ଭେଦ କଲା। ରକ୍ତ ବାନ୍ତି କରି ରାକ୍ଷସ ସିଦ୍ଧାଶ୍ରମକୁ ଯାଇ ଲୁଚିଗଲା।

ରାମ ଓ ଲକ୍ଷ୍ମଣ ଦୁଇ ଭାଇ ଜଂଗଲ ଭିତରେ ବହୁତ ଦୂରକୁ ଚାଲି ଯାଇଥିଲେ। ଲକ୍ଷ୍ମଣ ବହୁତ କ୍ଳାନ୍ତ ହୋଇ ପଡ଼ିଥିଲେ ଓ ସେ ଆଉ ଚାଲି ପାରୁନଥିଲେ। ସାନଭାଇର ଅବସ୍ଥା ରାମ ବୁଝିଗଲେ ଓ ଜଙ୍ଗଲରୁ କିଛି ସୁସ୍ୱାଦୁ ଫଳ ଆଣି ସେ ଲକ୍ଷ୍ମଣଙ୍କୁ ଦେଲେ ଓ ଲକ୍ଷ୍ମଣଙ୍କୁ ଭଲ ଲାଗିଲା। ଏହିପରି ଭଲ ପାଇବା ଥିଲା ଦି ଭାଇଙ୍କ ମଧ୍ୟରେ।

ରାମ ଓ ଲକ୍ଷ୍ମଣଙ୍କ ଲାଗି ମା' କୌଶଲ୍ୟା ବ୍ୟସ୍ତ ହୋଇ ପଡ଼ିଥିଲେ। କାରଣ ଦିନ ସରିବା ସରିବା ହୋଇଥଲା ଓ ପିଲାମାନ ବନସ୍ତରୁ ଫେରିନଥିଲେ। ମାତ୍ର ଦି ଭାଇ ସଂଧ୍ୟା ହେବାର ବେଶ୍ ଆଗରୁ ରାଜନବରରେ ପହଂଚି ଯାଇଥିଲେ।

ରାମଚନ୍ଦ୍ରଙ୍କର ଗୁହକ ଶବରଙ୍କ ସହିତ ମିତ୍ରତା। ରାମଚନ୍ଦ୍ର କେବଳ ପିତୃଭକ୍ତ ନଥିଲେ, ସେ ତାଙ୍କ ଭାଇମାନଙ୍କୁ ବହୁତ ଭଲ ପାଉଥିଲେ। ସେ ଅତ୍ୟନ୍ତ ବନ୍ଧୁ-ବତ୍ସଳ ଥିଲେ।

ଥରେ ରାଜା ଦଶରଥ ଗଂଗାସ୍ନା ନିମନ୍ତେ ପୁତ୍ର ଓ ସୈନ୍ୟ ସାମନ୍ତଙ୍କ ସହିତ ଗଂଗାନଦୀ କୂଳକୁ ଯାତ୍ରା କରୁଥିଲେ। ବାଟରେ ଜଣେ ଶବର ରାଜା ଗୁହକଙ୍କ ରାଜ୍ୟ ଆସିଲା। ଦଶରଥଙ୍କ ସୈନ୍ୟ ସାମନ୍ତ ସେଇ ରାଜ୍ୟ ଦେଇ ଗଲାବେଳେ ରାଜ୍ୟର ବହୁତ କ୍ଷୟକ୍ଷତି ହେଲା। ଏ ସବୁ ଦେଖି ଶବର ରାଜା ଗୁହକ ନିଜର ସୈନ୍ୟବଳଙ୍କୁ ଧରି ଦଶରଥଙ୍କ ବାଟକୁ ଓଗାଳିଲେ। ତାଙ୍କ ଭିତରେ ଯୁଦ୍ଧ ହେଲା। ଶେଷକୁ ରାଜା ଦଶରଥ ଶବରର ହାତକୁ ବାନ୍ଧି ତାଙ୍କ ରଥ ପଛରେ ବନ୍ଦୀ କରି ରଖିଲେ। ଆଶ୍ଚର୍ଯ୍ୟ କଥା ଥିଲା- ଶବର ରାଜାଙ୍କ ହାତ ବଂଧା ହେଲା ପରେ ବି ସେ ପାଦରେ ଶର ବିନ୍ଧିବା ଆରମ୍ଭ କଲେ। ଏ କଥା ଭରତ ଦେଖି ରାମକୁ କହିଲେ। ଆଶ୍ଚର୍ଯ୍ୟ ଚକିତ ହୋଇ ରାମ ଶବର ରାଜା ସାମ୍ନାକୁ ଆସିଲେ। ଶବର ରାଜା ଗୁହକଙ୍କ ଇଚ୍ଛା ଥିଲା ଶ୍ରୀରାମଙ୍କ ଦର୍ଶନ କରିବାକୁ। ଶ୍ରୀରାମଙ୍କୁ ଦର୍ଶନ ପାଇ ସେ ନିଜ ପିତାଙ୍କ ଦ୍ୱାରା ଦିଆଯାଇଥିବା ଶାପରୁ ମୁକ୍ତି ହେଲେ।

ଶ୍ରୀରାମଙ୍କୁ ଗୁହକ ଶବର ବହୁତ ଭଲ ଲାଗିଲେ। ସେମାନେ ଅଗ୍ନିଙ୍କୁ ସାକ୍ଷୀ ରଖି ମିତ୍ର ହେଲେ। ଜୀବନ ସାରା ଗୁହକ ଶବର ଓ ରାମଚନ୍ଦ୍ର ଭଲ ବଂଧୁ ହୋଇ ରହିଲେ।

ଗଙ୍ଗାସ୍ନାନ ସାରି ରାଜ ଦଶରଥ ନିଜ ରାଜନବରକୁ ଫେରିଲେ। କିଛି ଦିନପରେ ବ୍ରହ୍ମର୍ଷି ବିଶ୍ୱାମିତ୍ର ଆସି ଅଯୋଧ୍ୟାରେ ପହଂଚିଲେ। ତାଙ୍କ ଆଗମନ ବାର୍ତ୍ତା ପାଇ ରାଜା ଦଶରଥ ବହୁତ ଡରି ଯାଇଥିଲେ।

(କ୍ରମଶଃ)

+ (ମୋ) ୯୯୮୦୩୦୦୭୫୧

## କବିତା
ତୁମ ପାଇଁ



### ମନଦେଇ ପାଠ ପଢିଲେ .....
**ଆଦ୍ୟାଶା ମହାପାତ୍ର**

ମୁହଁ ସଞ୍ଜବେଳୁ ମୁନା ଚାହିଁଥିଲା
ଜେଜେଙ୍କ ଫେରିବା ବାଟକୁ
ପଚାରିବ ବୋଲି ଯେତେ ସବୁ ପ୍ରଶ୍ନ
ଆସିଥିଲା ଯାହା ମନକୁ ।।

ପୂରୁବେ ଉଦୟ ହୋଇ ପୁଣି କିଆଁ
ପଶ୍ଚିମେ ବୁଡନ୍ତି ସୂରୁଜ
କିଏ ବୁଣିଦିଏ ଆକାଶ ଦେହରେ
ସାତରଙ୍ଗୀ ଝୋଟି ମୁରୁଜ ?

ରାତି ଆସିଗଲେ ଫୁଟି ଉଠେ କେତେ
ଟିକି ତାରା ଫୁଲ ଆକାଶେ
କେବେ ପୁଣି ଲୁଚି ରହନ୍ତି କେଉଁଠି
ଡର କିବା ବାଆ ବତାସେ ?

ସବୁଜ କାହିଁକି ଗଛର ପତର
ଆକାଶ ନେଳିଆ ଦିଶଇ
ପରଜାପତିର ଡେଣାକୁ କିଏସେ
ରଙ୍ଗ ତୁଳୀ ଧରି ଆଙ୍କଇ ?

କିଏ ସେ ଗଢିଲା ପଶୁ ପକ୍ଷୀ ନଈ
ପାହାଡ ଝରଣା ସାଗର
ଫୁଲର ଦେହରେ ଭରିଦେଲା ବାସ
ରଙ୍ଗ ରୂପ କେତେ ପ୍ରକାର ?

ନଈ ପାଣି ମିଠା ସମୁଦ୍ର ପାଣିକୁ
କିଏ କଲା ଏତେ ଲୁଣିଆ
ପୂର୍ଣ୍ଣିମା ପଛକୁ ଗୋଟା ଜହ୍ନ କିଆଁ
ଧିରେ ଧିରେ ହୁଏ ଖଣ୍ଡିଆ ?

ଜେଜେ ଶୁଣି ହସି କହିଲେ ମୁନାକୁ
ଏବେ ଠାରୁ କିଆଁ ଅଧୀର
ମନଦେଇ ପାଠ ପଢିଲେ ଆଗକୁ
ପାଇଯିବୁ ସବୁ ଉତ୍ତର ।।

ଅ ଶୈଳବାଳା ମହାବିଦ୍ୟାଳୟ,କଟକ

### ।। ଛତା ..... ।।
**ରମେଶ ଚନ୍ଦ୍ର ନାୟକ**

ଛତାଟିଏ ମୁଁ ଯେ ଛତାଟିଏ
ଖରା ବରଷାରେ ଖୋଜାହୁଏ।
କେତେବେଳେ ରୁହେ ମୁଣ୍ଡ ଉପରେ
ପୁଣି କେତେବେଳେ କାଖ ତଳରେ
ଆଦେଶ ପାଇଲେ ପାଳନ କରଇ
ମାଲିକର ପ୍ରିୟ ସାଥୀ ଟିଏ
ଛତାଟିଏ ମୁଁ ଯେ ଛତାଟିଏ ।।

କଳା ଧଳା ନାଲି କେତେ ରଙ୍ଗରେ
ଶରୀର ମୋହର ଶୋଭା ପାଏରେ
ଟିକି ଟୋପିଥାଏ ମୋର ମଥାରେ
ଅର୍ଦ୍ଧ ଚନ୍ଦ୍ର ବେତ ବେଣ୍ଟ ପାଦରେ
ଛାତିର ପିଞ୍ଜରା ଅଷ୍ଟ ସରୁ ତାର
ମେରୁଦଣ୍ଡ ଲୁହା ବାଡିଟିଏ
ଛତାଟିଏ ମୁଁ ଯେ ଛତାଟିଏ ।।

ଝାଞ୍ଜି ଖରା ଅବା ଧାରା ବରଷା
ମୋତେ କରିଥା'ନ୍ତି ଲୋକେ ଭରଷା
ଝଡ ତୋଫାନକୁ ଲାଗଇ ଡର
ଯଦି ଭେଟହୁଏ ମରଣ ମୋର
ନିଜେ କଷ୍ଟ ସହି ଅନ୍ୟ ସୁଖ ପାଇଁ
ପ୍ରାଣ ବଳି ପରା ଦେଇଥାଏ
ଛତାଟିଏ ମୁଁ ଯେ ଛତାଟିଏ ।।

କେଶରପୁର , ବକ୍ସି ବଜାର , କଟକ ।
ଦୂରଭାଷ :- ୭୯୭୮୧୫୧୭୧୦.

### ଶିଶୁ ଆମ ଭବିଷ୍ୟତ....
**ଭାଗୀରଥି ସାଗର**

ଶିଶୁ ହି ରାଷ୍ଟ୍ରର ଅମୃତ ସନ୍ତାନ
ଶ୍ୟାମଳ ଉଦ୍ୟାନର ଫୁଲ
ସେ ବଢ଼ିଲେ ଦେଶର ପ୍ରଗତି ରଥ
ଗଡିବ ହେଇ ସମତୁଲ
ସେ ଖାଇ ଆହାର,ତାଜା ଫଳ କ୍ଷୀର
ହେବ ଲୌହ ଠୁ ପୁଣି ଶକ୍ତ
ପଢି ରାମାୟଣ,ବାଇବେଲ, ଗୀତା
କୋରାନ ହେବ ସଂସ୍କାରିତ
ଶିଖି ଗ୍ରନ୍ଥ, ଉପନିଷଦ,ସଂସ୍କୃତି
ଦେଶ ବନ୍ଦନା ସଙ୍ଗୀତ
ଶିଷ୍ଟାଚାର ଆଚାର ଚାଳିଚଳଣି
ହେଇଯିବ ତା ମାର୍ଜିତ
ହେଇ ଆଧ୍ୟାତ୍ମିକ, ଶୃଙ୍ଖଳିତ,ଜ୍ଞାନୀ
ପାଳି ଅଧ୍ୟବସାୟ ବ୍ରତ
ରାଜନୈତିକ ପ୍ରଶାସନିକ ସାଜି
ବୁହାଇବ ଶାଣିତ ସ୍ରୋତ
ଭରିବା ଶକତି ମୁଠା ମୁଠା ଆଶା
ଦମ୍ଭ ଅସରନ୍ତି ସାହସ
ସେ ହେବ ଶୁଦ୍ଧ ପବିତ୍ର ସ୍ୱାଭିମାନୀ
ଲେଖିବ ସ୍ୱର୍ଣ୍ଣ ଇତିହାସ
ଦେଶର ଅର୍ଥନୀତି ହେବ ସମୃଦ୍ଧି
ସେ ହେଲେ ଗୁଣି ସୁଶିକ୍ଷିତ
ତା ଆହ୍ଲାଦିତ ହସ ଆମରି ହସ
ସେ ତ ଆମରି ଭବିଷ୍ୟତ

+ଡାଲଗୁମା,କୋକସରା,କଳାହାଣ୍ଡି
ମୋ -୯୩୩୭୬୨୪୮୯୯


### ପାର୍ବଣ ମେଳା....
**ଅମରନାଥ ବାରିକ୍**

ଲାଗିଛି ମେଳା ପାର୍ବଣ ପାଇଁ
କଟକ ନଗରୀରେ
ଗଳି କନ୍ଦିରେ ଭିଡ଼ ଜମୁଛି
ଦୋକାନ ବଜାରରେ ।
ଜନ ଗହଳି ଉଛୁଳି ଉଠେ
ଦେଖିବା ପାଇଁ ମେଢ଼
ସଜା ହୋଇଛି ଚାନ୍ଦୁଆ ଲାଗି
ଲାଇଟ୍ ଲିଚୁ କଢ଼ ।
ଛକ ଛକରେ ଲାଗିଛି ପୁଣି
ବାରୁଆଳିଙ୍କ ମୂର୍ତ୍ତି
କଣ୍ଢେଇ ନାଚ ବାଉଁଶ ରାଣୀ
ଲାଗୁଛି ମଜା ଅତି ।
ପିଲା ଖେଳନ୍ତି ଆକାଶ ଦୋଳି
ଖୁସି ମନରେ ହସି
କେଉଁଠି ପୁଣି ବୁଲନ୍ତି ପିଲେ
ହାତୀ ପିଠିରେ ବସି ।
ନାଲି ନେଳିଆ ବେଲୁନ୍ ଧରି
ବୁଲୁଛି ଫେରିବାଲା
ପେଁକାଳୀର ଶବଦ କରି
ଦେଖାଏ ଠେଲା ବାଲା ।
ଡ଼ିଙ୍ଗ ବଗେଇ ଲଟେରୀ ଖେଳ
ଚାଲିଛି ପଡ଼ିଆରେ
ଯାତରା ପାଇଁ ଧାଡ଼ି ଲାଗଇ
ଟିକଟ ବିକ୍ରି ଘରେ ।
ଚିନା ବାଦାମ ମଟର ସୋଲା
ପାମ୍ପଡ଼ ନଳଭଜା
ବିକୁଛି ବସି ମଣ୍ଡପ ପାଖେ
ବୁଢ଼ା ଗଉରା ଅଜା ।
ପାଣିପୁରି ଓ ବାରମଜାର
ଆସର ଲାଗିଅଛି
ଦହି ବରାକୁ କାକୁଡ଼ି ସେଉ
ଆଳୁକଷା ରହିଛି ।
ଆନନ୍ଦ ଲାଗେ ଦଶହରାଟି
କେତେ ମଉଜ ଦିଏ
ମହାମାୟାଙ୍କ ଆଶିଷ ପାଇଁ
ଆଉ ବରଷେ ଚାହେଁ।

+କୟାଁ, ମଙ୍ଗଳପୁର, ଯାଜପୁର,
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ - ୯୫୪୦୩୦୮୦୯୫



# ସମୟ ଅତି ମୂଲ୍ୟବାନ
**ଶ୍ରୀମତୀ ବସନ୍ତ ମିଶ୍ର**



ସୁମନ୍ତ ଗାଁ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ପଢ଼େ। ତା'ର ବ୍ୟବହାର ଅତି ନମ୍ର ଓ ଭଦ୍ର। ତା' ବ୍ୟବହାର ପାଇଁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ତାକୁ ଆଦର କରନ୍ତି। ମାତ୍ର ତା'ର ସବୁଠାରୁ ଖରାପ ଗୁଣ ହେଲା, ଶ୍ରେଣୀରେ ଶିକ୍ଷକ ପଢ଼ାଉଥିଲା ବେଳେ ସେ ମନଯୋଗୀ ହୁଏନାହିଁ କି ଘରକୁ ଯେଉଁ ପାଠ ଦିଅନ୍ତି ତାହା କରି ଆସେନାହିଁ। ଶିକ୍ଷକ ବିରକ୍ତ ହେଲେ ବିନୟର ସହ କୁହେ, "ମୁଁ କାଲିକି କରି ଆଣିବି।" ତା' ଜୀବନରେ କେବେ କାଲି ଆସେନାହିଁ। ଘରେ ବାପାମା' ବି ବହୁତ ବୁଝାନ୍ତି ପ୍ରତି ଦିନର ପାଠ ସେହିଦିନ ସାରିବାକୁ ଆଉ ବିଦ୍ୟାଳୟ ପାଠ କରିନେବା ପାଇଁ। ମାତ୍ର ସେ ସବୁବେଳେ କୁହେ ଆଉ ଟିକେ ପରେ କରିଦେବି। କାଲି କରିଦେବି। ନଈରୁ ମାଛ ଧରିବା, ତୋଟାରେ ଡାଳମାଙ୍କୁଡ଼ି ଖେଳିବା, ଆଉ ସାଙ୍ଗସାଥୀମାନଙ୍କ ସହିତ ମଉଜମଜଲିସ କରିବାରେ ସମୟ ବିତାଇଦିଏ। ଏମିତି ଏମିତି ସମୟ ଗଡ଼ିଚାଲେ। ଆଜିର ପାଠ କାଲିକି, କାଲିର ପାଠ ତା' ପରଦିନକୁ ରହି ରହି ବୋଝ ଭଳି ଲଦି ହୋଇଯାଏ। ସେ ଅବହେଳା କରିଚାଲେ।

ପରୀକ୍ଷା ସମୟ ପାଖେଇ ଆସିଲା। ସେ ତ ଆଗରୁ କିଛି ପଢ଼ି ନ ଥିଲା। ପରୀକ୍ଷା ବେଳକୁ କେଉଁପାଠ ପଢ଼ିବ କାହାକୁ ନ ପଢ଼ିବ, ଠିକ୍ କରିପାରିଲା ନାହିଁ। ଆଗରୁ ତ ଅଭ୍ୟାସ କରି ନ ଥିଲା। ଶେଷ ବେଳକୁ ତା'ର କିଛି ପାଠ ମନେ ରହିଲାନାହିଁ। ସେହିପରି ସେ ପରୀକ୍ଷା ଦେଲା। ପରୀକ୍ଷାରେ ତା'ର କୌଣସି ବିଷୟରେ ଭଲ ହେଲାନାହିଁ। ପରୀକ୍ଷା ଫଳ ବାହାରିଲା। ମାତ୍ର ସେ ସବୁ ବିଷୟରେ କମ୍ ନମ୍ବର ରଖି ଫେଲ୍ ହେଲା। ତା' ମନ ଭାରି ଦୁଃଖ ହେଲା। ତା'ର ସାଙ୍ଗସାଥୀମାନେ ଉପର ଶ୍ରେଣୀକୁ ଉଠିଗଲେ। ମାତ୍ର ସେ ତଳ ଶ୍ରେଣୀରେ ରହିଗଲା। ତା' ବାପାମା' ବି ବହୁତ ମନ ଦୁଃଖ କଲେ। ତାକୁ କହିଲେ, "ତୁ ଯଦି ଆମ କଥା ମାନି ସମୟ ଥାଉ ଥାଉ ସାବଧାନ ହୋଇଥା'ନ୍ତୁ, ମନ ଲଗାଇ ପଢ଼ିଥା'ନ୍ତୁ, ଆଜି ଅନ୍ୟ ସାଙ୍ଗମାନଙ୍କ ଭଳି ଉପର ଶ୍ରେଣୀକୁ ଯାଇ ପାରିଥାଆନ୍ତୁ। ତୁ କାହାରି କଥା ମାନିଲୁନାହିଁ। ଜୀବନର ମୂଲ୍ୟବାନ ଗୋଟିଏ ବର୍ଷ ନଷ୍ଟ କରିଦେଲୁ।"

ସୁମନ୍ତ ମନ ଦୁଃଖରେ କାନ୍ଦି କାନ୍ଦି କିଛି ନ ଖାଇ ନ ପିଇ ଶୋଇ ପଡ଼ିଲା। ସେ ଦେଖିଲା, ତା' ମୁଣ୍ଡ ପାଖରେ ଟେବୁଲ ଉପରେ ଥିବା ଘଣ୍ଟାଟି ମଣିଷ ଭଳି ତାକୁ କହୁଛି, "ସୁମନ୍ତ, ତୁ ଏବେ ମନ ଦୁଃଖ କଲେ କ'ଣ ହେବ? ତୁ ତ ବେଳହୁଁ ମୋତେ ଚିହ୍ନିଲୁନାହିଁ। ତା' ଫଳ ତୁ ପାଇବୁନି ତ ଆଉ କିଏ ପାଇବ? ମୋତେ ଯିଏ ଠକେ ମୁଁ ତାକୁ ଠକିଥାଏ।" ସୁମନ୍ତ କହିଲା, "ତୁ ତ ଘଣ୍ଟାଟାଏ। ତୋତେ କ'ଣ ମୁଁ ଅବହେଳା କଲି ନା ଠକିଲି?" ଘଣ୍ଟା କହିଲା, " ମୁଁ ହେଉଛି ସମୟ। ସମୟ କାହାରିକୁ ଅପେକ୍ଷା କରେନାହିଁ। ପ୍ରତି ମୁହୂର୍ତ୍ତରେ ଗଡ଼ି ଚାଲିଥାଏ। ସମୟର ମୂଲ୍ୟ ଯିଏ ନ ବୁଝେ, ସମୟ ସହିତ ତାଳଦେଇ ନ ଚାଲେ, ଠିକ୍ ସମୟରେ ଠିକ୍ କାମ ନ କରେ, ସେ କେବେ ଜୀବନରେ ଉନ୍ନତି କରିପାରେ ନାହିଁ। ତୁ ଦିନ ଦିନ ଧରି ପାଠ ନ ପଢ଼ି ସମୟ ନଷ୍ଟ କରି ଚାଲିଲୁ। ତେଣୁ ଆଜି ତୁ ଶ୍ରେଣୀରେ କୃତକାର୍ଯ୍ୟ ହୋଇପାରିଲୁ ନାହିଁ । ତୁ ଯଦି ଠିକ୍ ସମୟରେ ନିତି ପଢ଼ାପଢ଼ି କରିଥାଆନ୍ତୁ, ତେବେ ଆଜି ଫେଲ୍ ହୋଇ ନ ଥାଆନ୍ତୁ। ତୋତେ ପୁଣି ଗୋଟିଏ ବର୍ଷ ଅପେକ୍ଷା କରିବାକୁ ପଡ଼ିବ। ଏବେଠାରୁ ଯଦି ପ୍ରତ୍ୟେକ ଦିନ ସମୟ ନଷ୍ଟ ନ କରି ଠିକ୍ ସମୟରେ ମନଦେଇ ପାଠ ପଢ଼ିବୁ, ଆଉ ଆଜିର କାମ କାଲିକି ବାକି ରଖିବୁନାହିଁ, ତେବେ ପରବର୍ଷ ନିଶ୍ଚୟ କୃତକାର୍ଯ୍ୟ ହେବୁ।"


ସୁମନ୍ତ ଚିତ୍କାର କରି ଉଠିଲା, "ନା ନା ମୁଁ ଆଜିଠାରୁ ଆଉ ସମୟ ନଷ୍ଟ କରିବି ନାହିଁ। ମନ ଲଗାଇ ପାଠ ପଢ଼ିବି।" ତା'ର ନିଦ ଭାଙ୍ଗିଗଲା। ସେ ଜାଣିପାରିଲା, ସ୍ୱପ୍ନରେ ଘଣ୍ଟା ରୂପରେ କେଉଁ ଦେବତା ଆସି ସମୟ ବିଷୟରେ ତାକୁ ଚେତେଇ ଦେଇଗଲେ। ସେଇଦିନ ଠାରୁ ସୁମନ୍ତ ଆଉ ସମୟ ନଷ୍ଟ ନ କରି ପ୍ରତି ଦିନର ପାଠ ସେଇଦିନ ସାରିଲା ଆଉ ମନ ଲଗାଇ ପଢ଼ିଲା। ତା' ପରବର୍ଷ ସେ ଭଲ ନମ୍ବର ରଖି ପରୀକ୍ଷାରେ ପାସ୍ କଲା। ସେ ଆଉ କେବେ ସମୟ ନଷ୍ଟ କରେନାହିଁ। ଯେତେବେଳେ ଯେଉଁ କାମ ଠିକ୍ ଠିକ୍ ସମୟରେ କରେ। ଆଉ ସାଙ୍ଗମାନଙ୍କୁ କୁହେ, "ସମୟ ଅତି ମୂଲ୍ୟବାନ।" ଯିଏ ତାକୁ ନ ଚିହ୍ନିବ, ନ ଜଗିବ ସେ କେବେ ଜୀବନରେ ଉନ୍ନତି କରି ପାରିବନାହିଁ।

+ମଣିସାହି, ମାଧବନଗର,
ଭଦ୍ରକ - ୭୫୬୧୮୧
ଭ୍ରାମ୍ୟଭାଷ: - ୯୪୩୯୫୫୪୯୬୪



**ନଗେନ୍ଦ୍ର ନାଥ ପଟ୍ଟନାୟକ**

# ସାଧୁ ଓ ମାଛ




ଥରେ ଜଣେ ସାଧୁ ମହାତ୍ମା ସମୁଦ୍ର କୂଳେର ଟହଲ ମାରୁଥିଲେ । ସେତିକିବେଳେ ତତକ୍ଷଣାତ ସୁ ସୁ ହୋଇ ଭୟଙ୍କର ଝଡତୋଫାନ ମାଡିଆସିଲା। ଚାରିଆଡେ ବହଳ ଅନ୍ଧାର ଘୋଟିଗଲା ଆକାଶମୁହାଁ ହୋଇ ବଢୁଥିବା ଡେଙ୍ଗାଡେଙ୍ଗା ଝଙ୍କାଳିଆ ଶାଗୁଆ ଗଛ ସବୁ ଝଡତୋଫାନର ଭୀଷଣ ମାଡରେ ଉପୁଡିପଡି ମାଟି କାମୁଡିବାକୁ ଲାଗିଲେ । ସେମିତି ପ୍ରବଳ ଝଡ ପ୍ରଭାବରେ ଛାତିଉଚ୍ଚା ଢେଉମାନ ଉଠି ସମୁଦ୍ରରେ କୂଳରେ ପିଟି ହୋଇ ନାଚୁଥିଲା।

ବାଘପରି ମାଡିଆସୁଥିବା ସମୁଦ୍ର ଲହରୀ ସହିତ ନାନା ପ୍ରଜାତିର ଶହଶହ ମାଛ ପାଣିରୁ ବାହାରି ଆସି ସମୁଦ୍ରକୂଳକୁ ଲାଗିଥିବା ଶୁଖିଲା ଜାଗାରେ ଛିଟିକି ପଡୁଥିଲେ । ପାଣିରୁ ବାହାରି ଯିବା କାରଣରୁ ମାଛମାନେ ଜୀବନ ବିକଳରେ ଛଟପଟ ହେଉଥିଲେ।

ଏହା ଦେଖି ସାଧୁଙ୍କ ହୃଦୟ ଦୟାରେ ତରଳିଗଲା । ବିପଦେ ଭଗବାନ ସାହା । ଥର ଥର କରି ମାଛମାନଙ୍କୁ ହାତରେ ତୋଳିଧରି ସମୁଦ୍ରକୁ ଫିଙ୍ଗିବାକୁ ଲାଗିଲେ ସାଧୁ । କିନ୍ତୁ ସମୁଦ୍ରକୂଳ ବାହାରେ ତ ଶହଶହ ମାଛ ଛଟପଟ ହୋଇ ଜୀବନ ବଂଚାଇବା ପାଇଁ ସଂଗ୍ରାମ କରୁଛନ୍ତି । ତେଣୁ ଗୋଟି ଗୋଟି କରି କେତେ ମାଛ ସମୁଦ୍ରକୁ ଫିଙ୍ଗି ସାଧୁ ସେମାନଙ୍କ ଜୀବନ ରକ୍ଷା କରିବେ ? ସେଥିପାଇଁ ସବୁତକ ମାଛକୁ ସେ ଆଉ ସମୁଦ୍ରପାଣିକୁ ଫିଙ୍ଗିପାରିଲେ ନାହିଁ । ତଥାପି ସେ ତାଙ୍କ ଚେଷ୍ଟା ଜାରି ରଖିଥାନ୍ତି । ପାରୁପଣେ ଉଦ୍ୟମ କରୁଥାନ୍ତି ସବୁ ମାଛଙ୍କ ଜୀବନ ରକ୍ଷା କରିବା ପାଇଁ ।

ଏତିକିବେଳେ ସେଇ ସମୁଦ୍ର କୂଳବାଟ ଦେଇ ଅଜଣା ଲୋକଟିଏ ଯାଉଥିଲା । ସାଧୁଙ୍କ ଉପରେ ତାଙ୍କ ନଜର ପଡିବା କ୍ଷଣି ସେ ଦଣ୍ଡେ ଅଟକି ଗଲା ସେଠି । ସାଧୁଙ୍କ ଏଭଳି ଶ୍ରମ ଦେଖି ଖୁବ୍ ନମ୍ରତାର ସହିତ ହାତ ଯୋଡି କହିଲା–

ମହାରାଜ ! ଆପଣ ବୃଥା ପରିଶ୍ରମ କରୁଛନ୍ତି କାହିଁକି ? ଆପଣ କଣ ଭାବୁଛନ୍ତି ପଦାରେ ବିଛାଡି ହୋଇ ପଡିଥିବା ଜିଅନ୍ତା ମାଛତକ ସମୁଦ୍ର ପାଣିକୁ ଏକାବେଳେକ ଫିଙ୍ଗିଦେବେ ବୋଲି ? ଏ କାମ ତ ସାଧାରଣ ମଣିଷ ପକ୍ଷେ ଅସମ୍ଭବ। ଆପଣଙ୍କର ଏହି ପରିଶ୍ରମର ତ କୌଣସି ମୂଲ୍ୟ ନାହିଁ କି ଆପଣଙ୍କ ପାଇଁ ଏହି ଶ୍ରମର କୌଣସି ଫରକ ପଡିବ ନାହିଁ । ଲୋକଟିର ପ୍ରଶ୍ନଟିକୁ କାନଡେରି ଶୁଣିବା ସଙ୍ଗେ ସଙ୍ଗେ ଏକାଗ୍ରତାର ସହିତ ସମୁଦ୍ରପାଣିରେ ଆଂଜୁଳା ଆଂଜୁଳା କରି ମାଛଗୁଡିକୁ ସାଧୁ ସମୁଦ୍ର ପାଣିରେ ଫିଙ୍ଗୁଥାନ୍ତି । କିଛିକ୍ଷଣ ପରେ ଓଠରେ ସାମନ୍ୟ ହସ ଉଛୁଳାଇ ସାଧୁ ଧୀର ଶାନ୍ତ ଭାବରେ ଲୋକଟିକୁ କହିଲେ –ବତ୍ସ, ମୋ ପାଇଁ ଏଭଳି କାମ ଫରକ ପଡିବନି ସିନା ମୋର ଏହି ପରିଶ୍ରମ ଦ୍ୱାରା ତ କିଛି ମାଛଙ୍କ ଜୀବନ ରକ୍ଷା ହୋଇପାରିବ । ୟାଠୁ ବଳି ବଡକାମ କଣ ବା ହୋଇପାରେ ।ସାଧୁ ମାହାତ୍ମାଙ୍କ ତୁଣ୍ଡରୁ କଥା ପଦକ ଲୋକଟିର ମରମକୁ ବେଶ୍ ଭେଦକଲା । ଲାଜ ସରମରେ ମୁହଁପୋତି ସିଧା ସେ ତା ବାଟରେ ଚାଲିବାକୁ ଲାଗିଲା ।

+ ୯୯୯-୩,ଜଗମୋହନ ନଗର,ଜାଗମରା,ଖଣ୍ଡଗିରି ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

## ଦିଗପହଣ୍ଡିର ୩ଟି ରାଜସ୍ୱ ଗ୍ରାମରେ ସେଟଲମେଂଟ କାର୍ଯ୍ୟ ଆରମ୍ଭ କରିବାକୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ତାଙ୍କର ନିର୍ବାଚନ ମଣ୍ଡଳୀ ଦିଗପହଣ୍ଡି ଅନ୍ତର୍ଗତ ଆଙ୍କରୋଡା, ବଡଡୁମୁଳା ଏବଂ ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ଆମ୍ବଗାଁ ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ଆରମ୍ଭ କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମାପ୍ତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସମ୍ପୃକ୍ତ ତିନୋଟି ରାଜସ୍ୱ ଗ୍ରାମରେ ବନ୍ଦୋବସ୍ତ କାର୍ଯ୍ୟ ହୋଇନଥିବା ଦୃଷ୍ଟିରୁ ସାଧାରଣ ଜନତା ଏବଂ କୃଷକ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବ୍ରହ୍ମପୁର ସ୍ଥିତ ସେଟଲମେଂଟ ଅଫିସର ଆବଶ୍ୟକ ହେଉଥିବା କର୍ମଚାରୀ ନିୟୋଜନ ନିମନ୍ତେ ରାଜସ୍ୱ ବିଭାଗକୁ ଅନୁରୋଧ କରିଛନ୍ତି । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁଇଜଣ ସହକାରୀ ବନ୍ଦୋବସ୍ତ ଅଧିକାରୀ, ୩୦ ଜଣ ଅମିନ, ୨ ଜଣ ନିରୀକ୍ଷକ ଏବଂ ୨୦ ଜଣ ଚେନମ୍ୟାନଙ୍କୁ ରାଜସ୍ୱ ବିଭାଗ ତରଫରୁ ତୁରନ୍ତ ନିୟୋଜନ କରିବା ପାଇଁ ସେଟଲମେଂଟ ଅଫିସର ତାଙ୍କ ପତ୍ରରେ ନିର୍ଦ୍ଦେଦଶକ ଲ୍ୟାଣ୍ଡ ରେକର୍ଡ୍ସଙ୍କୁ ଅନୁରୋଧ କରିଛନ୍ତି । ଏ ସଂକ୍ରାନ୍ତରେ ରାଜସ୍ୱ ପର୍ଷଦ ସଭ୍ୟଙ୍କୁ ମଧ୍ୟ ପତ୍ର ସଂଖ୍ୟା – ୧୦୬୧, ତା. ୨୭.୧୦.୨୦୨୧ ରିଖରେ ଅବଗତ କରାଯାଇଛି । ଠିକ୍ ସେହିପରି ରାଜସ୍ୱ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ମଧ୍ୟ ଏ ସଂକ୍ରାନ୍ତରେ ଅବଗତ କରାଯାଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି । ଉକ୍ତ ତିନିଗୋଟି ରାଜସ୍ୱ ଗ୍ରାମରେ ବହୁ ବର୍ଷ ହେଲା ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି ତେଣୁ ଏହାର ସ୍ଥାୟୀ ସମାଧାନ ପାଇଁ ବାଚସ୍ପତି ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ପୂର୍ବତଟ ରେଳପଥ ମଧ୍ୟରେ ଚାଲିବ ୭ ଯୋଡ଼ା ପୂଜା ସ୍ପେଶାଲ୍ ଟ୍ରେନ୍

ଭୁବନେଶ୍ୱର,୨୯/୧୦ (ନି.ପ୍ର): ରେଳ ଯାତ୍ରୀମାନଙ୍କ ସୁବିଧା ପାଇଁ ଏବଂ ଏହି ପାର୍ବଣ ଋତୁରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ ଭାରତୀୟ ରେଳବାଇ ଚଳିତ ବର୍ଷ ଦୁର୍ଗା ପୂଜା ଠାରୁ ଛଟ ପୂଜା ପର୍ଯ୍ୟନ୍ତ ୧୧୦ ଟି ସ୍ୱତନ୍ତ୍ର ଟ୍ରେନର ୬୬୮ ଟି ଟ୍ରିପ ଯାତ୍ରା କରାଉଛି । ଏହା ବ୍ୟତୀତ ନିୟମିତ ଟ୍ରେନରେ କୋଚମାନଙ୍କର ବୃଦ୍ଧି ଏବଂ ବର୍ଥ ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ପ୍ରୟାସ କରାଯାଉଛି । ରେଳ ସେକ୍ଟରରେ ଦେଶର ପ୍ରମୁଖ ଗନ୍ତବ୍ୟସ୍ଥଳକୁ ସଂଯୋଗ କରିବା ପାଇଁ ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରାଯାଇଛି । ମୋଟାମୋଟି ସାତ ଯୋଡି ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ରୁ ଏବଂ ଏହା ମଧ୍ୟଦେଇ ଚଳାଚଳ କରୁଛି । ଏହି ଟ୍ରେନ୍ ଗୁଡିକ ହେଉଛି - ୦୮୫୭୯/୦୮୫୮୦ ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍, ୦୮୫୮୩/୦୮୫୮୪ ବିଶାଖାପାଟନମ୍-ତିରୁପତି-ବିଶାଖାପାଟନମ୍ ସ୍ପେଶାଲ୍, ୦୮୫୮୫/୦୮୫୮୬ ବିଶାଖାପାଟନମ୍-ସିକନ୍ଦରାବାଦ-ବିଶାଖାପାଟନମ୍ ସ୍ପେଶାଲ୍, ୦୮୪୩୯/୦୮୪୪୦ ପୁରୀ-ପାଟଣା-ପୁରୀ ସ୍ପେଶାଲ, ୦୮୧୭୯/୦୮୧୮୦ ହାଓଡ଼ା-ପୁରୀ-ହାଓଡ଼ା ସ୍ପେଶାଲ, ୦୮୧୯୭/୦୮୧୯୮ ଟାଟା-କାଚେଗୁଡା-ଟାଟା ସ୍ପେଶାଲ୍ ଏବଂ ୦୬୦୩୬/୦୬୦୩୫ ଚେନ୍ନାଇ ସେଂଟ୍ରାଲ୍-ସାନ୍ତ୍ରାଗଛି-ଚେନ୍ନାଇ ସେଂଟ୍ରାଲ୍ ସ୍ପେସିଆଲ୍ । ଏହା ବ୍ୟତୀତ ଯାତ୍ରୀମାନଙ୍କ ସୁବିଧା ପାଇଁ ଦେଶର ଗୁରୁତ୍ୱପୂର୍ଣ୍ଣ ସହରଗୁଡ଼ିକୁ ସଂଯୋଗ କରୁଥିବା ଅନେକ ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରୁଛି । ସଂରକ୍ଷିତ କୋଚରେ ଯାତ୍ରୀଙ୍କ କ୍ରମାଗତ ଭାବରେ ପ୍ରବେଶ ପାଇଁ ଆରପିଏଫ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଟର୍ମିନାସ ଷ୍ଟେସନରେ ଧାଡି ଗଠନ କରି ଭିଡ଼ ନିୟନ୍ତ୍ରଣ ପଦକ୍ଷେପ ନିଶ୍ଚିତ କରାଯାଉଛି । ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପ୍ରମୁଖ ଷ୍ଟେସନରେ ଅତିରିକ୍ତ ଆରପିଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି । ଟ୍ରେନଗୁଡିକର ସୁଗମ ଚାଲିବା ନିଶ୍ଚିତ କରିବାକୁ ପ୍ରମୁଖ ଷ୍ଟେସନରେ ଜରୁରୀକାଳୀନ ଡ୍ୟୁଟିରେ ଅଧିକାରୀ ନିୟୋଜିତ ହୋଇଛନ୍ତି । ପ୍ରାଥମିକତା ଉପରେ ଟ୍ରେନ୍ ସେବାରେ ଯେପରି କୌଣସି ପ୍ରକାର ବ୍ୟାଘାତ ନ ଘଟେ ସେଥିପାଇଁ କର୍ମଚାରୀମାନଙ୍କୁ ବିଭିନ୍ନ ବିଭାଗରେ ନିୟୋଜିତ କରାଯାଇଛି । ପ୍ଲାଟଫର୍ମ ନମ୍ବର ସହିତ ଟ୍ରେନର ଆଗମନ / ପ୍ରସ୍ଥାନ ବିଷୟରେ ବାରମ୍ବାର ଏବଂ ସମୟାନୁବର୍ତ୍ତୀ ଘୋଷଣା ପାଇଁ ପଦକ୍ଷେପ ନିଆଯାଇଛି । "ମୁଁ ଆପଣଙ୍କୁ ସାହାଯ୍ୟ କରିପାରେ କି" ବୁଥଗୁଡିକ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ କାର୍ଯ୍ୟକ୍ଷମ ରଖାଯାଇଅଛି ଯେଉଁଠାରେ ଯାତ୍ରୀମାନଙ୍କ ଉପଯୁକ୍ତ ସହାୟତା ଏବଂ ମାର୍ଗଦର୍ଶନ ପାଇଁ ଆରପିଏଫ୍ କର୍ମଚାରୀ ଏବଂ ଟିଟିଇଗୁଡିକ ନିୟୋଜିତ ହୋଇଛନ୍ତି । ଯୋଗାଯୋଗ ମାଧ୍ୟମରେ ମେଡିକାଲ ଟିମ୍ ପ୍ରମୁଖ ଷ୍ଟେସନରେ ଉପଲବ୍ଧ ହେବାପାଇଁ ବ୍ୟବସ୍ଥା କରାଯାଇଅଛି । ପାରାମେଡିକାଲ୍ ଟିମ୍ ସହିତ ଆମ୍ବୁଲାନ୍ସ ମଧ୍ୟ ଉପଲବ୍ଧ କରାଯାଇଅଛି । ସୁରକ୍ଷା ଏବଂ ସତର୍କତା ବିଭାଗ କର୍ମଚାରୀଙ୍କ ଦ୍ୱାରା ଯେକୌଣସି ଅପବ୍ୟବହାର ଉପରେ ନଜର ରଖାଯାଇଛି ଯାହାଦ୍ୱାରା ବେଆଇନ କାର୍ଯ୍ୟକଳାପ ଇତ୍ୟାଦିକୁ ପ୍ରଶମିତ କରାଯାଇହେବ । ୱେଟିଂ ହଲ୍, ରିଟାୟାରିଂ ରୁମ, ବିଶେଷ ଭାବରେ ଯାତ୍ରୀଙ୍କ ସୁବିଧା କ୍ଷେତ୍ର ଏବଂ ସାଧାରଣତ ଷ୍ଟେସନରେ ପରିଷ୍କାର ପରିଚ୍ଛନ୍ନତା ପାଇଁ ବିଶେଷ ଧ୍ୟାନଦେବାକୁ ପଦକ୍ଷେପମାନ ଗ୍ରହଣ କରାଯାଇଛି ।

## ହିନ୍ଦ୍ ମଜଦୁର ସଭା ସହ ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ବିଜୁ ଶ୍ରମିକ ସାମ୍ମୁଖ୍ୟ ଓଡ଼ିଶା ସଂଗଠନ ହିନ୍ଦ୍ ମଜଦୁର ସଭା ସହ ସହବନ୍ଧିତ ହେଲା ବୋଲି ଏଚ୍.ଏମ୍.ଏସ୍. ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି । ଏହା ଫଳରେ ଓଡ଼ିଶାର ଗଣତାନ୍ତ୍ରିକ ଶ୍ରମିକ ଆନ୍ଦୋଳନ ଶକ୍ତିଶାଳୀ ହେବ ବୋଲି ସେ କହିଛନ୍ତି । ହିନ୍ଦୁ ମଜଦୁର ସଭା ବିଜୁ ଶ୍ରମିକ ସାମ୍ମୁଖ୍ୟକୁ ସହବନ୍ଧିତ କରିଥିବାରୁ ଏହାର ସର୍ବଭାରତୀୟ ସାଧାରଣ ସମ୍ପାଦକ ହରଭଜନ ସିଂ ସିଦ୍ଧୁ, ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ଏବଂ ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ତ୍ରିପାଠୀଙ୍କୁ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ଉପସଭାପତି ଯୁଗଳ କିଶୋର ନାୟକ ଧନ୍ୟବାଦ ଜଣାଇଛନ୍ତି ।

## ଲିଙ୍ଗଗତ ସମାନତା ଓ ଯଥାର୍ଥତା ସମ୍ପର୍କିତ କାର୍ଯ୍ୟନିର୍ବାହୀମାନଙ୍କ ନିମନ୍ତେ ସଚେତନତା ଶିବିର

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଭୁବନେଶ୍ୱରସ୍ଥିତ ବୁଦ୍ଧମନ୍ଦିର ସମ୍ମିଳନୀ କକ୍ଷରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ନିମନ୍ତେ ଏକ ଲିଙ୍ଗଗତ ସମାନତା ଓ ଯଥାର୍ଥତା ସମ୍ପର୍କିତ ସଚେତନତା ଶିବିର ଭୁବନେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଲୁଥେରାନ ୱାର୍ଲ୍ଡ ସର୍ଭିସ୍ ଇଣ୍ଡିଆ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱର ମହାନଗର ନିଗମର ୧୮ଟି ସାହି, ବସ୍ତିର ବିଭିନ୍ନ ଏସ୍ଏଚ୍‌ଜି, ସିବିଓର ୫୦ଜଣ ସଭ୍ୟା/ପଦାଧିକାରୀ ଅଂଶଗ୍ରହଣ କରିଥିଲେ । ଏଥିସହିତ କାର୍ଯ୍ୟନିର୍ବାହୀ ଅଧିକାରୀଭାବେ ସହକାରୀ ଶ୍ରମ ଅଧିକାରୀ ଶ୍ରୀମତୀ ଧରାଶ୍ରୀ ମହାପାତ୍ର, ରାଷ୍ଟ୍ରୀୟ ମାନବିକ ଅଧିକାର ଆୟୋଗର କୋର୍ ସଦସ୍ୟ ମନୋଜ ଜେନା, ସମାଜସେବୀ ତଥା ବିଜିଭିଏସ୍ ସହସମ୍ପାଦିକା ଉଷାଭାରତୀ ବେହେରା, ରାଷ୍ଟ୍ରୀୟ କାଉନସିଲ୍ ଫର୍ ଟ୍ରାନ୍ସଜେଣ୍ଡର ପିପୁଲ୍ସର ସଦସ୍ୟ, ଭାରତ ସରକାର ସୁଶ୍ରୀ ମୀରା ପରିଡ଼ା ଓ ମହିଳା ହିଂସା ବିରୋଧୀ ମହିଳା ସଂଗଠନର ସଭାନେତ୍ରୀ କୁନିଲତା ମହାରଣା ଏବଂ ସମ୍ପାଦିକା ମଞ୍ଜୁଲତା କର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଲୁଥେରାନ ୱାର୍ଲ୍ଡ ସର୍ଭିସ୍ ଇଣ୍ଡିଆ ଟ୍ରଷ୍ଟ ଭୁବନେଶ୍ୱର ଲିଙ୍ଗଗତ ସଶକ୍ତିକରଣ ପ୍ରକଳ୍ପର ପ୍ରକଳ୍ପ ସଂଯୋଜିକା ପିୟୁଷ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଆଲୋଚନା ମାଧ୍ୟମରେ ବିଭିନ୍ନ ଅଧିକାରୀମାନେ ବିଭାଗୀୟ କାର୍ଯ୍ୟକ୍ରମରେ ଲିଙ୍ଗଗତ ସମାନତା ଓ ଯଥାର୍ଥତା ସ୍ଥିତି ତଥା ଆଗାମୀ କାର୍ଯ୍ୟକ୍ରମର ଦିଗ ନିର୍ଦ୍ଧାରଣ ଉପରେ ଆଲୋକପାତ କରିଥିଲେ । ଅଂଶଗ୍ରହଣକାରୀମାନେ ମଧ୍ୟ ନିଜ ନିଜର ଅଭିଜ୍ଞତା ଓ ମତାମତ ସକ୍ରିୟଭାବେ ଉପସ୍ଥାପନ କରିଥିଲେ ।

## ସମ୍ପଦ କେନ୍ଦ୍ର, ଜୈବିକ ଖତ କେନ୍ଦ୍ର ସରଂଜାମର ରକ୍ଷଣାବେକ୍ଷଣା ପାଇଁ ଆଇଟିଆଇ ସହ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ରାଜ୍ୟର ୧୧୪ ଟି ପୌରାଂଚଳରେ ପ୍ରତିଷ୍ଠା କରାଯାଇଥିବା ସମ୍ପଦ କେନ୍ଦ୍ର ଏବଂ ଜୈବିକ ଖତ କେନ୍ଦ୍ର ମାନଙ୍କରେ ବ୍ୟବହୃତ ହେଉଥିବା ସରଞ୍ଜାମ ଗୁଡିକର ରକ୍ଷଣାବେକ୍ଷଣ ଓ ମରାମତି ସହିତ ନିରନ୍ତର ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ସମସ୍ତ ପୌରସଂସ୍ଥା ଏବଂ ୩୩ ଗୋଟି ଆଇ.ଟି.ଆଇ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସହରାଂଚଳ ମାନଙ୍କରେ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସମ୍ପଦ କେନ୍ଦ୍ର ପ୍ରତିଷ୍ଠା , ମାଇକ୍ରୋ କମ୍ପୋଷ୍ଟ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି ଏବଂ ମିଶନ ଶକ୍ତିର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ଏହି ସବୁ କେନ୍ଦ୍ର ଗୁଡିକର ପରିଚାଳନା କରାଯାଉଛି । ଏହି ସବୁ କେନ୍ଦ୍ରଗୁଡିକର ସୁପରିଚାଳନା ପାଇଁ ବ୍ୟାଟେରି ଚାଳିତ ଗାଡି ଓ ଅନ୍ୟାନ୍ୟ ଯନ୍ତ୍ରପାତିର ଆବଶ୍ୟକତା ରହିଛି । ସେହି ସବୁ ଗାଡି ଓ ଯନ୍ତ୍ରପାତି ଗୁଡିକର ନିୟମିତ ରକ୍ଷଣା ବେକ୍ଷଣ ଜରୁରୀ ଯାହା ସେହି କମ୍ପାନୀମାନେ ଠିକ୍ ସମୟରେ ଏବଂ ସ୍ଥାନୀୟ ଭାବେ ଯୋଗାଇବା ସମ୍ଭବ ହେଉ ନାହିଁ । ଏହି ସବୁ ଗାଡି ଏବଂ ଯନ୍ତ୍ରପାତି ଗୁଡିକର ରକ୍ଷଣାବେକ୍ଷଣକୁ ସହଜ କରିବା ପାଇଁ ଆମର ନଗର ଉନ୍ନୟନ ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟୀକ ଶିକ୍ଷା ବିଭାଗର ନିର୍ଦ୍ଦେଶାଳୟ ସ୍ତରରେ ବୁଝାମଣା ସ୍ୱାକ୍ଷରିତ ହୋଇଛି । ସେହିପରି ରାଜ୍ୟରେ ଥିବା ସମସ୍ତ ପୌରାଚଂଳ ଓ ଆ.ଟି.ଆଇ ମାନଙ୍କ ମଧ୍ୟରେ ମଧ୍ୟ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଆମର ନିଜସ୍ୱ ଉପଲବ୍ଧ ସମ୍ବଳରେ ଏହି ବ୍ୟବସ୍ଥା କରାଯିବା ସହିତ ଆଇ.ଟି.ଆଇ ଗୁଡିକର ସ୍ଥାୟୀ ଆର୍ଥିକ ଆୟ ହୋଇପାରିବ । ଏହି କାର୍ଯ୍ୟକ୍ରମ ଅବସରରେ ରାଜ୍ୟର ୧୧୪ ପୌରାଂଚଳ ସହିତ ୩୩ ଟି ଆଇ.ଟି.ଆଇ ସହବନ୍ଧିତ ହୋଇଛନ୍ତି ।ଜିଲ୍ଲା ସ୍ତରରେ ଜିଲ୍ଲାପାଳ ମାନଙ୍କ ଉପସ୍ଥିତିରେ ମ୍ୟୁନିସପାଲିଟି ଓ ଏନ୍.ଏ.ସି ଗୁଡିକର ନିର୍ବାହୀ ଅଧିକାରୀ , ମହାନଗର ନିଗମଗୁଡିକର କମିଶନର କିମ୍ବା ତାଙ୍କ ପ୍ରତିନିଧି ମାନେ ଆଇ.ଟି.ଆଇ ଅଧକ୍ଷ ମାନଙ୍କ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି ।

## ଗତ ୨୪ ଘଣ୍ଟା ଭିତରେ ରାଜ୍ୟରେ ୩୬୫ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ୩୬୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୧୨ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୫୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୫୬ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫୭ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୧ ଜଣ, ବାଲେଶ୍ୱରରୁ ୨ ଜଣ, ଭଦ୍ରକରୁ ୭ ଜଣ, ବରଗଡ଼ରୁ ୧ ଜଣ, କଟକରୁ ୩୪ ଜଣ, ଦେବଗଡ଼ରୁ ୬ ଜଣ, ଢେଙ୍କାନାଳରୁ ୪ ଜଣ, ଗଞ୍ଜାମରୁ ୫ ଜଣ, ଜଗତସିଂହପୁରରୁ ୧୩ ଜଣ, ଯାଜପୁରରୁ ୧୦ ଜଣ, ଝାରସୁଗୁଡ଼ାରୁ ୩ ଜଣ, କଳାହାଣ୍ଡିରୁ ୩ ଜଣ, କେନ୍ଦ୍ରାପଡ଼ାରୁ ୨୦ ଜଣ, ଖୋର୍ଦ୍ଧାରୁ ୧୫୭ ଜଣ, କୋରାପୁଟରୁ ୪ ଜଣ, ମାଲକାନଗିରିରୁ ୧ ଜଣ, ମୟୂରଭଞ୍ଜରୁ ୨୩ ଜଣ, ନୟାଗଡ଼ରୁ ୧ ଜଣ, ନୂଆପଡ଼ାରୁ ୩ ଜଣ, ପୁରୀରୁ ୧୦ ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୦ ଜଣ, ସୁନ୍ଦରଗଡ଼ରୁ ୮ ଜଣ ଓ ଷ୍ଟେଟ ପୁଲରୁ ୩୭ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।

## ଇଡକୋରେ କନିଷ୍ଠ, ସହାୟକ ପରିଚାଳକ ନିଯୁକ୍ତି ଆବେଦନ ନଭେମ୍ବର ୯ ଯାଏଁ ବଢିଲା

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଇଡ଼କୋରେ କନିଷ୍ଠ ଏବଂ ସହାୟକ ପରିଚାଳକ ପଦବୀରେ ନିଯୁକ୍ତି ପାଇଁ ଆବେଦନ କରିବାର ଶେଷ ତାରିଖ ୯ ନଭେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଉକ୍ତ ପଦବୀ ଗୁଡିକରେ ପ୍ରାର୍ଥୀ ମାନଙ୍କର ଦରଖାସ୍ତ ଆବେଦନର ଶେଷ ତାରିଖ ୩୦ ଅକ୍ଟୋବର ଥିଲା । ଏଥିପାଇଁ ଇଡ଼କୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଇଡକୋ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଡଃ କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଗତକାଲି ନିଯୁକ୍ତି ପ୍ରକ୍ରିୟା ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଏହି ନିଷ୍ପତି ନିଆଯାଇଛି । ଇତି ମଧ୍ୟରେ, ଇଲେକ୍ଟ୍ରିକାଲ ଏବଂ ସିଭିଲ ବିଭାଗରେ ଖାଲିଥିବା ମୋଟ୍ ୨୬ ଗୋଟି ଉପ-ପରିଚାଳକ ପଦବୀ ନିମନ୍ତେ ଗେଟ୍ (ଜିଏଟିଇ) ସ୍କୋର ମାଧ୍ୟମରେ ପ୍ରାର୍ଥୀ ଚୟନ ପ୍ରକ୍ରିୟା ତ୍ୱରିତ ଭାବରେ ବର୍ତ୍ତମାନ ଅନ୍ତିମପର୍ଯ୍ୟାୟରେ ପହଂଚିଛି । ଏହାର ଚୂଡାନ୍ତ ମନୋନୀତ ପ୍ରାର୍ଥୀ ତାଲିକା ବିଭିନ୍ନ ସମ୍ବାଦପତ୍ର ଗୁଡିକରେ ପ୍ରକାଶିତ ହେବା ସହ, ଇଡ଼କୋ ୱେବସାଇଟରେ ମଧ୍ୟ ଉପଲବ୍ଧ ଅଛି ଏବଂ ଆଗାମୀ ମାସ ଶେଷ ସୁଦ୍ଧା ମନୋନୀତ ପ୍ରାର୍ଥୀ ମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନର ବ୍ୟବସ୍ଥା କରାଯିବ । ଏତଦବ୍ୟତୀତ ୨୮ ସେପ୍ଟେମ୍ବରରେ ୨୩ ଜଣ କନିଷ୍ଠ ପରିଚାଳକ (ସିଭିଲ/ ପି.ଏଚ.), ୮ ଜଣ କନିଷ୍ଠ ପରିଚାଳକ (ଇଲେକ୍ଟ୍ରିକାଲ) ଏବଂ ୧୪ ଜଣ ସହାୟକ ପରିଚାଳକ (ପ୍ରଶାସନ/ ଏମ.ଏସ.ଏମ.ଇ.) ଆଦି ମୋଟ ୪୫ ଗୋଟି ଖାଲିଥିବା ପଦବୀ ନିମନ୍ତେ ବିଭିନ୍ନ ଦୈନିକ ସମ୍ବାଦପତ୍ର ଗୁଡିକରେ ବିଧିବଦ୍ଧ ଭାବରେ ବିଜ୍ଞାପନ ପ୍ରକାଶ ପାଇଥିଲା । ଏହି ସମ୍ବନ୍ଧୀୟ ସବିଶେଷ ତଥ୍ୟ / ସୂଚନା ଇଡ଼କୋ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ.ଇଡକୋ.ଇନ୍ ର ରିକ୍ୟୁରମେଂଟ ବିଭାଗରେ ଉପଲବ୍ଧ ଅଛି ।

## ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିବାରେ ଗୁରୁ ଦେବ ପ୍ରସାଦ ଦାସଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଓଡ଼ିଶାର ଲୋକନୃତ୍ୟ ପରମ୍ପରାକୁ ବିଶ୍ୱ ଦରବାରରେ ସୁପ୍ରତିଷ୍ଠିତ କରିଥିବା ଓଡ଼ିଶୀ ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ୮୯ତମ ଜୟନ୍ତୀ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଜୟ ଓଡ଼ିଶା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଭୁବନେଶ୍ୱର ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ତାଙ୍କ ପ୍ରତିମୂର୍ତ୍ତି ସହିତ ମହାବିଦ୍ୟାଳୟ ପରିସରରେ ଥିବା ମୋହନ ସୁନ୍ଦର ଦେବଗୋସ୍ୱାମୀ, କବି ଜଗନ୍ନାଥ ପାଣି, ନୃତ୍ୟଗୁରୁ ପଙ୍କଜ ଚରଣ ଦାସ, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବକ୍ତାମାନେ ନିଜ ବକ୍ତବ୍ୟରେ ରାଜ୍ୟର ଲୋକନୃତ୍ୟ ପରମ୍ପରାକୁ ବିକଶିତ କରି ରାଜ୍ୟରେ ପ୍ରଚଳିତ ପ୍ରତ୍ୟେକ ଲୋକନୃତ୍ୟକୁ ବିଶ୍ଲେଷଣ କରି ତାହା ମଧ୍ୟରେ ଓଡ଼ିଶୀ ନୃତ୍ୟର ଛିଟାକୁ ଦର୍ଶକ ଓ ଗବେଷକଙ୍କ ନିକଟରେ ପରିଚିତ କରିବା ସଙ୍ଗେସଙ୍ଗେ ଓଡ଼ିଶୀ ନୃତ୍ୟରେ ନୂତନ ଶୈଳୀର ପ୍ରୟୋଗ ଏବଂ ତାଣ୍ଡବକୁ ଓଡ଼ିଶୀ ନୃତ୍ୟ ମଧ୍ୟରେ ପ୍ରୟୋଗ କରି ଗୁରୁ ଦେବପ୍ରସାଦ ଦାସ ଓଡ଼ିଶୀ ନୃତ୍ୟକୁ ବିଶ୍ୱଦରବାରରେ ସୁପ୍ରତିଷ୍ଠିତ କରିପାରିଥିଲେ ବୋଲି କହିଥିଲେ । ସେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ଓ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ସମ୍ମାନରେ ସମ୍ମାନିତ ହେବା ସହ ବହୁ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କୁ ମରଣୋତର ପଦ୍ମ ପୁରସ୍କାର ପ୍ରଦାନ ପାଇଁ ବକ୍ତାମାନେ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଂଜନ କୁମାର ଦାସ, ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ମନସ୍ୱିନୀ ସାହୁ, ଅନୁଶାସନ ସଚିବ ଶୁଭସ୍ମିତା ପ୍ରଧାନ, ଜୟ ଓଡ଼ିଶା ଅଧ୍ୟକ୍ଷ ରୁଦ୍ର ସାମନ୍ତରାୟ ଓ ତାଙ୍କ ଟିମ୍, ଗୁରୁ ସ୍ୱର୍ଗତ ଦାସଙ୍କ ଧର୍ମପତ୍ନୀ ଗୀତାରାଣୀ ଦାସ, କନ୍ୟା ବିପଂଚି, ମୂର୍ଚ୍ଛନା, ରାଗିଣୀ, ପୁତ୍ର ମାଳବ, ପୁତ୍ରବଧୂ ସ୍ୱାଗତିକା, ନୃତ୍ୟଶିଳ୍ପୀ ସଂଗୀତା ଦାସ, ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ସହିତ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବହୁ ସଂଖ୍ୟକ ନୃତ୍ୟ ଓ ସଂଗୀତ ପ୍ରତିଭା, କଳାକାର ଏଥିରେ ଯୋଗଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ସ୍ୱର୍ଗତ ଗୁରୁଙ୍କ ସମସ୍ତ ପରିବାର ସଦସ୍ୟ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଓ ନୃତ୍ୟଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସ୍କୁଲ ସଂଯୋଗ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓ ୟୁନିସେଫ୍ ଏବଂ ଭାରତ ଜ୍ଞାନ ବିଜ୍ଞାନ ସମିତି (ବିଜିଭିଏସ୍), ଶିକ୍ଷାସନ୍ଧାନର ମିଳିତ ସହଯୋଗରେ ପ୍ରାଚୀନ ଜନଜାତି ଛାତ୍ରଛାତ୍ରୀଙ୍କ ପାଇଁ 'ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ' ଆରମ୍ଭ ହୋଇଛି । ଦୁର୍ଗମ ଓ ଅପହଂଚ ପିଭିଟିଜି ଅଂଚଳରେ ଛାତ୍ରଛାତ୍ରୀମାନଙ୍କୁ ନିରନ୍ତର ଶିକ୍ଷାଦାନ ସହିତ ସେମାନେ ଯେଭଳି ଅଧାରୁ ପାଠ ନ ଛାଡ଼ିବେ ସେଥିପାଇଁ ଏହି ବିକଳ୍ପ ଶିକ୍ଷା ବ୍ୟବସ୍ଥା କରାଯାଇଛି । କୋଭିଡ୍-୧୯ ସଂକ୍ରମଣ ପରିପ୍ରେକ୍ଷୀରେ ସ୍କୁଲ ବନ୍ଦ ରହୁଥିବାରୁ ପ୍ରଥମ ଶ୍ରେଣୀରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଏହି ବିକଳ୍ପ ବ୍ୟବସ୍ଥା କରାଯାଇଛି । କରୋନା ଯୋଗୁଁ ସ୍କୁଲ ବନ୍ଦ ରହିଛି । ଅନ୍‌ଲାଇନ୍ କ୍ଲାସ୍ ହେଉଛି । ସ୍ମାର୍ଟ ଫୋନ୍ ଓ ଇଂଟରନେଟ୍ ସଂଯୋଗ ଅଭାବରୁ ଛାତ୍ରଛାତ୍ରୀମାନେ ଅନ୍‌ଲାଇନ୍ ଶିକ୍ଷାଲାଭରୁ ବଂଚିତ ହେଉଛନ୍ତି । 'ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ'ରେ ଭ୍ରାମ୍ୟମାଣ ବିଦ୍ୟାଳୟ ଭ୍ୟାନ୍ ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ଦ୍ୱାରା ପିଭିଟିଜି ଅଳରେ ରହୁଥିବା ଛାତ୍ରଛାତ୍ରୀମାନେ ନିରନ୍ତର ଶିକ୍ଷାଲାଭ କରିପାରିବେ । ପିଲାମାନଙ୍କ ପାଠପଢ଼ାରେ ଏହି ସୁଦୃଶ୍ୟ ଭ୍ୟାନ୍ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି ଭ୍ୟାନ୍‌ରେ ଶିଶୁ ଉପଯୋଗୀ ଶିକ୍ଷା ଉପକରଣ ଯଥା: ଅଡ଼ିଓ ଭିଜୁଆଲ ଉପକରଣ, ପ୍ରଥମରୁ ପଂଚମ ଶ୍ରେଣୀରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟପୁସ୍ତକ, ବିଜ୍ଞାନ କିଟ୍, ସ୍ପୋଟର୍ସ କିଟ୍ ଓ ସ୍ୱାସ୍ଥ୍ୟବିଜ୍ଞାନ ଶିକ୍ଷା କିଟ୍ ଉପଲବ୍ଧ । ଏହି ଭ୍ରାମ୍ୟମାଣ ସ୍କୁଲ ଭ୍ୟାନ୍ ଦୁର୍ଗମ ଅରଂଚଳରେ ଆନନ୍ଦରେ ଶିକ୍ଷାଲାଭ କରିବାକୁ ସୁଯୋଗ ଆଣିଦେବ । ଆଉ ମଧ୍ୟ ପ୍ରଶିକ୍ଷିତ ସ୍ୱେଚ୍ଛାସେବୀମାନେ ଖୋଲା ସ୍ଥାନରେ କୋଭିଡ୍ ମାର୍ଗଦର୍ଶିକାର ସଠିକ୍ ଅନୁପାଳନ କରି ଶିକ୍ଷାଦାନ କରିବେ । ପ୍ରତ୍ୟେକ ଶିକ୍ଷାଦାନ ଅଧିବେଶନ ଦୁଇ ଘଂଟା ଚାଲିବ । 'ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ' ମୋବାଇଲ୍ ସ୍କୁଲ ଇନ୍ ଭ୍ୟାନ୍ ପିଭିଟିଜି ଅଂଚଳର ଜନଜାତି ସଂପ୍ରଦାୟର ପ୍ରଥମରୁ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୪୦ ହଜାର ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚିପାରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଓଡ଼ିଶାର ୧୦ଟି ଜିଲ୍ଲା କେଉଁଝର, ଯାଜପୁର, ମୟୂରଭଞ୍ଜ, ଅନୁଗୋଳ, ଗଜପତି, ରାୟଗଡ଼ା, କଳାହାଣ୍ଡି, ମାଲକାନଗିରି, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲାର ପ୍ରାୟ ଏକ ହଜାର ଗ୍ରାମର ପିଲାମାନଙ୍କ ପାଖରେ ଏହି ଭ୍ୟାନ୍ ପହଂଚିବ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା ଭୁବନେଶ୍ୱରଠାରେ ଅକ୍ଟୋବର ୨୭ ତାରିଖ ଦିନ 'ସ୍କୁଲ ସଂଯୋଗ କାର୍ଯ୍ୟକ୍ରମ ମୋବାଇଲ୍ ସ୍କୁଲ୍ ଇନ୍ ଏ ଭ୍ୟାନ୍'କୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନ ଚୋପ୍ରା, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା, ୟୁନିସେଫ୍‌ର ଓଡ଼ିଶା ଶାଖାର ମୁଖ୍ୟ ମୋନିକା ନେଲ୍‌ସନ୍, ୟୁନିସେଫ୍‌ର ଏଜୁକେସନ୍ ସ୍ପେସାଲିଷ୍ଟ ଲଳିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତାଙ୍କ ସହ ଉଚ୍ଚ ସ୍ତରୀୟ ଟିମ୍‌ଙ୍କ ପାରାଦ୍ୱୀପର ପ୍ଲାଷ୍ଟିକ୍ ପାର୍କ ପରିଦର୍ଶନ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍ ଦୁଇଦିନିଆ ଜଗତସିଂହପୁର ଜିଲ୍ଲା ଗସ୍ତରେ ପାରାଦ୍ୱୀପ ଯାଇ ଆଜି ସିଜୁଠାରେ ଇଡ଼କୋ ଲ୍ୟାଣ୍ଡ ଏବଂ ପ୍ଲାଷ୍ଟିକ୍ ପାର୍କ ପରିଦର୍ଶନ କରିଥିଲେ । ଆଜି ପୂର୍ବାହ୍ନରେ ଏହି ଟିମ୍ ପାରାଦ୍ୱୀପର ଅଫିସର୍ସ କ୍ଲବ୍‌ଠାରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ଇଡ଼କୋ ଦ୍ୱାରା ଶିଳ୍ପ ସଂସ୍ଥା କର୍ମକର୍ତ୍ତା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଉଦ୍ୟୋଗୀମାନଙ୍କ ସହିତ ଆୟୋଜିତ ବୈଠକରେ ଯୋଗଦେଇଥିଲେ । ପାରାଦ୍ୱୀପ ତଥା ଜଗତସିଂହପୁର ଜିଲ୍ଲାରେ ଥିବା ବୃହତ୍ ଶିଳ୍ପ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଶିଳ୍ପ ସଂସ୍ଥାରେ ଥିବା ବିଭିନ୍ନ ମୌଳିକ ସମସ୍ୟା ଓ ଏହାର ସମାଧାନ ନିମନ୍ତେ ଶିଳ୍ପସଂସ୍ଥା କର୍ମକର୍ତ୍ତା, ସରକାରୀ ବିଭାଗୀୟ ଅଧିକାରୀମାନଙ୍କ ସହିତ ବ୍ୟାପକ ଆଲୋଚନା କରାଯାଇ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଏଥିରେ ବୃହତ୍ ଶିଳ୍ପ ସଂସ୍ଥାମାନଙ୍କରେ ଥିବା ବିଭିନ୍ନ ସମସ୍ୟା ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ଏହି ଗସ୍ତର ଆଭିମୁଖ୍ୟ ସଂପର୍କରେ କହିଥିଲେ । ପରେ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ, ମତ୍ସ୍ୟ ଓ ପ୍ରାଣୀସଂପଦ ଅଧିକାରୀ ଓ ପର୍ଯ୍ୟଟନ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା । ଅପରାହ୍ନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଶିଳ୍ପୋଦ୍ୟୋଗୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ପାରସ୍ପରିକ ଆଲୋଚନା ହୋଇଥିଲା । ବୈଠକରେ ଏମ୍ଏସ୍ଏମ୍ଇ ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର' ସିରିଜ୍‌ର ଉଠାଣ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଓଡ଼ିଶା ସ୍ୱଳ୍ପ ସଂଚୟ ନିର୍ଦ୍ଦେଶାଳୟ ଅର୍ଥ ବିଭାଗର ଆନୁକୂଲ୍ୟରେ ଓଡ଼ିଶା ସ୍ୱଳ୍ପ ସଂଚୟ ପ୍ରୋତ୍ସାହନ ଯୋଜନା 'ଏ ଆର୍ ସିରିଜ୍' ଉଠାଣ ଭୁବନେଶ୍ୱର ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅର୍ଥ ଏବଂ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତି ପାଇଁ ସଂଚୟର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ ।

ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ଅଂଚଳରେ ଯେପରି ବ୍ୟାଙ୍କିଂ ସେବା ପହଂଚିପାରିବ ସେଥିପାଇଁ ସରକାରଙ୍କର ନିରନ୍ତର ପ୍ରୟାସ ଜାରି ରହିଛି ବୋଲି ସୂଚନା ଦେଇଥିଲେ । ସମ୍ମାନିତ ଅତିଥି ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଓ ସାକ୍ଷରତା ଅଭିଯାନର ସଫଳତା ପାଇଁ ସ୍ୱଳ୍ପ ସଂଚୟ ଓ ଆର୍ଥିକ ଅନ୍ତର୍ଭୁକ୍ତିକରଣ ଅଧିକାରୀ ଏବଂ ସ୍ୱଳ୍ପ ସଂଚୟ ପ୍ରତିନିଧିମାନେ ନିଷ୍ଠାର ସହ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ୱଳ୍ପ ସଂଚୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସିଦ୍ଧାର୍ଥ ଦାସ ସ୍ୱାଗତ ଭାଷଣ ଦେବା ସଙ୍ଗେ ସଙ୍ଗେ ସଂଚୟର ବାର୍ତ୍ତା ଯେଭଳି ସମାଜର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଂଚି ପାରିବ ଏବଂ ଆର୍ଥିକ ଅନଗ୍ରସର ଶ୍ରେଣୀର ଜନସାଧାରଣ ଏହି ପ୍ରୋତ୍ସାହନ ଯୋଜନା ମାଧ୍ୟମରେ ବିଶେଷ ଭାବେ ଲାଭବାନ ହୋଇପାରିବେ ସେଥିପାଇଁ ଗୁରୁତ୍ୱ ଆରୋପ କରିଥିଲେ । ବିଚାରପତି ପ୍ରତାପ କୁମାର ପାତ୍ର, ପ୍ରଫେସର ଡ. ହୃଷିକେଶ ମହାନ୍ତି ଓ ଅବସରପ୍ରାପ୍ତ ଓଡ଼ିଶା ଅର୍ଥସେବା ଅଧିକାରୀ ସିଦ୍ଧାର୍ଥ କାନୁନଗୋକୁ ନେଇ ଗଠିତ ବିଚାରକ ମଣ୍ଡଳୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉଠାଣରେ ୨୪୨୮ ଜଣ ଭାଗ୍ୟଶାଳୀ ବିଜେତାଙ୍କୁ ୭ଟି ବର୍ଗରେ ସର୍ବାଧିକ ୫ ଲକ୍ଷ ଏବଂ ସର୍ବନିମ୍ନ ୨୦୦୦ ଟଙ୍କା ହିସାବରେ ସମୁଦାୟ ୭୪ ଲକ୍ଷ ମୂଲ୍ୟର ପୁରସ୍କାର ରାଶି ପ୍ରୋତ୍ସାହନ ସ୍ୱରୂପ ପ୍ରଦାନ କରାଯିବାର ବ୍ୟବସ୍ଥା ଅଛି ।

ସର୍ବସାଧାରଣ ଦେଖିବା ପାଇଁ ଏହି ଉଠାଣ କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା 'ୟୁଟ୍ୟୁବ୍' ଏବଂ ଅର୍ଥ ବିଭାଗର 'ଫେସ୍ ବୁକ୍' ମାଧ୍ୟମରେ କରାଯାଇଥିଲା । ଏଥି ନିମନ୍ତେ ଆବଶ୍ୟକୀୟ ବୈଷୟିକ ସହାୟତା 'ଓକାକ୍' ତରଫରୁ ଯୋଗାଇ ଦିଆଯାଇଥିଲା । ଖୁବ୍‌ଶୀଘ୍ର ଏହି ଉଠାଣର ଫଳାଫଳ ସଂକ୍ରାନ୍ତୀୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଅର୍ଥ ବିଭାଗ ତରଫରୁ ସୂଚନା ଦିଆଯାଇଛି ।

## ସର୍ଟସର୍କିଟରେ ଜଳିଗଲା ଜିଓ କମ୍ପାନୀର ଡିଜି

ଜଳେଶ୍ୱର, ୨୯/୧୦(ନିପ୍ର): ଆଜି ମଧ୍ୟାହ୍ନରେ ଜଳେଶ୍ୱର ନୂଆବଜାରସ୍ଥିତ ହାଇସ୍କୁଲ ଖେଳ ପଡିଆ ସମ୍ମୁଖରେ ସୁରଜ ଦେଙ୍କ ଘର ନିକଟରେ ଥିବା ରିଲାଏନ୍ସ କର୍ମାନୀର ଜିଓ ମୋବାଇଲ ଟାୱାରେ ଲାଗିଥିବା ଡିଜି ସର୍ଟସର୍କିଟରେ ଜଳି ଯାଇଛି । ମୁଖ୍ୟ ରାସ୍ତା କଡରେ ଥିବା ଏହି ଡିଜିରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖି ଦମକଳ ବିଭାଗକୁ ଖବର ଦେଖିଥିଲେ । ବିଦ୍ୟୁତ୍ ବିଭାଗ ସଂଯୋଗ କାଟିବା ସହିତ ଦମକଳବାହିନୀ ନିଆଁ ଲିଭାଇବାରେ ସକ୍ଷମ ହୋଇଥିଲେ । ସୂଚନାଯୋଗ୍ୟ ଏହି ଟାୱାର ପରିଧିରେ ହଜାର ହଜାର ଉପଭୋକ୍ତା ସେବା ପାଇବାରୁ ବଂଚିତ ହେବାର ସମ୍ଭାବନା ରହିଛି । ତେଣୁ ତତ୍କ୍ଷଣାତ୍ କମ୍ପାନୀ ସେବା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

## ଜଳେଶ୍ୱର ୮ନଂ ୱାର୍ଡରେ ଖାଉଟି ଦ୍ରବ୍ୟ ବଣ୍ଟନ

ଜଳେଶ୍ୱର, ୨୯/୧୦(ନିପ୍ର): ଜଳେଶ୍ୱର ପୌରପାଳିକା ୮ନଂ ୱାର୍ଡରେ ଖୁଚୁରା ଖାଉଟିଦ୍ରବ ବିକ୍ରେତା ସୁବଳଚନ୍ଦ୍ର ଦାସଙ୍କ ପରଲୋକପରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା । କିନ୍ତୁ ଖାଉଟିଦ୍ରବ୍ୟ ବଣ୍ଟନଲାଗି ନିକଟସ୍ଥ ଖୁଚୁରା ଖାଉଟିଦ୍ରବ୍ୟ ବିକ୍ରେତା କୃଷ୍ଣଚନ୍ଦ୍ର ପରିଡାକୁ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ମୋଟ ୪୫୩ ପଡି କାର୍ଡଧାରୀଙ୍କ ମଧ୍ୟରୁ ୨୩୫ ଜଣଲିଖିତ ବିରୋଧ କରି ପୌରଅଧିକାରୀଙ୍କୁ ଜଣାଇଥିଲେ । ଗତ ୨୮ ତାରିଖରେ ୱାର୍ଡ ଅଫିସର ବିଜୟ କୁମାର ପରିଡାଙ୍କ ଦ୍ୱାରା ସେଠାରେ ଯାଞ୍ଚ କରାଯାଇଥିଲା । କିନ୍ତୁ ୧୧୨ ଜଣ ପଡିକାର୍ଡଧାରୀ ବିରୋଧ କରିଥିବା ବେଳେ ୩୪୧ଜଣ ସମର୍ଥନ କରିଥିବାରୁ ଖାଉଟି ସାମଗ୍ରୀ ବିକ୍ରି ଚାଲିଥିବା ଜଣାଯାଇଛି ।

# ବାଲିଆପାଳ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର : ୯୬୭ ଜଣ ଚିହ୍ନଟ




ବାଲିଆପାଳ,୨୯/୧୦ (ନି.ପ୍ର): - ବାଲିଆପାଳ ବ୍ଲକ ପରିସରରେ ଆଜି ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ୨୮ ପଂଚାୟତର ମୋଟ ୧୦୬୭ ଜଣ ଦିବ୍ୟାଙ୍ଗ ନାମ ପଞ୍ଜିକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୯୬୭ ଜଣକୁ ଚିହ୍ନଟ କରାଯାଇଥିଲା । ଅସ୍ଥିଶଲ୍ୟରେ ୪୫୦, କର୍ଣ୍ଣ, ନାଶା ଓ ଗଳାରେ ୨୮୬ ଜଣ, ଦୃଷ୍ଟି ବାଧିତ ୧୭୨ ଜଣ ଏବଂ ମାନସିକ ଅନଗ୍ରସରେ ୧୫୯ ଜଣ ଚିହ୍ନଟ କରାଯାଇଥିଲା । ନିଳଗିରି ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରାଧାକୃଷ୍ଣ ରାଉତ ଶିବିରକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ବାଲିଆପାଳ ବିଡିଓ ଲଳିତ ସରେଙ୍ଗ ଯୋଗ ଦେଇଥିଲେ । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କିର୍ତ୍ତୀକୁମାର ପାତ୍ର, କନିଷ୍ଠ ସହାୟିକା ସର୍ମିଷ୍ଠା ପାତ୍ର, ପ୍ରୋଗ୍ରାମ ଆସିଟାଂଟ ଚିରିଞ୍ଜିବ ପାଠୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ତେବେର ଏହି ଶିବିରକୁ ଭୋଗରାଇ ବ୍ଲକରୁ ଜୈନିକ ଦଲାଲ ୩ ରୁ ୪ଟି ଅଟୋରେ ପ୍ରାୟ ୪୦ ରୁ ଉର୍ଦ୍ଧ୍ୱ ସ୍ୱଳ୍ପ ଭିନ୍ନକ୍ଷମ ଥିବା ଲୋକଙ୍କୁ ଆଣି ନାମ ପଞ୍ଜୀକରଣ କରି ସାଠିଫିକେର୍ଟ ନେଇଥିବା ସୂଚନା ମିଳିଛି । ଏହି ଦଲାଲ ଜଣକ ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରୁ ୧୦୦୦ ରୁ ୨୦୦୦ ଟଙ୍କା ପର୍ଯ୍ୟନ୍ତ ଅର୍ଥ ନେଇ ସେମାନଙ୍କୁ ଆଣିଥିବା କୁହାଯାଉଛି । କିଛି ଗଣ ମାଧ୍ୟମର ପ୍ରତିନିଧି ତାଙ୍କୁ ଏ ବିଷୟରେ ପଚାରିବାରୁ ସେ ଅସ୍ତବ୍ୟସ୍ତ ହୋଇ ପଳାଇଯାଇଥିଲା । ସେହିପରି ଅନଲାଇନ ନାମ ପଞ୍ଜିକରଣ ସହିତ ଅଫଲାଇନ ନାମ ପଞ୍ଜୀକରଣ ସୁବିଧା ଥିଲେ ମଧ୍ୟ କେଉଁ ସ୍ଥାନରେ ଅଫଲାଇନ ନାମ ପଞ୍ଜିକରଣ କରିବାକୁ ତାହା ଲେଖାଯାଇନଥିବାରୁ ଅନେକ ଦିବ୍ୟାଙ୍ଗ ନାମ ପଞ୍ଜୀକରଣ ପାଇଁ ପ୍ରବଳ ଖରାରେ ଏପାଖ ସେପାଖ ହେବାର ଦେଖିବାକୁ ମିଳିଥିଲା । ଦିବ୍ୟାଙ୍ଗ ମାନଙ୍କ ବସିବା ପାଇଁ ଯେଉଁ ସ୍ଥାନରେ ଟ୍ୟାଣ୍ଟ ମରାଯାଇଥିଲା ତାହା କାଦୁଅ ଓ ସନ୍ତ ସନ୍ତିଆ ହୋଇଥିବାରୁ ଅନେକ ଦିବ୍ୟାଙ୍ଗ ଏବଂ ସେମାନଙ୍କ ସହଯୋଗୀ ଖରାରେ ଅଉଟପାଉଟ ଦେଖିବାକୁ ମିଳିଥିଲା । ଆଜି ପ୍ରବଳ ଖରାରେ ଲୋକଙ୍କ ପାଇଁ ପନୀୟ ଜଳର କିଛି ବ୍ୟବସ୍ଥା ହୋଇନଥିବାରୁ ଲୋକମାନେ ଡହଳ ବିକଳ ହୋଇଥିଲେ । ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିବା ବେଳେ ଦିବ୍ୟାଙ୍ଗ ମାନଙ୍କର ଭୋଜନ ବ୍ୟବସ୍ଥା ୨୦୦ ମିଟର ବାଳିକା ବିଦ୍ୟାଳୟ ପରିସରରେ ବ୍ୟବସ୍ଥା କରାଯଇାଇଥିଲା । ତେବେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ରାସ୍ତା ପାର ହୋଇ ଭୋଜନ କରିବାକୁ ଗଲାବେଳେ ଅନେକ ସମୟ ଧରି ରସ୍ତା ଜାମ ହୋଇଯାଇଥିଲା । ଖାଇବା ସ୍ଥାନ ମଧ୍ୟ ଓଦା ଓ ସନ୍ତ ସନ୍ତିଆ ହୋଇଥିବା ବେଳେ ଅନେକ ଲୋକ ରାସ୍ତା ଉପରେ ବସି ଖାଉଥିବା ଦେଖିବାକୁ ମିଳୁଥିଲା । ଅନେକ ମଧ୍ୟ ଭିଡ ଭିତରେ ଖାଇବାକୁ ନପାଇ ଫେରିଯାଇଥିଲେ । ତେବେ ଏହିଭଳି ଅନେକ ଅବ୍ୟବସ୍ଥା ଭିତରେ ଆଜିର ଏହି ଶିବିର ଅନୁଷ୍ଠିତ ହୋଇଯାଇଥିଲା ।

# ବାରିପଦାରେ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ବାରିପଦା,୨୯/୧୦ (ନି.ପ୍ର): ବାରିପଦା ଆଜିଠାରୁ ଆରମ୍ଭ ହେଲା ରାଜ୍ୟ ସ୍ତରୀୟ ସିନିଅର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ । ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଉନ୍ନୟନ କମିଟି ପକ୍ଷରୁ ବାରିପଦା ଇଣ୍ଡୋର ଷ୍ଟାଡିୟମ ଠାରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ହୋଇଛି । ମୁଖ୍ୟ ଅତିଥି ଭାବେ ମୟୁରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ୍‌ଓ ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ଋଷିକେଶ ଡି. ଖିଲାରୀ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହି ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ୨୮ ଅକ୍ଟୋବର ଠାରୁ ଆରମ୍ଭ ହୋଇ ୩୧ ଅକ୍ଟୋବର ପର୍ଯ୍ୟନ୍ତ ଚାଲୁ ରହିବ । ଏଥିରେ ରାଜ୍ୟର ୩୦ ଟି ଜିଲ୍ଲାର ୧୩୫ ଜଣ ପୁରୁଷ ଏବଂ ମହିଳା ଖେଳାଳି ଭାଗ ନେଇ ନିଜର କ୍ରୀଡା ପ୍ରଦର୍ଶନ କରିବେ । ଏହି ଟୁର୍ଣ୍ଣାମେଣ୍ଟରୁ ସର୍ବଶ୍ରେଷ୍ଠ ଖେଳାଳି ଚୟନ ହୋଇ ଜାତୀୟ ସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଭାଗ ନେବେ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି, ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ୍‌ର ସମ୍ପାଦକ ନିଳିନ କୁମାର, ମୟୂରଭଞ୍ଜ ଆଥ୍‌ଲେଟିକ୍ ସଂଘର ସଂମ୍ପାଦକ କିଶୋର କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ସୂଚନା ଯୋଗ୍ୟ ଯେ, ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ପ୍ରତ୍ୟେକ ତତ୍ୱାବଧାନରେ ବ୍ୟାଡମିଣ୍ଟନ ଖେଳର ପ୍ରଚାର ପ୍ରସାର ଦିଗରେ ବିଶେଷ ଧ୍ୟାନ ଦିଆଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ବ୍ୟାଡମିଣ୍ଟନ ସଂଘର ସଭାପତି କୃଷ୍ଣାନନ୍ଦ ମହାନ୍ତି ପରିଚଳାନା କରିଥିଲେ ।

## ଦୁର୍ନୀତି ନିବାରଣ ସଚେତନତା ପଦଯାତ୍ରା

ବାଲେଶ୍ୱର,୨୯/୧୦ (ନି.ପ୍ର): ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଚତୁର୍ଥ ଦିନରେ ଆଜି ବାଲେଶ୍ୱର ସହରରେ ଏକ ୱାକାଥନ (ଗଣ ପଦଯାତ୍ରା) ଅନୁଷ୍ଠିତ ହୋଇଯାଇଛି । ଦୁର୍ନୀତି ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି ୱାକାଥନରେ କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ । ଏହି ପଦଯାତ୍ରା ସ୍ଥାନୀୟ ପବ୍ଲିକ ସ୍କୁଲର ବାହାରି ସହରର ଷ୍ଟେସନ ଛକ, ଫକୀରମୋହନ ଗୋଲେଇ ଏବଂ ଫାଣ୍ଡି ଛକ ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା । ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଋଣପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ । ବାଲେଶ୍ୱର ଭିଜିଲାନ୍ସ ଖଣ୍ଡ ଆରକ୍ଷୀ ଅଧୀକ୍ଷକ ନରହରି ନାୟକ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ ହେଉଥିବା ଦୁର୍ନୀତିକୁ ରୋକିବା ପାଇଁ ସବୁ ମହଲରୁ ଉଦ୍ୟମ ସାଙ୍ଗକୁ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ ବୋଲି ଭିଜିଲାନ୍ସ ଏସପି ଶ୍ରୀ ନାୟକ କହିଥିଲେ । ଭିଜିଲାନ୍ସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପରମେଶ୍ୱର କିଶାନ, ଭିଜିଲାନ୍ସ ଡିଏସପି ସନ୍ତୋଷ କୁମାର ସାମନ୍ତରା, ସିକନ୍ଦର ହେମ୍ବ୍ରମ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଗୋପବନ୍ଧୁ ସେବା ଟ୍ରଷ୍ଟର ବେଟି ବଚାଓ, ବେଟି ପଢ଼ାଅ କାର୍ଯ୍ୟକ୍ରମ



ଉଦଳା,୨୯/୧୦ (ନି.ପ୍ର): ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳା ସହରର ୧୧ ନଂ ୱାର୍ଡ଼ସ୍ଥିତ ଷ୍ଟାଡ଼ିୟମ ଗୃହରେ ବେଟି ବଚାଓ, ବେଟି ପଢ଼ାଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସାମ୍ପ୍ରତିକ ସ୍ଥିତିରେ ପ୍ରତି କ୍ଷେତ୍ରରେ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କନ୍ୟା ଭ୍ରୁଣହତ୍ୟା ବନ୍ଦ କରିବା, ଝିଅ ମାନେ ଅଧୁନା ସମାଜରେ କିପରି ନିଜକୁ ସୁରକ୍ଷିତ ରଖିବେ, ମା', ବାପା ଏବଂ ଅଭିଭାବକ ମାନେ କିପରି ଝିଅ ମାନଙ୍କୁ ପାଠ ପଢ଼ାଇ ଶଶକ୍ତ କରିବେ, ଅନ୍ଧ ବିଶ୍ୱାସ ଠାରୁ ଦୁରରେ ରହିବେ, ଝିଅମାନେ କିପରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ପାରିବେ ଏ ସମ୍ପର୍କରେ ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡା, ସମ୍ପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା, କାର୍ଯ୍ୟକାରୀ ସମ୍ପାଦକ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ନିଜ ନିଜ ବକ୍ତବ୍ୟରେ ବିସ୍ତୃତ ଆଲୋଚନା କରିଥିଲେ । ଉଦଳାର ଆଦିବାସୀ ଅଧୁଷିତ ଅଞ୍ଚଳରେ ପିଲା ମାନଙ୍କୁ ସଂସ୍କାର ଶିକ୍ଷା ଦେଉଥିବା ଗୁରୁମା ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଜୟ କୁମାର ବେହେରା ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜଗନ୍ନାଥ ମହାନ୍ତ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ସଂରକ୍ଷଣ ବାତିଲକୁ ବିରୋଧ କରି କୈବର୍ତ୍ତ ମଂଚ ପକ୍ଷରୁ ସମ୍ବାଦିକ ସମ୍ମିଳନୀ

## ନିଷ୍ପତ୍ତି ନବଦଳାଇଲେ ଭୋଟ ବର୍ଜନର ଚେତାବନୀ




ବାଲିଆପାଳ,୨୯/୧୦ (ନି.ପ୍ର): ଆଗାମି ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ବାଲିଆପାଳ ବ୍ଲକ ବିଷ୍ଣୁପୁର ପଂଚାୟତର ସରପଂଚ ପଦବିକୁ ଅନୁସୂଚିତ ଜାତିରୁ ଅଣସଂଗ୍ରକ୍ଷିତ କରାଯାଇଥିବାରୁ ଉକ୍ତ ପଂଚାୟତର କୈବର୍ତ୍ତ ମଂଚ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଆଜି ମଂଚ ପକ୍ଷରୁ ବିଷ୍ଣୁପୁର ତାରିଣୀ ଛକଠାରେ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରାଯାଇଥିଲା । ଏଥିରେ କୈର୍ବିତ ସଂପ୍ରଦାୟର ୨ଶହରୁ ଉର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇ ସରକାରଙ୍କ ଅଣସଂଗ୍ରକ୍ଷିତ ନିଷ୍ପତି ବିରୋଧରେ ପୁନଃ ବିଚାର କରିବା ପାଇଁ ଚେତାବନୀ ଦେଇଥିଲେ । ସରକାର ଯଥା ଶୀଘ୍ର ନିଷ୍ପତି ନ ବଦଳାଇଲେ ଆଗାମି ପଂଚାୟତ ନିର୍ବାଚନରେ ଏହି ପଂଚାୟତର ସମସ୍ତ ଅନୁସୂଚିତ ଜାତିର ଲୋକ ଏକଜୋଟ ହୋଇ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ଅନୁସୂଚିତ ଜାତିର ଲୋକଙ୍କୁ ସରପଂଚ କରାଇ ନ ଦେବା ପାଇଁ କିଛି ପ୍ରଭାବଶାଳୀ ରାଜନୈତିକ ନେତାଙ୍କର ଏହା ଏକ ଷଡଯନ୍ତ ବୋଲି ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି । ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁସାରେ ଗତ ୨୬ ତାରିଖରେ ବାଲିଆପାଳ ବ୍ଲକରେ ୨୮ଟି ପଂଚାୟତ ପାଇଁ ଚୂଡାନ୍ତ ସଂଗ୍ରକ୍ଷଣ ତାଲିକା ପ୍ରକାଶିତ ହୋଇଛି । ତେବେ ଗତ ୮ ତାରିଖରେ ଜିଲ୍ଲା ପଂଚାୟତ ରାଜ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମ ତାଲିକାରେ କିଛି ପରିବର୍ତ୍ତନ ହୋଇଛି । ପ୍ରଥମ ତାଲିକାରେ ବିଷ୍ଣୁପୁର ପଂଚାୟତର ସରପଂଚ ପଦବି ଅନୁସୂଚିତ ଜାତି ପାଇଁ ସଂଗ୍ରକ୍ଷିତ ଥିବା ପ୍ରକାଶିତ ହୋଇଥିବା ବେଳେ ୨୬ ତାରିଖରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରକାଶିତ ତାଲିକାରେ ଏହାକୁ ପରିବର୍ତ୍ତନ କରାଯାଇ ଅଣସଂଗ୍ରକ୍ଷିତ କରାଯାଇଛି । ବାଲିଆପାଳ ବ୍ଲକର ୨୦୧୧ ଜଣଗଣନା ଅନୁଯାୟୀ ସାଉଡି ପଂଚାୟତରେ ସର୍ବାଧିକ ୩୯.୮୫ ପ୍ରତିଶତ ଅନୁସୂଚିତ ଜାତିର ଲୋକ ବସବାସ କରୁଥିବା ବେଳେ ତାହା ତଳକୁ ବିଷ୍ଣୁପୁର ପଂଚାୟତର ୩୯.୬୮ ପ୍ରତିଶତ ଅନୁସୂଚିତ ଜାତିର ଲୋକ ବସବାସ କରୁଛନ୍ତି । ତେବେ ସାଉଡି ପଂଚାୟତର ସରପଂଚ ପଦବିକୁ ଅନୁସୂଚିତ ଜାତି ପାଇଁ ସଂଗ୍ରକ୍ଷିତ କରାଯାଇଥିବା ବେଳେ ବିଷ୍ଣୁପୁର ପଂଚାୟତର ସରପଂଚ ପଦବିକୁ ଅଣସଂଗ୍ରକ୍ଷିତ କରାଯାଇଛି । ୨୦୦୨ରେ ଏହି ପଂଚାୟତର ସରପଂଚ ପଦବି ଅନୁସୂଚିତ ଜାତି ପାଇଁ ସଂଗ୍ରକ୍ଷିତ ଥିଲା । ତାପର ଠାରୁ ୨୦୦୭, ୨୦୧୨, ୨୦୧୭ ପଂଚାୟତ ନିର୍ବାଚନରେ ଯଥାକ୍ରମେ ପଛୁଆ ବର୍ଗ ଓ ଅଣସଂଗ୍ରକ୍ଷିତ କରାଯାଇଥିଲା ତେଣୁ ନିୟମ ଅନୁସାରେ ଚଳିତ ନିର୍ବାଚନରେ ଏହି ପଂଚାୟତର ସରପଂଚ ପଦବି ଅନୁସୂଚିତ ଜାତି ପାଇଁ ସଂଗ୍ରକ୍ଷିତ ହେବା କଥା । ତାହା କରାନଯାଇ ଏହି ବର୍ଗର ଲୋକଙ୍କୁ ସରପଂଚ ପଦବିରୁ ବଂଚିତ କରାଇବା ପାଇଁ କିଛି ପ୍ରଭାବ ଶାଳୀ ରାଜନୈତିକ ବ୍ୟକ୍ତି ବିଶେଷ ସଂଗ୍ରକ୍ଷଣ ତାଲିକାକୁ ପରିବର୍ତ୍ତନ କରାଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ କୈବର୍ତ୍ତ ମଂଚର ସମ୍ପାଦକ ସଞ୍ଜୟ ମାହାନା ସଭାପତିତ୍ୱ କରିଥିବା ବେଳେ କୈବର୍ତ୍ତ ମଂଚର ସଭାପତି ଗୌରମୋହନ ଗଙ୍ଗାଇ, ଗୋପାଳ ଜେନା. ମନୋଜ ଦାସ, ସଚିନ୍ଦ୍ର ସେଠୀ, ଚନ୍ଦ୍ରମୋହନ ଦାସ, ଗୌରାଙ୍ଗ ଗଙ୍ଗାଇ, ଗୋପାଳ ମଣ୍ଡଳ, ବାଦଲ ଖଣ୍ଡା, ତୀର୍ଥବାସି ଖଣ୍ଡା, ଝାଡେଶ୍ୱର ଦାସ, ସୁଶାନ୍ତ ସେଠୀ, କାଳିଚରଣ ଧଳ ସମେତ ୨୦୦ରୁ ଉର୍ଦ୍ଧ୍ୱ ଅନୁସୂଚିତ ଜାତିର ଲୋକ ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୫ ପୃଷ୍ଠାର ବେଲ ଅର୍ଡରରେ....

ପ୍ରକାରର ବୟାନ ସୋଶାଲ ମିଡିଆ କିମ୍ବା ମିଡିଆ ଆଗାରେ ଦେବେନାହିଁ । ଘଟଣାର ସହ ଅଭିଯୁକ୍ତମାନଙ୍କ ସହ ସେମାନେ ଯୋଗାଯୋଗ କରିବେ ନାହିଁ । ଏନଡିପିଏସ୍ କୋର୍ଟଙ୍କ ବିନା ଅନୁମତିରେ ଅଭିଯୁକ୍ତମାନେ ଦେଶ ବାହାରକୁ ଯାଇ ପାରିବେ ନାହିଁ । ଅଭିଯୁକ୍ତମାନେ ମୁମ୍ବାଇର ଏନସିବି ଅଫିସରେ ପ୍ରତି ଶୁକ୍ରବାର ଦିନ ୧୧ଟାରୁ ଅପରାହ୍ନ ୨ଟା ମଧ୍ୟରେ ହାଜର ହେବେ । ଅଭିଯୁକ୍ତମାନେ ଟ୍ରାଏଲ ସମୟରେ କୋର୍ଟରେ ଉପସ୍ଥିତ ରହିବେ । ଶୁଣାଣି ଆରମ୍ଭ ହେବା ମାତ୍ରେ ଅଭିଯୁକ୍ତମାନେ ଏହାକୁ ବିଳମ୍ବିତ କରିବା ପାଇଁ କୌଣସି ପ୍ରକାରର ବାହାନା କରିବେ ନାହିଁ । ଅଭିଯୁକ୍ତମାନେ ତଦନ୍ତକାରୀ ଅଫିସରଙ୍କୁ ନ ଜଣାଇ ମୁମ୍ବାଇ ବାହାରକୁ ଯାଇପାରିବେ ନାହିଁ । ଏନସିବି ତଦନ୍ତ ପାଇଁ ଅଭିଯୁକ୍ତମାନଙ୍କୁ ଯେଉଁ ଦିନ ଓ ଯେଉଁ ସମୟରେ ଡାକିବ, ସେମାନେ ବ୍ୟକ୍ତିଗତ ଭାବେ ହାଜର ହେବେ । ଅଭିଯୁକ୍ତମାନେ ବର୍ତ୍ତମାନ ଘଟାଇଥିବା କାଣ୍ଡରେ ପୁଣିଥରେ ସାମିଲ ହେବନାହିଁ । ଅଭିଯୁକ୍ତମାନେ ନିଜେ କିମ୍ବା କାହା ଦ୍ୱାରା ପ୍ରମାଣ ନଷ୍ଟ କରିବାକୁ ଚେଷ୍ଟା କରିବେ ନାହିଁ । ଅଭିଯୁକ୍ତମାନେ ଏମିତି କିଛି କାମ କରିବେ ନାହିଁ, ଯାହା ଦ୍ୱାରା ଶୁଣାଣି ପ୍ରଭାବିତ ହେବ । ଅଭିଯୁକ୍ତମାନେ ପିଆର ବଣ୍ଡ ବାବଦରେ ୧ ଲକ୍ଷ ଟଙ୍କା ଦେବେ । ଯଦି ଉପରୋକ୍ତ ସର୍ତ୍ତଗୁଡ଼ିକ ଅଭିଯୁକ୍ତମାନେ ଖିଲାପ କରିବେ, ତା'ହେଲେ ଏନସିବି ସ୍ୱତନ୍ତ୍ର ବିଚାରପତି କିମ୍ବା କୋର୍ଟରେ ଜାମିନ ଖାରଜ କରିବାକୁ ଆବେଦନ କରିପାରିବ ।

## ଭିଜିଲାନ୍‌ସ ପଞ୍ଝାରେ ବହିଷ୍କୃତ ....

ସମ୍ପତ୍ତିର ମୂଲ୍ୟ ଆକଳନ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ଲାଗିଛି ଓ ଆସନ୍ତାକାଲି ପ୍ରକୃତ ମୂଲ୍ୟ ଜଣାପଡ଼ିବ ବୋଲି ସୂଚନା ମିଳିଛି । ଭିଜିଲାନ୍ସ ସୂଚନାନୁସାରେ ୨ ଜଣ ଡିଏସ୍‌ପି ଓ ୬ ଜଣ ଇନ୍ସପେକ୍ଟରଙ୍କୁ ନେଇ ୫ଟି ଟିମ୍ ଗଠନ କରାଯାଇଛି । ସ୍ୱତନ୍ତ୍ର ସର୍ଚ୍ଚ ୱାରେଣ୍ଟ ବଳରେ ଆଜି ସକାଳୁ ୫ଟି ଟିମ୍ ଭୁବନେଶ୍ୱର କଳ୍ପନା ଛକ ନିକଟରେ ଥିବା ପ୍ରସନ୍ନଙ୍କ ସରକାରୀ ବାସଭବନ, ଖଣ୍ଡଗିରି ଡୁମୁଡୁମା ଅଞ୍ଚଳରେ ଥିବା ସ୍ମାର୍ଟ ଫର୍ଣ୍ଣିଚର ପ୍ରାଇଭେଟ୍ ଲିମିଟେଡ୍, ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ସନ୍ତପୁର ଅଞ୍ଚଳରେ ଫର୍ଣ୍ଣିଚର ୱାର୍କସପ୍, ପାତ୍ରପଡ଼ାସ୍ଥିତ ସାଉଥ୍‌ସିଟି ବାର୍ ଓ ଖୋର୍ଦ୍ଧା ନୂଆପଡ଼ାରେ ଥିବା ପୈତୃକ ଘରେ ଚଢ଼ଉ ହୋଇଥିଲା । ଚଢ଼ଉ ସମୟରେ ଫର୍ଣ୍ଣିଚର ସୋରୁମ୍ ଜମିର ମୂଲ୍ୟ ୧ କୋଟି ୪୭ ଲକ୍ଷ ୬୦ ହଜାର ଟଙ୍କା, ସେଠାରେ ୧୮ ହଜାର ବର୍ଗଫୁଟ ବିଶିଷ୍ଟ ଦୁଇ ମହଲା କୋଠାର ମୂଲ୍ୟ ୨ କୋଟି ଟଙ୍କା, ପୈତୃକ ଗାଁରେ ଥିବା ନିଜ ନାଁରେ ୪୫ ଲକ୍ଷ ଟଙ୍କାର ଜମି, ସୁନ୍ଦରପଦାରେ ପତ୍ନୀଙ୍କ ନାଁରେ ୨୪ ଲକ୍ଷ ଟଙ୍କାର ଫ୍ଲାଟ୍, ୫୦ ଲକ୍ଷ ଟଙ୍କାର ଜୀବନ ବୀମା, ୧୨ ଲକ୍ଷ ୭୪ ହଜାର ଟଙ୍କାର ଟାଟା ସଫାରି ଗାଡ଼ି, ୭ ଲକ୍ଷ ୮୭ ହଜାର ଟଙ୍କାର ବାଲେନୋ କାର୍ ୧୧ ଲକ୍ଷ ୪୪ ହଜାର ଟଙ୍କାର ଦୁଇଟି ଟାଟା ଏସ୍, ବୁଲେଟ୍‌ର ଦାମ୍ ୧ ଲକ୍ଷ ୭୨ ହଜାର ବୋଲି ଆକଳନ କରାଯାଇଛି ।

## ରାଜଧାନୀରେ ଡ୍ରାଇଭର....

୫୫ ବର୍ଷ ପରେ ଲାଇସେନ୍ସ ରଦ୍ଦ କରାଯାଉ ଥିବାରୁ ପେନସନ୍ ବ୍ୟବସ୍ଥା, ଡ୍ରାଇଭରଙ୍କୁ ସୁରକ୍ଷା ଦେବା ପାଇଁ ଦାବି କରିଛନ୍ତି । ସେହିପରି ଡ୍ରାଇଭରଙ୍କ ପ୍ରତିଦିନ କାମ କରିବାର ସମୟ ସୀମା ୮ ଘଂଟା ରଖିବା ସହ ଛୋଟ ଗାଡ଼ି ଡ୍ରାଇଭରଙ୍କ ଦରମା ଅତି କମ୍ ରେ ୧୫ ହଜାର ଟଙ୍କା ଓ ଲାଇନ୍ ଗାଡ଼ି ଡ୍ରାଇଭରଙ୍କ ଦରମା ୨୦ ହଜାର ଉପରେ ରଖିବାକୁ ଦାବି ହୋଇଛି । ୧୦ ଦଫା ଦାବି ପୂରଣ ନିମନ୍ତେ ଗତ ସେପ୍ଟେମ୍ବର ୧ ତାରିଖରେ ଡ୍ରାଇଭର ଦିବସ ଅବସରରେ ଓଡ଼ିଶାର ୩୦ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା । ମାତ୍ର ଡ୍ରାଇଭରଙ୍କ ଦାବି ପୂରଣ ନେଇ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ରାସ୍ତାକୁ ଓହ୍ଲାଇଛନ୍ତି ମହାସଂଘ ।

## ପଶ୍ଚିମବଙ୍ଗ ପରେ ଗୋଆରେ....

ଏଥିସହ ସେ ବେଟିନର ମାଲିମ ଜେଟ୍ଟୀରେ ମାଛ ଧରାଳୀ ସଂପ୍ରଦାୟର ଲୋକଙ୍କ ସହ ଆଲୋଚନା କରିଛନ୍ତି । ସେମାନଙ୍କ ଅଭିଯୋଗ ଶୁଣିବା ପରେ ମମତା ସବୁ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏ ସମ୍ପର୍କରେ ଟିଏମସିର ଗୋଆ ୟୁନିଟ ସୂଚନା ଦେଇଛି । ମମତାଙ୍କ ସହ ଟିଏମସିର ଅନେକ ବରିଷ୍ଠ ନେତା ଉପସ୍ଥିତ ଥିଲେ । ଗୋଆ ଟିଏମସି ମାଛ ଧରାଳୀ ସଂପ୍ରଦାୟର ଜୀବନ ଓ ଜୀବିକାକୁ ସୁରକ୍ଷିତ ରଖିବ ବୋଲି ମମତା ପ୍ରତିଶ୍ରୁତି ଦେଇଛନ୍ତି । ଦଳ ସେମାନଙ୍କ ସବସିଡିକୁ ୨.୫ ଗୁଣ ଅର୍ଥାତ ୩୦ ହଜାରରୁ ୭୫ ହଜାରକୁ ବୃଦ୍ଧି କରିବ । ଆମର ଏମଏସ୍‌ପି ସର୍ବନିମ୍ନ ସହାୟକ ମୂଲ୍ୟ ନୁହେଁ ବରଂ ସର୍ବାଧିକ ସେଲିଂ ଦର । ସରକାର ସର୍ବାଧିକ ଟଙ୍କା ଦେଇ ମାଛ ଲୋକଙ୍କ ଠାରୁ ସଂଗ୍ରହ କରିବେ ବୋଲି ମମତା କହିଛନ୍ତି । ଏହାବାଦ ମାଛ ଧରା କାମରେ ନିୟୋଜିତ ଲୋକଙ୍କ ପାଇଁ ମମତା ୪ ହଜାର ଟଙ୍କାର ମାସିକ ସହାୟତା ଘୋଷଣା କରିଛନ୍ତି ।

## ବଙ୍ଗୋପସାଗରରେ ଲଘୁଚାପ....

ପାରାଦ୍ୱୀପରେ ସର୍ବାଧିକ ୫୫ମିମି ବର୍ଷା ହୋଇଥିବାବେଳେ କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକରେ ଦ୍ୱିତୀୟ ସର୍ବାଧିକ ବର୍ଷା ରେକର୍ଡ କରାଯାଇଛି । ଆଜି ମାଲକାନଗିରି, କୋରାପୁଟ ଓ ରାୟଗଡାର ଅଧିକାଂଶ ସ୍ଥାନ ଏବଂ ସମଗ୍ର ଉପକୂଳରେ ବର୍ଷା ହେବା ସମ୍ଭାବନା ରହିଛି । ଲଘୁଚାପ କ୍ଷେତ୍ରରୁ ଲମ୍ବିଥିବା ନିମ୍ନଚାପ ରେଖା ସକାଶେ ଗଜପତି, ଗଞ୍ଜାମ, ନୟାଗଡ, ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କଟକ, କେନ୍ଦ୍ରାପଡା, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି ।


## ମନରେଗା ଟଙ୍କା ବଣ୍ଟନକୁ ....

ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ମିଳିଥିବା ସୂଚନା ଅନୁସାରେ, ଗତକାଲି ମନରେଗା ଟଙ୍କା ବଣ୍ଟନକୁ ନେଇ ଟୁକୁନାଙ୍କ ସହ ଭୋଲା ଓ ସନାତନଙ୍କର ବଚସା ହୋଇଥିଲା । ଏନେଇ ଟୁକୁନାଙ୍କ ଉପରେ ଉଭୟଙ୍କର ରାଗ ଥିଲା । ଆଜି ଟୁକୁନା ବଜାର ଯାଉଥିବା ବେଳେ ଭୋଲା ଓ ସନାତନ ମୁଖ୍ୟ ରାସ୍ତା କଡରେ ବୋମାମାଡ଼ କରିଥିଲେ । ଏଥିରେ ଟୁକୁନା ସହ ଭୋଲା ମଧ୍ୟ ଆହତ ହୋଇଥିଲେ । ହେଲେ ସନାତନଙ୍କର କିଛି ହୋଇ ନଥିଲା । ପ୍ରଥମେ ଉଭୟଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଟୁକୁନାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

# ପ୍ଲାଟଫର୍ମ ଟିକିଟର ମୂଲ୍ୟକୁ ନେଇ ପ୍ରଶ୍ନବାଚୀ : ପୂର୍ବତଟ ରେଳବାଇରେ ୧୦ଟଙ୍କା ବେଳେ ବାଲେଶ୍ୱରରେ ୨୦ଟଙ୍କା

ଜଳେଶ୍ୱର, ୨୯/୧୦(ନିପ୍ର): ଭାରତୀୟ ରେଳବାଇ ସର୍ବତ୍ର ସମସ୍ତଙ୍କ ପାଇଁ ଏକ ନିୟମ ଓ ନିତୀରେ ପରିଚାଳିତ ହେଉଥିବା ଅଦ୍ୟାବଧି ସମସ୍ତଙ୍କ ବିଶ୍ୱାସ ରହିଛି । କିନ୍ତୁ ଗୋଟିଏ ରାଜ୍ୟରେ ସର୍ବତ୍ର ଗୋଟିଏ ନିୟମ ଥିବା ବେଳେ ସେହି ରାଜ୍ୟର କ୍ରିୟଦଂଶରେ ଅନ୍ୟଏକ ନିୟମ ଦେଖିବାକୁ ମିଳିଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଓଡିଶା ରାଜ୍ୟର ବାଲେଶ୍ୱର ଜିଲା ରେଳବାଇ ଅଧିନରେ ଥାଇ ମଧ୍ୟ ଖଡଗପୁର ଡିଭିଜନ୍‌ରେ ଥିବାରୁ ଏହାର ନିତିନିୟମ ସହିତ ଅନ୍ୟଜିଲାରେ ପ୍ରଚଳିତ ନିତିନିୟମରେ ତାରତମ୍ୟ ଦେସଖିବାକୁ ମିଳୁଛି । ଉଦାହରଣ ସ୍ୱରୂପ ଓଡିଶାରେ ଥିବା ପୂର୍ବତଟ ରେଳବାଇ ଓ ଦକ୍ଷିଣପୂର୍ବ ରେଳପଥର ସବୁ ଷ୍ଟେସନରେ ପ୍ଲାଟଫର୍ମ ଟିକଟର ମୂଲ୍ୟ ୧୦ଟଙ୍କା ଥିବା ବେଳେ ଖଡଗପୁର ଡିଭିଜନ୍‌ର ବାଲେଶ୍ୱର ଜିଲା ଅଂଚଳରେ ଏହା ୨୦ଟଂକା ଥିବାରୁ ବଂଗାଳୀମାନଙ୍କ ଓଡିଶାପ୍ରତି ବୈମାତୃକ ଭାବ ସ୍ପଷ୍ଟ ସୂଚନା ମିଳିଛି । ଖଡଗପୁର ଡିଭିଜନ୍ ଅନ୍ତର୍ଗତ ଲକ୍ଷ୍ମଣନାଥ ଠାରୁ ରାଣୀତାଲ ମଧ୍ୟରେ ସବୁ ଷ୍ଟେସନରେ ପ୍ଲଟଫର୍ମ ଟିକଟ ୨୦ଟଙ୍କାରେ ମିଳୁଥିବା ବେଳେ ଓଡିଶାର କଟକ, ଭୂବନେଶ୍ୱର ଏପରିକି ଖଡଗପୁର ରେଳ ଷ୍ଟେସନରେ ୧୦ଟଙ୍କାରେ ପ୍ଲଟଫର୍ମ ଟିକଟ ମିଳୁଛି । ତେଣୁ ଏପରି ତାରତମ୍ୟକୁ ଦୂର କରିବା ସହିତ ଦେଶର ସମଗ୍ର ରେଳ ଷ୍ଟେସନରେ ଏକ ନିମୟ ପ୍ରଚଳନ କରିବାକୁ ସାଧାରଣରେ ଦାବି ହେଉଛି ।

# ବସ୍ତା ଇଲେକ୍ଟ୍ରି ଅଫିସ ଗୃହରେ ଠିକା କମ୍ପାନୀ ବଂଶଧର ଫଟୋ ଲଗାଇବା ନେଇ ଅଭିଯୋଗ



ବସ୍ତା,୨୯/୧୦ (ନି.ପ୍ର): ଓଡିଶା ଇଲେକ୍ଟ୍ରୀ ସିଟି କୁ ଠିକାରେ ଟାଟା କମ୍ପାନୀ ନେବାପରେ କର୍ମଚାରୀ ନିଯୁକ୍ତି ଠାରୁ ଆରମ୍ଭକରି ଘରୋଇ ଓ ବିଜିନେସ ବିଲ ଅଧିକ ମୂଲ୍ୟର ହୋଇଥିବାବେଳେ ବାହାର୍ଦାସ୍ଥିତ ଇଲେକ୍ଟ୍ରୀ ଅଫିସ ଗୃହରେ ମହାତ୍ମାଗାନ୍ଧିଜୀଙ୍କ ଫଟୋ ବା ଓଡିଶା ସରକାରଙ୍କ ଲୋଗ ପରିବର୍ତ୍ତେ ଠିକା ଟାଟାକମ୍ପାନୀ ବଂଶଧର ଫଟୋ ଟଙ୍ଗା ଯାଇଥିବା ଘଟଣା ନେଇ ବସ୍ତା ଅଞ୍ଚଳର ବୁଦ୍ଧିଯିବି ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ସୁଚନାରୁ ପ୍ରକାଶ ଗୁରୁବାର ବସ୍ତା ବ୍ଲକ ପୁଟୁରାପଞ୍ଚାୟତ ଗୁହାଳିପଦା ଗ୍ରାମ ର ପୂର୍ବତନ ସମିତିସଭ୍ୟ ସମାଜସେବୀ ଭଜହରି ପରିଡା ବିଜୁଳି ବିଲ ସମ୍ବନ୍ଧରେ ବିଭାଗିୟ ଅଧିକାରୀ ଙ୍କ ଅଫିସକୁ ଯାଇଥିଲେ । ହେଲେ ଅଫିସରେ ପହଞ୍ଚି ଗୃହରେ ମହାତ୍ମାଗାନ୍ଧିଜୀ ବା ଓଡିଶା ସରକାରଙ୍କ ଫଟୋ ପରିବର୍ତ୍ତେ ଟାଟା କମ୍ପାନୀ ବଂଶଧରଙ୍କ ଫଟୋ ଟଙ୍ଗା ଯାଇଥିବାଦେଖିବାକୁ ପାଇଥିଲେ । ଏନେଇ ବିଭାଗିୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ କି ଜାତିରପିତା ଗାନ୍ଧିଜୀ ବା ଓଡିଶା ସରକାରଙ୍କ ଲୋଗ ପରିବର୍ତ୍ତେ ଟାଟା ବଂଶଧର ଫଟୋ ଲାଗିପାରିବନାହିଁ । ଏନେଇ ଆଜି ବିଜୁଳିବିଭାଗର ଏଜି ଏମ.ସି ଇ ଓ ଙ୍କ ନିକଟକୁଅଭିଯୋଗ ପତ୍ର ପ୍ରେରଣ କରିଛନ୍ତି ।ଆଗାମି ୭ଦିନ ମଧରେ ଅଫିସ ଗୃହରୁ ଫଟୋ କାଢିନେବା ସହିତ କର୍ମଚାରୀ ମାନଙ୍କର ଯୋଗ୍ୟତା ସାର୍ଟିଫିକେର୍ଟ ନଥାଇ ଅର୍ଥ ନେଇ କେତେଜଣଙ୍କୁ ନିଯୁକ୍ତି ଦେବା ଘଟଣା ରେ ବସ୍ତା ଅଞ୍ଚଳବାସୀ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେବୋଲି ଅଞ୍ଚଳବାସୀ ଦାବିକରିଛନ୍ତି ।

ବାଲେଶ୍ୱର, ଶନିବାର, ୩୦ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି



# ବାଲେଶ୍ୱର ଜିଲ୍ଲାର ୭ ଜିଲ୍ଲାରେ ବିଛାଯିବ ଗ୍ୟାସ୍ ଲାଇନ୍

ଜଳେଶ୍ୱର, ୨୯/୧୦(ନିପ୍ର): ପାରାଦ୍ୱିପରୁ ହଳଦିଆ ତେଲ ପାଇପ୍ ଲାଇନ୍ ବିଛିଯିବାପରେ ଧାମରା-ହଳଦିଆ ଗ୍ୟାସ୍ଲାଇନ୍ ବିଛାଯିବାଲାଗି ପ୍ରସ୍ତୁତି ଶେଷ ହୋଇଛି । ଏଥିରେ ବାଲେଶ୍ୱର ଜିଲାର ୭ଟି ବ୍ଲକ ଦେଇ ଏହି ଗ୍ୟାସ୍ପାଇପ୍ ଲାଇନ୍ ବିଛାଯାଉଥିବା ବେଳେ ମୋଟି ୯୪ କି.ମି. ଲମ୍ବର ଜମି ହେବ ଅଧିଗ୍ରହଣ । ଏଥିରେ ଜଳେଶ୍ୱରର ୧୮ଟି ଗାଁ ଦେଇ ଏହି ପାଇପ୍ ଲାଇନ୍ ଅତିକ୍ରମ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ କେତେକୁ ଆପାତତଃ ବିରୋଧ କରିଛନ୍ତି । କିନ୍ତୁ ଆପୋଷ ସମାଧାନ ମଧ୍ୟରେ ଏହି କାର୍ଯ୍ୟ ଦ୍ୱରାନ୍ୱିତ କରାଯିବ ବୋଲି ପାଇପ୍ ବିଛାଉଥିବା କମ୍ପାନୀ ଗେଲ୍ ଇଣ୍ଡିଆ ଲିମିଟେଡ୍ର ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଏଠାରେ କହିଛନ୍ତି । ବାଲେଶ୍ୱର ଜିଲାର ଭୋଗରାଇ, ଜଳେଶ୍ୱର, ବସ୍ତା, ରେମୁଣା, ନୀଳଗିରି, ବାହାନଗା ଓ ସୋର ବ୍ଲକ ଦେଇ ପାଇପ୍ଲାଇନ୍ ବିଛାଯିବାର ଜଣାଯାଇଛି । ଏହି ପାଇପ୍ଲାଇନ୍ ବିଛାଯିବାଲାଗି ୯୪ କି.ମି. ଅଂଚଳର ସ୍ଥାନ ଅଧିଗ୍ରହଣ କରିବାକୁ ଥିବାରୁ ସରକାରଙ୍କ ନିତୀନିୟମ ଅନୁଯାୟୀ ଜନଶୁଣାଣି ବେଳେ ଚାଷୀଙ୍କ ମଧ୍ୟରେ ହେଉଥିବା ଅସନ୍ତୋଷ ପଦାକୁ ଆସିଛି । ପାଇପ୍ଲାଇନ୍ ବିଛାଇବା ବେଳେ ଅନ୍ୟୁନ ୧୧ ଫୁଟ ତଳେ ବିଛାଯାଇଥାଏ । ତେଣୁ ଏ ବାବଦରେ ଜମି ଅଧିଗ୍ରହଣ କରାଯାଏ ନାହିଁ । ଅପରପକ୍ଷରେ କ୍ଷତିପୂରଣ ଲାଗି ଜମିମୂଲ୍ୟର ୪୦ ଭାଗ ଅର୍ଥ ସରକାରଙ୍କ ପକ୍ଷରୁ ଜମିମାଲିକକୁ ଦେଇଥାନ୍ତି । ପୂର୍ବରୁ ୩୩ କେଭିଏ ବିଦ୍ୟୁତ୍ ଟାୱାର ଓ ହଳଦିଆ -ପାରିଦିପ ତେଲ ପାଇପ୍ ବିଛାଗଲାବେଳେ ଯେଉଁସବୁ ନିତୀନିୟମକୁ ଆଧାର କରି ଜମି ଅଧିଗ୍ରହଣ ହୋଇଥିଲା ପରେ ବହୁ ବ୍ୟକ୍ତିକୁ ଆର୍ଥିକ ସହାୟତା ଠିକ୍ଭାବେ ମିଳିନଥିଲା । କିଛିବର୍ଷଧରି ଉକ୍ତ ଜମିରେ କାର୍ଯ୍ୟଚାଲୁଥିବା ଯୋଗୁଁ ଚାଷ ହୋଇପାରିନଥିବାରୁ ଲୋକେ ଗ୍ୟାସ୍ପାଇପ୍ ବିଛାଇବାକୁ ବିରୋଧ କରୁଛନ୍ତି । ଧାମରାରୁ ହଳଦିଆ ଗ୍ୟାସ୍ ପାଇପ୍ଲାଇନ୍ ଲାଗି ମୋଟ ୧୫୪ କି.ମି., ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ବାଲେଶ୍ୱର ଜିଲାରେ ୯୪ କି.ମି. ଲମ୍ବର ସ୍ଥାନ ଅଧିଗ୍ରହଣ ହେବ । ଏଥିଲାଗି ଜମି ଅଧିଗ୍ରହଣକାରୀଙ୍କୁ ଇତିମଧ୍ୟରେ ଚାଷୀଙ୍କୁ ଗେଲଇଣ୍ଡିଆ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି ।

# ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ବୈଠକ



ବାଲେଶ୍ୱର,୨୯/୧୦ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସମ୍ପର୍କିତ ଏକ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବାଲେଶ୍ୱର ଉପ-ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ନୀଳଗିରି ଉପ-ଜିଲାପାଳ ହରିଶ ଚନ୍ଦ୍ର ଜେନାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଭୋଟର ତାଲିକା ସଂଶୋଧନର ବିଭିନ୍ନ ଦିଗ ସମ୍ପର୍କରେ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ୧-୧-୨୦୨୨ତାରିଖକୁ ଯୋଗ୍ୟତା ସୂଚକ ତାରିଖ ଭାବେ ଭିତ୍ତି କରି ଯେଉଁ ସ୍ୱତନ୍ତ୍ର ସଂକ୍ଷିପ୍ତ ଫଟୋ ଭୋଟର ତାଲିକା-୨୦୨୨ ଆରମ୍ଭ ହୋଇଛି ତାହାକୁ ସଫଳ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ତା୧.୧୧.୨୦୨୧ରିଖ ଦିନ ବୁଥ ସ୍ତରରେ ଭୋଟର ତାଲିକାର ଡ୍ରାଫ୍ଟ ପ୍ରକାଶ ପାଇବାକୁ ଥିବା ବେଳେ ତା୧-୧୧-୨୦୨୧ରିଖରୁ ୩୦-୧୧-୨୦୨୧ରିଖ ପର୍ଯ୍ୟନ୍ତ ଭୋଟରଙ୍କଠାରୁ ବିଭିନ୍ନ ଆପତ୍ତି ଗ୍ରହଣ କରାଯିବ । ଆସନ୍ତା ନଭେମ୍ବର ୭ ଏବଂ ୨୧ତାରିଖକୁ ସ୍ୱତନ୍ତ୍ର ଅଭିଯାନ ଦିବସ ଭାବେ ଗ୍ରହଣ କରାଯାଇଥିବା ବେଳେ ବିଭିନ୍ନ ବୁଥରେ ରାଜନୈତିକ ଦଳର ଏଜେଣ୍ଟମାନେ ରହି ବୁଥସ୍ତରୀୟ ଅଧିକାରୀମାନଙ୍କ ଜରିଆରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ପରାମର୍ଶ ଦେଇଥିଲେ। ତା୨୦.୧୨.୨୦୨୧ରିଖ ସୁଦ୍ଧା ସମସ୍ତ ଆପତ୍ତି ଏବଂ ଅଭିଯୋଗର ଫଇସଲା କରାଯିବା ସହିତ ୫.୧.୨୦୨୨ତାରିଖରେ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ସମସ୍ତ ରାଜନୈତିକ ଦଳକୁ ବୁଥ ସ୍ତରରେ ଏଜେଣ୍ଟ ନିଯୁକ୍ତ କରିବା ପାଇଁ ବୈଠକରେ ନିବେଦନ କରାଯାଇଥିଲା । ବୁଥସ୍ତରୀୟ ଅଧିକାରୀମାନଙ୍କର ବୈଠକ ଡାକି ସେମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରିବା, ସଂଶୋଧନ କାର୍ଯ୍ୟକ୍ରମ ସମ୍ପର୍କରେ ବ୍ୟାପକ ପ୍ରଚାର-ପ୍ରସାର କରିବା, ସମସ୍ତ ବୁଥସ୍ତରୀୟ ଏଜେଣ୍ଟଙ୍କ ସହ ଯୋଗାଯୋଗ ରକ୍ଷା ପୂର୍ବକ କାର୍ଯ୍ୟ କରିବା, ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ତାହାର ଫଇସଲା ପାଇଁ ବୈଠକରେ ମତପ୍ରକାଶ ପାଇଥିଲା । ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଏହି ସଂଶୋଧନ ପ୍ରକ୍ରିୟା କାର୍ଯ୍ୟକ୍ରମ ସମସ୍ତ ବୁଥମାନଙ୍କରେ କରାଯାଉଥିବା ବେଳେ ଜିଲାରେ ମୋଟ ୧୮୮୭ଟି ବୁଥ ରହିଛି । ଜିଲ୍ଲାର ଭୋଟର ସଂଖ୍ୟା ଏବେ ୧୮ଲକ୍ଷ ୪୨ହଜାର ୨୨୩ରହିଛି। ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମକୁ ସଫଳତା ପାଇଁ ବୈଠକରେ ଜିଲାପାଳ କେ ସୁଦର୍ଶନ ଚକ୍ରବର୍ତ୍ତୀ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଜିଲାର ପ୍ରତି ବୁଥରେ ପ୍ରକାଶ ପାଇବାକୁ ଥିବା ଡ୍ରାଫ୍ଟ ଭୋଟର ତାଲିକାର ଅନୁଧ୍ୟାନ କରିବା ସହିତ ସେଥିରେ କିଛି ତ୍ରୁଟି ଥିଲେ ତାହା କର୍ତୃପକ୍ଷଙ୍କ ଦୃଷ୍ଟିକୁ ଆଣିବା ଏବଂ ସଂଶୋଧନ ପାଇଁ ଭୋଟରଙ୍କୁ ସଚେତନ କରାଇବାକୁ ଜିଲ୍ଲାପାଳ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ କହିଥିଲେ । ସେହିପରି ଭୋଟର ହେଲ୍ପଲାଇନ ମୋବାଇଲ ଆପ ମାଧ୍ୟମରେ ମଧ୍ୟ ଏବେ ଭୋଟରମାନେ ତ୍ରୁଟି ସଂଶୋଧନ ପାଇଁ ଆବେଦନ କରିପାରିବେ । ଏ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ସହ ନୂତନ ଯୁବ ଭୋଟରମାନେ କିଭଳି ଅଧିକରୁ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରିବେ ସେଥିପ୍ରତି ଉଦ୍ୟମ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଭୋଟର ତାଲିକା ସଂଶୋଧନ ଚାହୁଁଥିବା ଭୋଟର ନିର୍ଦ୍ଧାରିତ ଫର୍ମ ୬,୬(କ),୭,୮ ଓ ୮ (କ)ରେ ଆବେଦନ କରିପାରିବେ । ଏହି ଫର୍ମ ବୁଥ ଗୁଡିକରେ ଉପଲବ୍ଧ ହେଉଅଛି । ଯେଉଁମାନଙ୍କର ବୟସ ୦୧ ଜାନୁଆରୀ ୨୦୨୨ ସୁଦ୍ଧା ୧୮ ବର୍ଷ ବୟସ ହୋଇଛି ସେମାନେ ୬ ନମ୍ବର ଫର୍ମ ମାଧ୍ୟମରେ ବୁଥସ୍ତରୀୟ ଅଧିକାରୀଙ୍କ ନିକଟରେ ପଞ୍ଜୀକରଣ ପାଇଁ ଆବେଦନ କରିପାରିବେ । ସଂଶୋଧନ ପ୍ରକ୍ରିୟାରେ ବିଭିନ୍ନ ଫର୍ମକୁ କିଭଳି ଠିକ ଢଙ୍ଗରେ ବ୍ୟବହାର କରିହେବ ତାହା ଉପରେ ବୈଠକରେ ଆଲୋଚନା ହୋଇଥିଲା ।

# ସୁବର୍ଣ୍ଣରେଖା ମହାବିଦ୍ୟାଳୟରେ ପ୍ଲାଷ୍ଟିକ ବର୍ଜନ କାର୍ଯ୍ୟକ୍ରମ




ବାଲିଆପାଳ,୨୯/୧୦ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣରେଖା ମହାବିଦ୍ୟାଳୟ ଏନସିସି ଶାଖା ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସପ୍ତମ ଓଡିଶା ବାଟାଲିୟନ ଏନସିସି ଭଦ୍ରକ ଆନୁକୁଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଏନସିସି ଶାଖାର ତତ୍ତ୍ୱାବଧାରକ ଅଧିକାରୀ ପ୍ରଶାନ୍ତ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜିର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଜିର ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧକ୍ଷ ଡ.ସରୋଜ କୁମାର ଗିରି ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ୧୬ ଜଣ ଏନସିସି କ୍ୟାଡେଟ ମହାବିଦ୍ୟାଳୟ ପରିସର ତଥା ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ପରିସର ଏବଂ ପାଖରେ ଥିବା ମନ୍ଦିର ବିଭିନ୍ନ ବ୍ୟବସାୟିକ ବଜାର ସମ୍ମୁଖରେ ସଫେଇ କାର୍ଯ୍ୟକ୍ରମ କରିବା ସହ ସ୍ଲୋଗାନ ମାଧମରେ ଲୋକମାନଙ୍କୁ ସଚେତନ ବାର୍ତା ଦେଇଥିଲେ ।

# ଭାରତ-ପାକିସ୍ତାନ ଯୁଦ୍ଧର 'ସ୍ୱର୍ଣ୍ଣିମ ବିଜୟ ବର୍ଷ'

## ସମ୍ମାନିତ ହେବାକୁ ବାଲେଶ୍ୱରରୁ ୪ ଯବାନଙ୍କ ଭୁବନେଶ୍ୱର ଯାତ୍ରା

ବାଲେଶ୍ୱର,୨୯/୧୦ (ନି.ପ୍ର): ୫୦ ବର୍ଷ ପୂରିଥିବା ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧକୁ ସ୍ମରଣୀୟ କରିବା ପାଇଁ ଚଳିତ ବର୍ଷ ସମଗ୍ର ଦେଶରେ ପାଳିତ ହେଉଛି ସ୍ୱର୍ଣ୍ଣିମ ବିଜୟ ବର୍ଷ । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ହେବା ପାଇଁ ବାଲେଶ୍ୱରରୁ ୪ଜଣ ଅବସରପ୍ରାପ୍ତ ବର୍ଷୀୟାନ ଯବାନ ଶୁକ୍ରବାର ଭୁବନେଶ୍ୱର ଯାତ୍ରା କରିଛନ୍ତି। ଏହି ୪ ବୀର ଯବାନ ହେଲେ ସହଦେବଖୁଣ୍ଟା ଅଞ୍ଚଳର ଅବସରପ୍ରାପ୍ତ ମେଜର ଜେନେରାଲ(ଆର୍ମି) ଆର.କେ.ସାହୁ, ନୀଳଗିରି ଶ୍ୟାମସୁନ୍ଦରପୁରର ଅବସରପ୍ରାପ୍ତ ଆର୍ମି ସିଗନାଲ ଫୋର୍ସ ବିଭାଗର ହାବିଲଦାର ଉମାକାନ୍ତ ମଲିକ, ଦରଖୁଳିର ଅବସରପ୍ରାପ୍ତ ଆର୍ମି ନାୟକ ଭାଗୀରଥି ପଣ୍ଡା ଓ ମାନସିଂବଜାର ଅଞ୍ଚଳର ଅବସରପ୍ରାପ୍ତ ଏୟାରଫୋର୍ସର ୱାରେଣ୍ଟ ଅଫିସର ଅଶ୍ୱିନୀ କୁମାର ବର୍ଦ୍ଧନ। ଏମାନେ ୧୯୭୧ ମସିହା ଭାରତ-ପାକିସ୍ତାନ ଯୁଦ୍ଧରେ ସାମିଲ ହୋଇଥିଲେ। 'ସ୍ୱର୍ଣ୍ଣିମ ବିଜୟ ବର୍ଷ' ପାଳନ ଅବସରରେ ଏହି ଯୋଦ୍ଧାମାନେ ଭୁବନେଶ୍ୱର ରାଜଭବନରେ ରାଜ୍ୟପାଳଙ୍କ ସହ ସାକ୍ଷାତ କରିବା ସହ ୩୧ତାରିଖ ସଂଧ୍ୟାରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ହେବେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ତଥା ଜିଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ଗାଡ଼ିରେ ବାଲେଶ୍ୱରରୁ ଏହି ୪ ଯବାନ ଯାତ୍ରା କରିଥିଲେ। ଡେପୁଟୀ କଲେକ୍ଟର ଶରତ କୁମାର ଗିରି ଓ ଜିଲା ଜରୁରୀକାଳୀନ ଅଧିକାରୀ ରିଜୱାନା କଅକବ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିବା ସହ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ୧୯୭୧ ମସିହା ଯୁଦ୍ଧରେ ଭାରତ ଅଭୂତପୂର୍ବ ବିଜୟ ହାସଲ କରିଥିବା ବେଳେ ଏକ ସ୍ୱାଧୀନ ଦେଶ ଭାବେ ବାଂଲାଦେଶ ବିଶ୍ୱ ମାନଚିତ୍ରରେ ସ୍ଥାନ ପାଇଥିଲା । ଏହି ଯୁଦ୍ଧରେ ସାମିଲ ବୀର ଯବାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ମାନିତ କରିବା ପାଇଁ ନିଷ୍ପତି ନିଆଯାଇଛି। ଏନେଇ ଏକ ବିଜୟ ମଶାଲ ଶୋଭାଯାତ୍ରା ଦେଶର ବିଭିନ୍ନ ରାଜ୍ୟ ପରିଭ୍ରମଣ ସହ ଗତ ୨୦ ତାରିଖରୁ ଓଡ଼ିଶାରେ ପହଞ୍ଚିଛି। ଆସନ୍ତା ନଭେମ୍ବର ୭ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ ଦେଇ ଅତିକ୍ରମ କରିବାର କାର୍ଯ୍ୟକ୍ରମ ରହିଛି ।

# ବାଚସ୍ପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୯/୧୦ (ନି.ପ୍ର): ରାଜ୍ୟରେ ବାଲ୍ୟବିବାହ ଏବଂ ଶିଶୁ ଶ୍ରମିକ ପ୍ରଥାର ବିଲୋପ ସହ ଶିଶୁମାନଙ୍କ ଜୀବନଶୈଳୀରେ ଉଲ୍ଲେଖନୀୟ ପରିବର୍ତନ ଦିଗରେ ବିଧାୟକମାନଙ୍କ ଫୋରମ୍ ଗଠନ ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ଆଜି ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ୱେଚ୍ଛାସେବୀ ସଂସ୍ଥା ପ୍ରେମ୍ ଏବଂ ଏଡୁକୋ, ସ୍ପେନ୍ ପକ୍ଷରୁ ଏହି କାର୍ଯ୍ୟକ୍ରମର ବ୍ୟାପକ ରୂପାୟନ ହେଉଥିବା ପରିପ୍ରେକ୍ଷୀରେ ଶିଶୁମାନଙ୍କ ସାମୂହିକ କଲ୍ୟାଣ ପାଇଁ ବିଧାୟକ ଫୋରମ୍ ଗଠନ ସହ ଏ ଦିଗରେ ଆବଶ୍ୟକୀୟ ଆଇନ ପ୍ରଣୟନ ପାଇଁ ବାଚସ୍ପତି ଡ. ପାତ୍ର ପ୍ରୋତ୍ସାହନ ଓ ଦିଗ୍ଦର୍ଶନ ଦେଉଛନ୍ତି। ସେଥିପାଇଁ ତାଙ୍କୁ ଆଜି ଦୁଇ ସଂସ୍ଥା ତରଫରୁ ଉତରୀୟ ଓ ଫଳକ ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ବାଚସ୍ପତିଙ୍କ କକ୍ଷରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ସଭାରେ 'ପ୍ରେମ୍'ର ସଭାପତି ଜାବୋଦ ଥିଣ୍ଡିଲ୍, ଏଡୁକୋ, ସ୍ପେନ୍ ର ନିର୍ଦ୍ଦେଶକ ଗୁରୁପ୍ରସାଦ ରାଓ, ପ୍ରେମ୍ ର ଲୋକସଂପର୍କ ଅଧିକାରୀ ରତନ ମିଶ୍ର, କାର୍ଯ୍ୟକ୍ରମ ପରିଚାଳକ ସ୍ୱାଧୀନ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ ।

# ସାମୁଦ୍ରିକ କଇଁଚ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୯/୧୦ (ନି.ପ୍ର): ବାଲେଶ୍ୱର ବନ୍ୟପ୍ରାଣୀ (ୱାଇଲ୍ଡ ଲାଇଫ) ପକ୍ଷରୁ ସାମୁଦ୍ରିକି କଇଁଚ ସଂରକ୍ଷଣ ଓ ସୁରକ୍ଷା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଭେନ୍ୟା ପାରାଡାଇଜ କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମକୁ ମୁଖ୍ୟଅତିଥି ବାଲେଶ୍ୱର ଆରକ୍ଷୀ ଅଧୀକ୍ଷକ ଶୁଧାଂଶୁ ଶେଖର ମିଶ୍ର ଉଦଘାଟନ କରିଥିଲେ। ବିଶ୍ୱର ଜଳ, ସ୍ଥଳ ଓ ଆକାଶରେ ଜୈବ ବିବିଧତାରେ ସନ୍ତୁଳନ ରକ୍ଷା ପାଇଁ ବରିଳ ପ୍ରଜାତି ପ୍ରାଣୀଙ୍କ ସୁରକ୍ଷା ଏକାନ୍ତ ଆବଶ୍ୟକ ବୋଲି ସେ କହିଥିଲେ। ବିଶେଷ କରି ସମୁଦ୍ରିକ କଇଞ୍ଚ (ଅଲିଭ ରିଡଲେ)ଙ୍କ ବଂଶବୃଦ୍ଧି ଓ ସେମାନଙ୍କ ସୁରକ୍ଷା ପାଇଁ ସବୁ ମହଲରୁ ଉଦ୍ୟମ କରିବାକୁ ସେ ଆହ୍ୱାନ ଦେଇଥିଲେ। ତେବେ ନିୟମ ଉଲଂଘନକାରୀଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାଲେଶ୍ୱର ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସା ଅଧିକାରୀ ରଞ୍ଜନ କୁମାର ଦାସ ଏଥିରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିରଳ ସାମୁଦ୍ରିକ ଜୀବ ଅଲିଭ ରିଡଲେଙ୍କ ସୁରକ୍ଷା ଦାୟିତ୍ୱ ସମସ୍ତଙ୍କର ବୋଲି କହିଥିଲେ। ସେମାନଙ୍କ ବଂଶବୃଦ୍ଧି ଓ ସଂରକ୍ଷଣ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ନିଆଯାଉଥିବା ବେଳେ ଏଥିପ୍ରତି ସମସ୍ତେ ସଚେତନ ହେବାର ଆବଶ୍ୟକତା ରହିଛି ବୋଲି ସେ ମତ ପ୍ରକାଶ କରିଥିଲେ। ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ଏଥିରେ ସଭାପତିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ।

# ଦୀନକୃଷ୍ଣ ସ୍ମୃତି ପରିଷଦ ପକ୍ଷରୁ ଗୁରୁ ଓ କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ୧୧୯ ତମ ଜୟନ୍ତି ପାଳିତ



ଜଳେଶ୍ୱର, ୨୯/୧୦(ନିପ୍ର): ପ୍ରଖ୍ୟାତ ଗୁରୁ ତଥା ବିଶିଷ୍ଟ କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ୧୧୯ ତମ ଜୟନ୍ତୀ ଉତ୍ସବ କରୋନା କଟକଣା ନିୟମ ଅନୁସାରେ ତାରୁଣ୍ୟ ମିଳନ କକ୍ଷରେ କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଥମେ କବିଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାପରେ ପରିଷଦର ସଂପାଦକ ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ପୂଜ୍ୟପୂଜା ମର୍ମରେ ମହାନ୍ ଗୁରୁ ଓ କବି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଜୟନ୍ତୀ ଉତ୍ସବ ତାଙ୍କ ଜୀବଦଶାରେ ଅଦ୍ୟାବଧି ଦୀର୍ଘ ୪୧ବର୍ଷ ଧରି ପାଳନ କରାଯାଉଥିବା ବିଷୟ ସୂଚାଇଥିଲେ। ଏହି ଅବସରରେ ଶିକ୍ଷା ସାରଣୀ ଓ କାବ୍ୟଚେତନାରେ ପୂର୍ଣ୍ଣଚନ୍ଦ୍ର ଶିର୍ଷକ ଆଲୋଚନାରେ ଡ. ରମାକାନ୍ତ ଭଂଜ, ଗଣେଶ ଚନ୍ଦ୍ର ପରିଡା, କବି କାର୍ତ୍ତିକ ଚନ୍ଦ୍ର ଦାସ, ଜଗେଶ ଚନ୍ଦ୍ର ରାଉଳ, ଶରତଚନ୍ଦ୍ର ପରିଡା, ଇନ୍ଦୁମତି ଗିରି, ରଂଜନ କୁମାର ଘୋଷ, ଚମ୍ପାମଣି ଘୋଷ, ନିକୁଞ୍ଜ ଘୋଷ, ସୁଜାତା ସାମଲ ପ୍ରମୁଖ ଅଂଶ ଗ୍ରହଣ କରି ତାଙ୍କର ୪୦ବର୍ଷର ଶିକ୍ଷକତା ଜୀବନ ଓ କାବ୍ୟକବିତାର ବିଭିନ୍ନ ଅଂଗିକ ଓ ଆତ୍ମିକ ଦିଗ ଉପରେ ସବିଶେଷ ଆଲୋଚନା କରିଥିଲେ । ତାଙ୍କର ଅପ୍ରକାଶିତ ଗ୍ରନ୍ଥ ଓ ଜୀବନୀ ପୁସ୍ତକ ପ୍ରକାଶ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶ୍ରୀ ନଳିନିକାନ୍ତ ମହାପାତ୍ର ବେଦପାଠ କରିଥିବା ବେଳେ ଗୁରୁଙ୍କ ପୁତ୍ର ବିନୟ କୁମାର ପ୍ରଧାନ କାଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଜ୍ୟୋତିଷ ଚନ୍ଦ୍ର କର ଧନ୍ୟବାଦ ଅର୍ପଣ କରିଥିଲେ ।


# ବିପର୍ଯ୍ୟୟ ପ୍ରଶମନ ଦିବସ ଅବସରରେ ପ୍ରଶାସନର ଶପଥ ପାଠ

ବାଲେଶ୍ୱର,୨୯/୧୦ (ନି.ପ୍ର): ଓଡ଼ିଶା ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ ଅବସରରେ ବାଲେଶ୍ୱର ଜିଲା ପ୍ରଶାସନ ପକ୍ଷରୁ ଏକ ଶପଥପାଠ କାର୍ଯ୍ୟକ୍ରମ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିବା ସହ ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କୁ ଏହି ଶପଥପାଠ କରାଇଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀଙ୍କ ସମେତ ଏନଡିଆରଏଫ ଓ ଓଡ୍ରାଫ ଯବାନମାନେ ଏଥିରେ ଯୋଗ ଦେଇ ବିପର୍ଯ୍ୟୟ ମୁକାବିଲା ପାଇଁ ସଚେତନତା ବୃଦ୍ଧି ସହ ନିଜ ଶକ୍ତି ଓ ସାମର୍ଥ୍ୟ ହିସାବରେ କାର୍ଯ୍ୟ କରିବା ଏବଂ ଉଦ୍ଧାର କାର୍ଯ୍ୟରେ ଅନ୍ୟକୁ ସାହାଯ୍ୟ କରିବା ନିମନ୍ତେ ଶପଥ ନେଇଥିଲେ । ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ଉପଯୁକ୍ତ ପ୍ରଶିକ୍ଷଣ ପାଇଁ ପ୍ରତି ମାସରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଭିନ୍ନ ବିଭାଗ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ଟିମ ଭାବେ କାର୍ଯ୍ୟ କରିବା ଉପରେ ସେ ଗୁରୁତ ଦେଇଥିଲେ । ଚଳିତ ବର୍ଷର ପ୍ରସଙ୍ଗ "ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଓ ପଞ୍ଚାୟତିରାଜ ଅନୁଷ୍ଠାନର କର୍ମୀ ବିପର୍ଯ୍ୟୟ ପ୍ରସ୍ତୁତିର ମେରୁଦଣ୍ଡ" ଉପରେ ଆଲୋକପାତ କରି ସେମାନଙ୍କ ଭୂମିକା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ଜିଲାପାଳ କହିଥିଲେ । ଏମିତିକି ବିପର୍ଯ୍ୟୟ ପରିଚାଳନାରେ ଉଭୟ ଏନଡିଆରଏଫ ଏବଂ ଓଡ୍ରାଫର କାର୍ଯ୍ୟକୁ ସେ ପ୍ରଶଂସା କରିଥିଲେ।

# ଡ୍ରାଇଭର ମହାସଂଘର ଦାବିକୁ କଂଗ୍ରେସର ସମର୍ଥନ

ଭୁବନେଶ୍ୱର,୨୯/୧୦ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘର ୧୦ ଗୋଟି ଦାବି ପୂରଣ ନିମନ୍ତେ ମହାସଂଘ ପକ୍ଷରୁ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା ବିକ୍ଷୋଭ କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ଯଜ୍ଞେଶ୍ୱର ବାବୁ, ମୁଖପାତ୍ର ପଦ୍ମାକର ଗୁରୁ ଓ ମନୋରଞ୍ଜନ ଦାଶ, ସଂପାଦକ ପ୍ରଦୀପ ମହାପାତ୍ର ଯୋଗଦେଇ ଡ୍ରାଇଭର ମାନଙ୍କର ବିଭିନ୍ନ ଅଭାବ ଅସୁବିଧା ସଂପର୍କରେ ଅବଗତ ହୋଇଥିଲେ। ଜନସାଧରଣଙ୍କର ଆକ୍ରୋଶ ହେଉଥିବା ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ପ୍ରତି ୧୦୦ କିମି ଅନ୍ତରରେ ଗାଡ଼ିପାର୍କିଂ ଡ୍ରାଇଭର ମାନଙ୍କ ପାଇଁ ବିଶ୍ରାମାଗାର, ଶୌଚାଳୟ ବ୍ୟବସ୍ଥା, ୫୫ ବର୍ଷପରେ ପେନସନ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭର ମାନଙ୍କ ପାଇଁ ୨୦ଲକ୍ଷ ଟଙ୍କା, ଅକର୍ମଣ୍ୟଙ୍କ ପାଇଁ ୧୦ ଲକ୍ଷ ଟଙ୍କା ଓ ଚିକିତ୍ସା ନିମନ୍ତେ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତାର ବ୍ୟବସ୍ଥା, ଡ୍ରାଇଭର ମାନଙ୍କୁ ଦ୍ୱିତୀୟ ସୈନିକର ମାନ୍ୟତା, ଡ୍ରାଇଭର ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ପ୍ରଦାନ, ସେମାନଙ୍କ ପିଲମାନଙ୍କ ପାଇଁ ଉଚ୍ଚଶିକ୍ଷାର ବ୍ୟବସ୍ଥା ପ୍ରମୁଖ ୧୦ଗୋଟି ଦାବି ପୂରଣ ନିମନ୍ତେ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଛି। ମହାସଂଘର ଏହି ଦାବି ଗୁଡ଼ିକ ପ୍ରତି କଂଗ୍ରେସ ସମର୍ଥନ ଜଣାଇବା ସହ ସରକାର ତୁରନ୍ତ ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରିବାକୁ କଂଗ୍ରେସ ପକ୍ଷରୁ ଦୃଢ଼ ଦାବି କରାଯାଇଛି।

# ସିଆଇଟିୟୁ, ଏଆଇଟିୟୁସି,ଏଟିଏମଏସର ବିକ୍ଷୋଭ




ବାରିପଦା,୨୯/୧୦ (ନି.ପ୍ର): ଆଜି ବାରିପଦା ରେଲୱେ ଷ୍ଟେସନ ନିକଟରୁ ଓଡ଼ିଶା କନଷ୍ଟ୍ରକସନ ୱାର୍କରସ୍ ୟୁନିୟନ (ଏଫିଲେଟେଡ୍ ସିଆଇଟିୟୁ), ଓଡ଼ିଶା ଜଙ୍ଗଲ କୃଷି ଓ ଗୃହ ନିର୍ମାଣ ଶ୍ରମିକ ସଂଘ (ଏଫିଲେଟେଡ଼ ଏଆଇଟିୟୁସି) ଓ ଏଟିଏମଏସ (ଏଫିଲେଟେଡ୍ ନିର୍ମାଣ ଶ୍ରମିକ ସଂଘ) ପକ୍ଷରୁ ଏକ ମିଳିତ ପଟୁଆର ଜିଲ୍ଲା ଶ୍ରମ ଅଫିସ ସମ୍ମୁଖରେ ପହଞ୍ଚି ନଅଦଫା ଦାବୀ ସପକ୍ଷରେ ବକ୍ଷୋଭ ପ୍ରଦର୍ଶନ କରିବା ସହିତ ଏକ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ସିଆଇଟିୟୁର ଜିଲ୍ଲା ସମ୍ପାଦକ ଅମଲ ଦେ ପୌରହିତ୍ୟ କରିଥିଲେ । ସଭାରେ ଏକ ବିପ୍ଳବୀ ସଂଗୀତ ପରିବେଷଣ କରିଥିଲେ ସିଆଇଟିୟୁର ଜିଲ୍ଲା କମିଟି ସଦସ୍ୟ ବିର୍କତନ କବି ପରେ ସଭାପତି ଅମଲ ଦେ ଦାବିର ଯଥାର୍ଥତା ବିଷୟେ କହିବା ସହିତ କେନ୍ଦ୍ର ସରକାର ଯେଉଁ ନୂଆ ଆଇନ ଆଣିଛନ୍ତି ସେଥିରେ ୧୦ ଲକ୍ଷ ଟଙ୍କା ବଦଳରେ କେବଳ ମାତ୍ର ୫୦ଲକ୍ଷ ବା ତାଉପରେ ହୋଇଥିବା ନିର୍ମାଣ କାମ ଉପରୁ ସେସ ଆଦାୟ କରାଯିବ । ଏଥିରେ ବୋର୍ଡର ସେସ୍ ଆଦାୟ ବହୁତ କମିଯିବ । ଏଟିଏମଏସ ର ରବୀନ୍ଦ୍ର କୁମାର ଶେଠୀ ଓ ଏଆଇଟିୟୁସି (ଓଡ଼ିଶା ଜଙ୍ଗଲ କୃଷି ଓ ଗୃହ ନିର୍ମାଣ ଶ୍ରମିକ ସଂଘ)ର କାହ୍ନୁ ଚରଣ ବେହେରା ଜିଲ୍ଲାରେ ଶ୍ରମୀକ ମାନଙ୍କର ସ୍ଥିତି ବିଷୟରେ ଆଲୋଚନା କରିଥଲେ । ସିଆଇଟିୟୁର ଖଗେଶ୍ୱର କବି ଓ କ୍ଷେତମୂଲିଆ ୟୁନିୟନର ରାଜ୍ୟ ସଭାପତି ହରିଶ ଚନ୍ଦ୍ର ସିଂ ତାଙ୍କ ମାନଙ୍କ ବକ୍ତବ୍ୟରେ ବର୍ତମାନର ପରିସ୍ଥିତି , ଦରଦାମ ବୃଦ୍ଧି , ଶ୍ରମ ଆଇନ ପରିବର୍ତନ କରି ପୁଞ୍ଜିପତି ତୋଷଣ ଓ ଚାଷୀ ମାନଙ୍କ ବିରୁଦ୍ଧରେ ଆଣିଥିବା ୩ଟି କୃଷି ଆଇନ ଉଚ୍ଛେଦ ପାଇଁ ଚାଷୀମାନେ ଗତ ୧୧ ମାସ ଧରି ଦୀଲ୍ଲୀ ସୀମାରେ ତାଙ୍କର ଅନ୍ଦଲୋନ ଜାରି ରଖିଥିବା ବେଳେ, ୭୦୦ ରୁ ଅଧିକ କୃଷକ ଆନ୍ଦଲୋନରତ ଅବସ୍ଥାରେ ଶହୀଦ ହୋଇଥିବାର କଥା କହିଥିଲେ ଏବଂ କେନ୍ଦ୍ର ସରକାରର ଜନ ସ୍ୱାର୍ଥ ବିରୋଧୀ ନୀତି ବିରୁଧରେ ବ୍ୟାପକ ଗଣ ଆନ୍ଦଲୋନ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ । ସିଆଇଟିୟୁର ଅଗଣା ବେହେରା ,ଶଙ୍କର୍ଷଣ ତରାଇ ବୀଣା କବି , ଭବେନ୍ଦ୍ର ନାଥ ଦାସ , ଭରତ ହୁଇ , ତାରାକାନ୍ତ କବି, ଏଆଇଟିୟୁସି ମହେଶ୍ୱର ବେହେରା ,ଦେବେନ୍ଦ୍ର ନାଥ କୁଣ୍ଡୁ , କୃତିବାସ ନାଥ ,ଦୀପକ ବୋସ ,ହିମାଂଶୁ ମାଇତି ,ଚାନ୍ଦରାୟ ମାହାଳି ,ଏଟିଏମଏସର ବିଶ୍ୱନାଥ ବାରିକ ,ଦିବାକର ଦାସ ,ସାବିତ୍ରୀ ଦାସ ,ଦେବେନ୍ଦ୍ର ମୁଣ୍ଡା ପ୍ରମୁଖ ସଭା ପରିଚାଳନା କରିଥିଲେ ।

# କେନ୍ଦ୍ର ଆଇନମନ୍ତ୍ରୀଙ୍କୁ ଭେଟିଲେ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର

## ଜିଲ୍ଲାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ କଲେ ଦାବି



ବାରିପଦା,୨୯/୧୦ (ନି.ପ୍ର): ଜଳଶକ୍ତି ଓ ଆଦିବାସୀ ବ୍ୟାପାର ବିଭାଗର କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ତଥା ମୟୁରଭଞ୍ଜ ସାଂସଦ ଇଂ ବିଶେଶ୍ୱର ଟୁଡୁ ନୂଆଦିଲ୍ଲୀ ଠାରେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀ କିରନ୍ ରିଜିଜୁଙ୍କୁ ଭେଟି ମୟୂରଭଞ୍ଜରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ପାଇଁ ଦାବୀ ଜଣାଇଛନ୍ତି । ଏହି ବୈଠକରେ ମୟୂରଭଞ୍ଜ ଜିଲ୍ଲାବାସୀଙ୍କ ବହୁ ଦିନର ଦାବି ଥିବା ଜିଲ୍ଲାରେ ଏକ ଉଚ୍ଚ ନ୍ୟାୟାଳୟ ବେଂଚ ପ୍ରତିଷ୍ଠା ପାଇଁ ରହିଥିବା ଜିଲ୍ଲାବାସୀଙ୍କ ଦାବିକୁ କେନ୍ଦ୍ରମନ୍ତ୍ରୀ ଇଂ ଟୁଡୁ ଉପସ୍ଥାପନା କରିଥିଲେ । ଏଥି ସହିତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ଓଡ଼ିଶା ହାଇକୋର୍ଟରେ ଆଇନଜୀବୀ ନିଯୁକ୍ତିରେ ବିବାଦ ସୃଷ୍ଟି ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଆଲୋଚନା କରିଥିଲେ । ତେବେ ଜିଲ୍ଲାର ନ୍ୟାର୍ଯ୍ୟ ଦାବୀ ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହ କାର୍ଯ୍ୟଧାରା ନେଇ ସମ୍ପୂର୍ଣ୍ଣ ଆଲୋଚନା କରିଥିଲେ । ଏହି ସାକ୍ଷାତ ଆଲୋଚନା ସମୟରେ ବଜେପିର ବରିଷ୍ଠ ନେତା ଜିବନ କୁମାର ସାହୁ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥଲେ । ତେବେ ଏକଦା ମୟୂରଭଂଜ ସ୍ୱତନ୍ତ୍ର ରାଜ୍ୟ ଥିବା ବେଳେ ଏଠାରେ ହାଇକୋର୍ଟ ରହିଥିଲା । ପରବର୍ତୀ ସମୟରେ ଓଡିଶାର ଏକ ଜିଲ୍ଲା ଭାବରେ ମୟୂରଭଞ୍ଜ ପରିଗଣିତ ହେବା ପରେ ସରକାର ଏଠାରୁ ହାଇକୋର୍ଟ ଉଠାଇ ନେଇଥିଲେ । ଏଣୁ ଜିଲ୍ଲାରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା ଦାବୀ ଦୀର୍ଘଦିନରୁ ରହିଆସିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo